

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୫୦ ● ୨୧ ମାର୍ଚ୍ଚ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-50 ● 21st March 2026, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27



INCOME TAX DEPARTMENT

ଆୟକର ଆଇନ, ୨୦୨୫

୧ ଏପ୍ରିଲ ୨୦୨୬ରୁ କାର୍ଯ୍ୟକାରୀ

ଅଧିକ ସ୍ପଷ୍ଟ ଏବଂ ବୁଝିବା ସହଜ

ଆୟକର ଆଇନ 2025

ଏକ ବିକଶିତ ଭାରତର ଆଧାର

ସରଳ ଟିକସ, ସଶକ୍ତ ଭାରତ

ଟିକସ ଆଇନକୁ ସରଳ କରାଯାଇଛି

ବିକଶିତ ଭାରତର ଏକ ପରିଚୟ

'ଆଜି ଦେଶର ଲକ୍ଷ୍ୟ ହେଉଛି ଏକ ବିକଶିତ ଭାରତ, ଏକ ସଶକ୍ତ ଭାରତ ! ଆମେ ବିକଶିତ ଭାରତର ଏହି ସ୍ୱପ୍ନ ସାକାର ନହେବା ପର୍ଯ୍ୟନ୍ତ ଅଟକି ପାରିବୁ ନାହିଁ।'

– ଶ୍ରୀ ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



CBC 15401/13/0017/2526


## ବିଧାନସଭାରେ ନିର୍ମାଣ ସମେତ ୩ ଗୁରୁତ୍ୱପୂର୍ଣ୍ଣ ବିଭାଗ ଖର୍ଚ୍ଚ ଦାବି ପାରିତ

# ରାଜଧାନୀ ସହରର ଭିଡ ହ୍ରାସ ପାଇଁ ମାଷ୍ଟର ପ୍ଲାନକୁ ଅନୁମୋଦନ

**ଭୁବନେଶ୍ୱର, ୨୦।୩**

**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ବିଧାନସଭାରେ ନିର୍ମାଣ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ତାଙ୍କ ବିଭାଗର ୧୩୯୧୪ କୋଟି ୨୮ ଲକ୍ଷ ୬୨ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କ ବିଭାଗର ୩୧୯୯୭ କୋଟି ୨୩ ଲକ୍ଷ ୨୦ ହଜାର ଟଙ୍କାର ଖର୍ଚ୍ଚ ଦାବି ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କ ବିଭାଗ ପାଇଁ ୩୬୬୪ କୋଟି ୪୦ ଲକ୍ଷ ଟଙ୍କାର ଖର୍ଚ୍ଚ ଦାବି ଗୃହରେ ଉପସ୍ଥାପନ କରିଥିଲେ। ଏହି ତିନି ବିଭାଗ ଖର୍ଚ୍ଚ ଦାବି ଉପରେ ଗୃହରେ ମିଳିତ ଆଲୋଚନା ହୋଇଥିଲା। ତେବେ



ବିରୋଧୀ ଦଳ ଉଭୟ ବିଜେଡ଼ି ଓ କଂଗ୍ରେସର ବିଧାୟକମାନେ ଏହି ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନନେଇ ପ୍ରତିବାଦରେ କକ୍ଷ ତ୍ୟାଗ କରିଥିଲେ। କେବଳ ଶାସକ ଦଳର ବିଧାୟକମାନେ ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇଥିଲେ।

ନିର୍ମାଣ ବିଭାଗ ସମ୍ପର୍କିତ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ୫ବର୍ଷ ମଧ୍ୟରେ ବିଭାଗ ପକ୍ଷରୁ ୧୫ ହଜାର କିଲୋମିଟରର ବିଶ୍ୱସ୍ତରୀୟ ରାସ୍ତା ନେଟୱାର୍କ ନିର୍ମାଣ କରିବାକୁ ଯୋଜନା କରାଯାଇଛି। ଏହା ବ୍ୟତୀତ ୫୩୯୦ କିଲୋମିଟରର ଜାତୀୟ ରାଜପଥ ନିର୍ମାଣ ଓ ରକ୍ଷଣାବେକ୍ଷଣ କାମ ବିଭାଗ କରିବା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ରାସ୍ତା କାମ ମଧ୍ୟ ହାତକୁ ନେବ।

ମନ୍ତ୍ରୀ କହିଥିଲେ ରାଜଧାନୀ ଭୁବନେଶ୍ୱର ସହରରେ ଭିଡ ହ୍ରାସ ପାଇଁ ପ୍ରସ୍ତୁତ କରାଯାଇଥିବା ଯୋଜନା ଅଧୀନରେ ପ୍ରମୁଖ ରାସ୍ତାପ୍ରକଳ୍ପ ଗୁଡିକୁ ନିଆଯାଇଛି। ଏଥିରେ ସାଲିଆ ସାହି ବିସ୍ତାର ଏବଂ ଚୂନକୋଳି ପର୍ଯ୍ୟନ୍ତ ବାମ ସମାନ୍ତରାଳ ରାସ୍ତା ନେଟ୍‌ୱାର୍କ (୧୧.୮୭ କିଲୋମିଟର), ଡାହାଣ *(ପୃଷ୍ଠା ୭ରେ)*

# ୨୫ରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି

**ପୁରୀ, ୨୦।୩**

**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୫ ତାରିଖ ବୁଧବାର ରତ୍ନଭଣ୍ଡାରରୁ ଅଳଙ୍କାର ଗଣତିମଣତି ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି। ମାହେନ୍ଦ୍ର ବେଳା ମାର୍ଚ୍ଚ ୨୫ ଚୈତ୍ର ଶୁକ୍ଳ ସପ୍ତମୀ ତିଥି ୧୨.୦୯ ରୁ ୧.୪୫ ମଧ୍ୟରେ ହେବ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି। ଭିଡ଼ିଓଗ୍ରାଫି, ଫଟୋଗ୍ରାଫି, ଥ୍ରିଡି ମ୍ୟାପିଂ ହେବ। ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର ଗଣତିମଣତି ହେବ। ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।




ସେ କହିଛନ୍ତି ୧୯୭୮ ମସିହାର ଗଣତିମଣତିର ପୂର୍ଣ୍ଣାଙ୍ଗ ତାଲିକା ଅନୁଯାୟୀ ମେଳକ ହେବ। ସ୍ୱର୍ଣ୍ଣ ଅଳଙ୍କାର ହଳଦିଆ ରଙ୍ଗର ଭେଲଭେଟ କନାରେ ଗୁଡ଼ାଯାଇ ଟିଣ ବାକ୍ସ ଓ ପରେ ତାକୁ ସିନ୍ଧୁକରେ ରଖାଯିବ।ରୌପ୍ୟ *(ପୃଷ୍ଠା ୭ରେ)*

# ନିୟମିତ ହେଲେ ଚୁକ୍ତିଭିତ୍ତିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକ

**ଭୁବନେଶ୍ୱର, ୨୦।୩**

**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚୁକ୍ତିଭିତ୍ତିକ ଭାବେ କାମ କରୁଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକ ମାନଙ୍କୁ ନିୟମିତ କରିଛନ୍ତି। ୨୦୨୩-୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇଛି। ଏହା ଦ୍ୱାରା ରାଜ୍ୟର ୧୩ ହଜାରରୁ ଅଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନେ ଉପକୃତ ହୋଇଛନ୍ତି। ଏହି ଶିକ୍ଷକମାନେ ସେମାନଙ୍କର ଚାକିରୀରେ ଯୋଗଦାନ ସମୟ ଠାରୁ ନିୟମିତ ହୋଇଛନ୍ତି। ତେବେ, ସେମାନେ ଚାକିରୀରେ ଯୋଗଦାନ ସମୟ ଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ନୋଟେସନାଲ ବେନିଫିଟ୍ ପାଇବେ। ୨୦୨୬ ଜାନୁୟାରୀ ପହିଲା ଠାରୁ ନିୟମିତ *(ପୃଷ୍ଠା ୭ରେ)*

## ଗଞ୍ଜାମର ୫ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୨୦।୩**

**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ପାତ୍ରପୁର ତହସିଲର ନରସିଂହ ପ୍ରଧାନ (ପିତା – ଈଶ୍ୱର ପ୍ରଧାନ), ସନ୍ତୋଷ ବଡ଼ତ୍ୟା (ପିତା – ସତ୍ୟ ବଡ଼ତ୍ୟା) ଙ୍କର ଦୁଃଖଦ ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସେହିପରି ଗଞ୍ଜାମ ଜିଲ୍ଲା ସୋରଡ଼ା ତହସିଲର ଶଙ୍କର ଗୌଡ଼ (ପିତା – କିଶୋର ଗୌଡ଼), ସିଲୁ ମୁଳି (ପିତା –ବନମାଳୀ ମୁଳି), ଟୁଲୁ ଗୌଡ଼ (ପିତା – ପ୍ରଫୁଲ୍ଲ ଗୌଡ଼) ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର *(ପୃଷ୍ଠା ୭ରେ)*

# ଆମେରିକାର ଏଫ୍-୩୫ ଲଢୁଆ ବିମାନକୁ ଟାର୍ଗେଟ କଲା ଇରାନ

**ତେହେରାନ, ୨୦।୩**

ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ୨୧ ତମ ଦିନରେ ଆହୁରି ତୀବ୍ର ହୋଇଛି। ଏହି ସଂଘର୍ଷରେ ପ୍ରଥମ ଥର ପାଇଁ ଆମେରିକାର ସାମରିକ କ୍ଷମତାକୁ ଏକ କଠୋର ଆଘାତ ଲାଗିଛି। ଇରାନ ଦାବି କରିଛି ଯେ ସେ ଆମେରିକୀୟ ଏଫ୍-୩୫ ଲଢୁଆ ବିମାନକୁ କ୍ଷତି ପହଞ୍ଚାଇଛି।ଏହା ବ୍ୟତୀତ ଇସ୍ରାଏଲୀ ରିଫାଇନାରୀକୁ ଇରାନ ଏକ ବୋମା ମାଡ଼ କରି ଧ୍ୱଂସ କରିବାକୁ ଚେଷ୍ଟା କରିଛି।ଇରାନ ଆମେରିକାର ଏଫ୍-୩୫ ଲଢୁଆ ବିମାନ ଉପରେ ଆକ୍ରମଣର ଭିଡିଓ ମଧ୍ୟ ଜାରି କରିଛି। ରିପୋର୍ଟ ଅନୁସାରେ, ଇରାନର ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କର୍ପସ (ଆଇଆରଜିସି) ପ୍ରକୃତରେ ଏଫ-୩୫ ଉପରେ ଆକ୍ରମଣର ଭିଡିଓ ଫୁଟେଜ୍ ପ୍ରକାଶ କରିଛି। ତଥାପି ଏହି ଫୁଟେଜର ସତ୍ୟତା ଅସମାପ୍ତ ରହିଛି।କିନ୍ତୁ ଯାହା ନିଶ୍ଚିତ ହୋଇଛି ତାହା ହେଉଛି ଯେ ଆମେରିକାର କେନ୍ଦ୍ରୀୟ କମାଣ୍ଡ ସ୍ୱୀକାର କରିଛି ଯେ ଇରାନ ଉପରେ ଏକ ମିଶନରେ ଥିବା *(ପୃଷ୍ଠା ୭ରେ)*

## ଚତୁର୍ଥ ଦିନ ପାଇଁ ଗୃହ ଅଚଳ

# ସର୍ବଦଳୀୟ ବୈଠକରୁ ମିଳିଲାନି ନିର୍ଯ୍ୟାସ

**ଭୁବନେଶ୍ୱର, ୨୦।୩**

**ନ୍ୟୁଜ୍ ବ୍ୟୁରୋ**

କଟକ ଏସିସିବିରେ ଅଗ୍ନିକାଣ୍ଡ ଜନିତ ରୋଗୀ ମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ି ବସିଥିବା ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଶୁକ୍ରବାର ଲଗାତର ଚତୁର୍ଥ ଦିବସରେ ନାରାବାଜି ଓ ହଟ୍ଟଗୋଳ ଜାରି ରଖିବାରୁ ଗୃହକାର୍ଯ୍ୟ ବସ୍ତୁତଃ ଅଚଳ ହୋଇପଡ଼ିଥିଲା। ଏହି କାରଣରୁ ପ୍ରଥମାର୍ଦ୍ଧରେ ଗୃହରେ ପ୍ରଶ୍ନୋତ୍ତର ଓ ଶୂନ୍ୟକାଳ କାର୍ଯ୍ୟକ୍ରମ ଗୁରୁତର ଭାବେ ବାଧାପ୍ରାପ୍ତ ମଧ୍ୟ ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ବିରୋଧୀ ଦଳ



ବିଧାୟକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ଏବଂ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଏକାଧିକବାର ନିବେଦନ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିନଥିଲା। ଯାହାଫଳରେ ବାଚସ୍ପତି ବାଧ ହୋଇ *(ପୃଷ୍ଠା ୭ରେ)*

## ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ

## ଦେଶରେ ବଢ଼ିଲା ପ୍ରିମିୟମ ପେଟ୍ରୋଲ ଦର

**ନୂଆଦିଲ୍ଲୀ, ୨୦।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶରେ ପେଟ୍ରୋଲ୍ ଦାମକୁ ପ୍ରଭାବିତ କରିବା ଆରମ୍ଭ କରିଛି। ପ୍ରିମିୟମ୍ ପେଟ୍ରୋଲ୍ ଦାମ୍‌ରେ ଲିଟର ପିଛା ୨-୩ ଟଙ୍କାର ବୃଦ୍ଧି ହୋଇଛି। ଇଣ୍ଡିଆନ ଅଏଲର ଏକ୍ସପି୯୫ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମର ପାୱାର ପେଟ୍ରୋଲ୍ ଦାମ୍‌ରେ ବୃଦ୍ଧି ଘଟିଛି। ଏହି ଦରବୃଦ୍ଧି ଶୁକ୍ରବାରଠାରୁ କାର୍ଯ୍ୟକାରୀ ହୋଇଛି। ତେବେ ସାଧାରଣ ପେଟ୍ରୋଲ ଓ ଡିଜେଲ୍ ଦର ଅପରିବର୍ତ୍ତିତ ରହିଛି। କିଛି ଦିନ ପୂର୍ବେ ତୈଳ କମ୍ପାନିଗୁଡ଼ିକ ଉଭୟ ବାଣିଜ୍ୟିକ ଏଲପିଜି ଓ ଘରୋଇ ଏଲପିଜି ମୂଲ୍ୟ ବଢ଼ାଇଥିଲେ।

ଘରୋଇ ଏଲପିଜି ଦାମ୍ ୬୦ ଟଙ୍କା ବଢ଼ିଥିଲା। କେତେକ ଇଣ୍ଡିଆନ ଅଏଲ୍ ପେଟ୍ରୋଲ୍ ପମ୍ପରେ *(ପୃଷ୍ଠା ୭ରେ)*




ପବିତ୍ର ଇଦ୍-ଉଲ-ଫିତର-୨୦୨୬ ଅବସରରେ

ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)

DADLS-88



ଇଦ୍-ଉଲ୍-ଫିତର ପର୍ବ ଅବସରରେ

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା







## ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଲେ ଭାଇ-ଭଉଣୀ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଲେ ଭାଇ ଭଉଣୀ । ପ୍ରଥମ ଦକ୍ଷିଣ ଏସିୟ ଆନ୍ତର୍ଜାତୀୟ ଗୋଲ ସଟ୍ ବଲ୍ ଚମ୍ପିୟାନ୍‌ସିପ୍ ଖେଳରେ ଭାରତୀୟ ଦଳରେ ଖେଳିବାକୁ ଚୟନ ହୋଇଛନ୍ତି ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡର ଅପହଞ୍ଚ ଇଲାକାର କୁଡ଼ାସିଂଘା ଗାଁର ସୁରେନ୍ଦ୍ର ମେହେରଙ୍କ ପୁଅ ରାଜ ମେହେର ଓ ଝିଅ ପରି ମେହେର । ଆସନ୍ତା ଏପ୍ରିଲ ମାସ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଶ୍ରୀଲଙ୍କା ଦେଶର କଲମ୍ବୋରେ ଆୟୋଜିତ ଆନ୍ତର୍ଜାତୀୟ ଗୋଲ ସଟ୍ ବଲ୍ ଚମ୍ପିୟାନସିପ୍‌ରେ ଏହି ଭାଇ ଭଉଣୀ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ଭାରତୀୟ ଦଳ ପକ୍ଷରୁ ଖେଳ ଖେଳିବେ । ବୁଣାକାର ପରିବାରର ଦୁଇ ଭାଇ ଓ ଭଉଣୀ ଆନ୍ତର୍ଜାତୀୟ ଖେଳରେ ମନୋନୀତ ହୋଇଥିବାରୁ ସାରା ପରିବାର ଓ ସାର ଗାଁ ବେଶ୍ ଖୁସି ଅଛନ୍ତି ।

## ବଟେଶ୍ୱର ପୀଠକୁ ରାସ୍ତା ସଂଯୋଗୀକରଣରେ ବିଳମ୍ବ:ପର୍ଯ୍ୟଟକଙ୍କ ହଟହଟା

ରମ୍ଭା, ନ୍ୟୁଜ୍ ବ୍ୟୁରୋ



ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଦ ପଞ୍ଚାୟ ର କଣ୍ଟିଆ ଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବଟେଶ୍ୱର ପୀଠରୁ ଜାତୀୟ ରାଜପଥ ୧୬କୁ ସଂଯୋଗ ରାସ୍ତା ନିର୍ମାଣ ଧୀନ କାର୍ଯ୍ୟରେ ବିଳମ୍ବ ଯୋଗୁଁ ପର୍ଯ୍ୟଟକ ମାନେ ଅସୁବିଧା ଭୋଗୁ ଥିବା ବେଳେ ଏହି ରାସ୍ତା ଉପରେ ଯାତାୟତ ପାଇଁ ନିର୍ଭର କରିଥିବା ୩ ଗ୍ରାମର ଲୋକଙ୍କୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି । ଯାହାକୁ ନେଇ ବଟେଶ୍ୱର ଐତିହ ସଂରକ୍ଷଣ କମିଟିପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି । ଏନେଇ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରିବାକୁ ନିଷ୍ପତି ହୋଇଥିବା ସୂଚନା ମିଳିଛି । ସୋମବାର, ସଂକ୍ରାନ୍ତିରେ ବର୍ତମାନ ବଟେଶ୍ୱର ପୀଠକୁ ଭକ୍ତଙ୍କ ଭିଡ଼ ହେଉଥିବାବେଳେ ରାସ୍ତାର ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ରାସ୍ତା ପାର୍ଶ୍ୱରେ ଖୋଳି ପକାଯାଇଥିବା ଯୋଗୁଁ ଯାନବାହାନ ଯିବା ଆସିବାରେ ଆସୁଥିବା ସୃଷ୍ଟି ହେଉଛି । ଚାରି ମାସ ହେଲା ଖୋଲି ପଡ଼ିଥିବା ଯୋଗୁଁ ଠିକାଦାର ଜଣକ ଉକ୍ତ କାର୍ଯ୍ୟ ପାଇଁ ତତ୍ପରତା ନଥିବା ଜଣାପଡୁଛି । ଏହା ବିଳମ୍ବ ଯୋଗୁଁ ଦୁର୍ଘଟଣା ମଧ୍ୟ ହେଉଛି । ପର୍ଯ୍ୟଟକ ପ୍ରତ୍ୟେକ ଦିନ ବର୍ତମାନ ଆସୁଥିବା ବେଳେ ରାସ୍ତା ପାଇଁ ସମସ୍ୟା ସୃଷ୍ଟି ହେଉଛି । ପ୍ରଶାସନ ପକ୍ଷରୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ୬ ଖଣ୍ଡ ଗ୍ରାମର ଜନସାଧାରଣ ପକ୍ଷରୁ ଦାବି ହେଉଛି । ପ୍ରକାଶ ଯୋଗ୍ୟ ଯେ ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି । ରାସ୍ତା ନିର୍ମାଣ ପାଇଁ ଉକ୍ତ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ ହୋଇଛି । ପ୍ରାୟ ୫କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଟେଣ୍ଡର ମାଧ୍ୟମରେ କାର୍ଯ୍ୟଦେଶ ପାଇଥିବା ଠିକାଦାର ଜଣକ କିନ୍ତୁ ନିର୍ମାଣ କାର୍ଯ୍ୟରେ ଠିକ୍ ଭାବେ ତ୍ୱରାନ୍ୱିତ କରୁନାହିଁ । ଫଳରେ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ବଟେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି । ଜିଲ୍ଲାପାଳ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଯିବା ନେଇ ନିଷ୍ପତି ହୋଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି ।

## ଟିଟିଲାଗଡ଼ ଜିଆରପି ଥାନାରେ ନୂତନ ଥାନା ଅଧିକାରିଣୀଙ୍କ ଯୋଗଦାନ



ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ

ରାଉରକେଲା ରେଳବାଇ ଆରକ୍ଷୀ ଅଧିକ୍ଷକଙ୍କ ଅଧୀନରେ ଥିବା ଟିଟିଲାଗଡ଼ ସରକାରୀ ରେଳବାଇ ପୋଲିସ ଥାନାରେ ନୂତନ ଥାନା ଅଧିକାରିଣୀ ସନ୍ତୋଷୀ ମହନ୍ତ ତାଙ୍କରି କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଶ୍ରୀମତୀ ମହନ୍ତ ୨୦୦୮ ବ୍ୟାଚ୍‌ରେ ଓଡ଼ିଶା ପୋଲିସରେ ଉପ-ନିରୀକ୍ଷକ ଭାବେ କାର୍ଯ୍ୟରେ ଯୋଗଦାନ କରି ସମ୍ବଲପୁର ଜିଲ୍ଲାରେ ଏବଂ ପରେ ରାଉରକେଲା ରେଳବାଇ ପୋଲିସ ଜିଲ୍ଲାରେ ବେଶ୍ ଦକ୍ଷତା ଏବଂ ସଫଳତା ସହିତ କାର୍ଯ୍ୟ କରି ଆସିଛନ୍ତି । ଶ୍ରୀମତୀ ମହନ୍ତ ଏହା ପୂର୍ବରୁ କୋରାପୁଟ ସରକାରୀ ରେଳବାଇ ଥାନାରେ ଓଆଇସି ଭାବେ କାର୍ଯ୍ୟ କରୁଥିବା ସମୟରେ ବିଶେଷ ଭାବେ ଏନ୍‌ଡିପିଏସ୍ କେଶ ଗୁଡ଼ିକ ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରି ଏହି କାରବାର ଦମନ କରି ସୁନାମ ଅର୍ଜନ କରିଛନ୍ତି । ଟିଟିଲାଗଡ଼ ଜିଆରପି ଥାନାରେ ଥିବା ପୁରୁଣା ଆଇଆଇସି ବିନୟ କୁମାର ଭୋଇ ପଶ୍ଚିମାଞ୍ଚଳ ରେଞ୍ଜ ହେଡ୍‌କ୍ୱାର୍ଟର ଡ଼ିଆଇଜି ରାଉରକେଲା କାର୍ଯ୍ୟାଳୟକୁ ବଦଳି ହୋଇଯାଇଛନ୍ତି । ଶ୍ରୀମତୀ ମହନ୍ତ କାର୍ଯ୍ୟରେ ଯୋଗଦାନ କରିବା ସମୟରେ ଟିଟିଲାଗଡ଼ ଜିଆରପି ଥାନାର ସେକେଣ୍ଡ ଅଧିକାରୀ ଉପ-ନିରୀକ୍ଷକ ନିକୁଞ୍ଜ ବାଗ ଏବଂ ସମସ୍ତ ସହକାରୀ ଉପ- ନିରୀକ୍ଷକ ଓ ପୋଲିସ କର୍ମଚାରୀ ବୃନ୍ଦ ଏବଂ ଏହି ଥାନା ଅଧୀନରେ ଥିବା କଣ୍ଟାବାଞ୍ଜି ସରକାରୀ ରେଳବାଇ ଫାଣ୍ଡି ଅଧିକାରୀ ଉପ-ନିରୀକ୍ଷକ ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସୋଫିଆ ଜନତା-କଂଗ୍ରେସ ପାଇଁ କାମ କରିବ:ମୋକିମ୍

କଟକ, ନ୍ୟୁଜ୍ ବ୍ୟୁରୋ

କ୍ରସ ଭୋଟିଂ ଅଭିଯୋଗରେ କଂଗ୍ରେସ ୩ ବିଧାୟକଙ୍କୁ ନିଲମ୍ବନ କରିଛି । କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗ, ରମେଶ ଜେନା ଏବଂ ସୋଫିଆ ଫିର୍ଦ୍ଦୋସ ପାର୍ଟିର 'ହୁଇପ୍'କୁ ନମାନି କ୍ରସ୍ ଭୋଟିଂ କରିଥିଲେ । ଏହାରି ମଧ୍ୟରେ ନିଲମ୍ବିତ ବିଧାୟକମାନଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମରେ ସାମିଲ୍ ହେବାକୁ ଆହ୍ୱାନ୍ ଦେଇଛନ୍ତି ମହମ୍ମଦ ମୋକିମ୍ । ଝିଅ ସୋଫିଆ ଫିର୍ଦ୍ଦୋସ କ୍ରସ୍ ଭୋଟିଂ କରିବା ନେଇ ସେ ମତ ରଖିଛନ୍ତି । ମୋକିମ୍ କହିଛନ୍ତି, କଂଗ୍ରେସ ଦଳ ଝିଅ ସୋଫିଆଙ୍କୁ ଅଣଦେଖା କରୁଥିଲା । ମୋତେ ବହିଷ୍କାର ପରେ ତାକୁ ବେଶି ଅଣଦେଖା କରାଯାଉଥିଲା । କଟକରେ କାହାକୁ ଦଳରେ ମିଶାଇଲେ ବି ଜଣାଉନଥିଲେ । ଏପରିକି ଦଳର ମହିଳା କାର୍ଯ୍ୟକ୍ରମକୁ ମଧ୍ୟ ଡାକୁନଥିଲେ । କଂଗ୍ରେସ ଦଳ ବହିଷ୍କାର ପରେ ଓଡ଼ିଶା-ଜନତା-କଂଗ୍ରେସ ପାଇଁ କାମ କରିବ ବୋଲି କହିଲେ ମହମ୍ମଦ ମୋକିମ୍ ।

## ଖାଇବା ତେଲ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ନେଇ ଗଣବିକ୍ଷୋଭ

କଟକ, ନ୍ୟୁଜ୍ ବ୍ୟୁରୋ

ଖାଇବା ତେଲ ଓ ରନ୍ଧନ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ କଟକ ଜଗତପୁର ଠାରେ ସିପିଆଇ ପକ୍ଷରୁ ଏକ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧର ଆଳ ଦେଖାଇ ଦେଶର କିଛି ଅସାଧୁ ବ୍ୟବସାୟୀ ମୁନାଫା ଉଠାଇବା ପାଇଁ ଜାଣି ଶୁଣି ଲୋକଙ୍କର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଖାଇବା ତେଲ ଓ ରନ୍ଧନ ଗ୍ୟାସ୍ ଉପରେ ଅହେତୁକ ଦର ବୃଦ୍ଧି କରିଛନ୍ତି ଏବଂ ଲୋକମାନଙ୍କୁ କହିଛନ୍ତି ଯେ ଖାଇବା ତେଲ ଓ ରନ୍ଧନ ଗ୍ୟାସ୍ ଆବଶ୍ୟକ ପରିମାଣର ମହଜୁଦ ନାହିଁ । କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଛନ୍ତି ରନ୍ଧନ ଗ୍ୟାସ୍, ଖାଇବା ତେଲ ଓ ପେଟ୍ରୋଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବହୁ ପରିମାଣରେ ଗଚ୍ଛିତ ରହିଛି । ଆପଣମାନେ କିଛି ଭୟଭୀତ ହୁଅନ୍ତୁ ନାହିଁ । ସେପଟେ କିନ୍ତୁ ସାଧାରଣ ଜନତା ଗ୍ୟାସ୍ ଫିଲିଙ୍ଗ୍ ସେଣ୍ଟର ଓ ରାସନ୍ ଦୋକାନ ସାମ୍ନାରେ ନାହିଁନଥିବା ଭିଡ଼ ଦେଖିବାକୁ ମିଳିଛି । ଏଭଳି ମୌଳିକ ସମସ୍ୟାର ସମାଧାନ ପାଇଁ ଜଗତପୁର ଗୋଲେଇ ଛକ ନିକଟରେ ସିପିଆଇ ନେତା ଉଦୟ କେଶରୀ ବର୍ମାଙ୍କ ନେତୃତ୍ୱରେ ଶତାଧିକ ଲୋକ ଏକତ୍ରିତ ହୋଇ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଏହି ପ୍ରତିବାଦ ସଭାରେ ରାଜ୍ୟ କାର୍ଯ୍ୟକାରୀ କମିଟିର ସଭ୍ୟ ଅମରେନ୍ଦୁ ମହାନ୍ତି, ନଗର କମିଟି ସଂପାଦକ ଅମରେଡ ବିଦ୍ୟା ପ୍ରଶନ୍ନ ମହାପାତ୍ର, ଯୁବ ନେତା ସୁନାକର ବରାଳ ପ୍ରମୁଖ ଅନେକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

## ବାବା ବୈକୁଣ୍ଠ ବ୍ରହ୍ମଚାରୀଙ୍କ ସାଧନା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ସଦ୍‌ଗୁରୁ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ସାଧନା ପୀଠ ଐତିହାସିକ ସ୍ଥାନ ଜଳୋକା ଆନନ୍ଦଧାମରେ ବାବାଙ୍କର ଦୀକ୍ଷିତ ମହାବୀର ସତ୍ୟସେବା ମଣ୍ଡଳର ଗୁରୁଭାଇ କେଶବ ସେଠୀଙ୍କର ତୃତୀୟ ସୃଷ୍ଟି କବିତା ପୁସ୍ତକ କବିତା କସ୍ତୁରୀ ପଣ୍ଡିତ ହୃଷୀକେଶ ପଣ୍ଡାଙ୍କ ସଭାପତିତ୍ୱରେ ଉପସ୍ଥିତ ଅତିଥି, ସଜ୍ଜନ ଓ ଗୁରୁଭାଇମାନଙ୍କ କର କମଳରେ ଲୋକାର୍ପିତ ହୋଇଯାଇଛି । ସର୍ବ ପ୍ରଥମେ ସଦ୍‌ଗୁରୁ ବୈକୁଣ୍ଠନାଥଙ୍କ ପୂଜା ଆରାଧନା କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଗୁରୁ ଭାଇ ରମାକାନ୍ତ ଜେନାଙ୍କ ଦ୍ୱାରା ଗୁରୁବନ୍ଦନା ଗାନ କରାଯାଇ ପୁସ୍ତକ ଲୋକାର୍ପଣ ଉତ୍ସବର ଶୁଭାରମ୍ଭ କରାଯାଇଥିଲା । ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ କଟକ ସ୍ଥିତ ରାଧାନାଥ ଉଚ୍ଚତର ଶିକ୍ଷାନୁଧାନ ପ୍ରତିଷ୍ଠାନର ସହକାରୀ ପ୍ରାଧ୍ୟାପକ ଡ଼. ଅଭୟ କୁମାର ରାଉତ ମୁଖ୍ୟ ଅତିଥି, କବି ମେଜର ଭରତ ଚନ୍ଦ୍ର ଜେନା ମୁଖ୍ୟ ବକ୍ତା, କବି ନିକୁଞ୍ଜ ବିହାରୀ ପୃଷ୍ଟି ପୁସ୍ତକ ସମୀକ୍ଷକ, ଶିକ୍ଷାବିତ୍ ମନୋରଞ୍ଜନ ତ୍ରିପାଠୀ, ଶରତ କୁମାର ରାଉତ, ଅଧ୍ୟାପକ ଦୀପକ କୁମାର ଓଝା ଓ ବ୍ୟଙ୍ଗକବି ଶ୍ରୀଧର କୁମାର ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି କବିତା ପୁସ୍ତକଟିରେ ସ୍ଥାନ ପାଇଥିବା ବିଷୟବସ୍ତୁ ଉପରେ ଆଲୋଚନା କରିବା ସହ ଏହି କବିତା ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବା ସହ ସମାଜ ସଂସ୍କାର କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ ବୋଲି ମତ ରଖିଥିଲେ । ଏହି ଉତ୍ସବରେ ଗୁରୁଭାଇ ପରମାନନ୍ଦ ସାହୁ, କୃଷ୍ଣ ଚନ୍ଦ୍ର ନାୟକ, ଜ୍ୟୋତ୍ସ୍ନାମୟୀ ମହାନ୍ତି, ବିଜୟ କୁମାର ସାହୁ, ଗୟାଧର ଭାଇ, ବଂଶୀଧର ଭାଇ ଏବଂ ଆଶ୍ରମର ଅନ୍ତେବାସୀମାନେ ଉପସ୍ଥିତ ରହି ପୁସ୍ତକ ଲୋକାର୍ପଣ ଉତ୍ସବକୁ ପରିଚାଳନା କରିଥିଲେ । କବି ମନୋରଞ୍ଜନ ତ୍ରିପାଠୀ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ କବି ରଜନୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଫ୍‌ଏମ୍‌ୟୁରେ ରସାୟନ ବିଜ୍ଞାନ ବିଭାଗର ଅନ୍ତର୍ଜାତୀୟ ସମ୍ମିଳନୀ

ବାଲେଶ୍ୱର, ନ୍ୟୁଜ୍

ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରସାୟନ ବିଭାଗ ପକ୍ଷରୁ "ଉନ୍ନତ ପଦାର୍ଥର ସମ୍ଭାବ୍ୟ ପ୍ରୟୋଗର ସମ୍ପ୍ରତିକ ପ୍ରବୃତ୍ତି" ବିଷୟକ ଚତୁର୍ଥ ଆନ୍ତର୍ଜାତୀୟ ସମ୍ମିଳନୀର ଶୁଭାରମ୍ଭ ହୋଇଛି । ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ସ୍ଥାନରୁ ପ୍ରମୁଖ ବୈଜ୍ଞାନିକ, ଶିକ୍ଷାବିତ୍ ଓ ଗବେଷକମାନେ ଯୋଗଦେଇ ଉନ୍ନତ ପଦାର୍ଥ ବିଜ୍ଞାନର ନବୀନ ଉନ୍ନତି ଉପରେ ଆଲୋଚନା କରୁଛନ୍ତି । ଦୁଇଦିନିଆ ଏହି ସମ୍ମିଳନୀର ଉଦ୍‌ଘାଟନୀ ବୈଠକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ପୃଷ୍ଠପୋଷକ ଭାବେ ଯୋଗଦେଇଥିଲେ । ମୁମ୍ବାଇର ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ଗବେଷଣା ସଂସ୍ଥାର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଦୀପା ଖୁଶାଲାନୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର



ବୈରାଗୀ ଚରଣ ମଲ୍ଲିକ ସମ୍ମାନୀତ ଅତିଥି ଓ ବିଶେଷଜ୍ଞ ଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରିଥିଲେ । ସଭାକୁ ସ୍ୱାଗତ କରି ଆବାହକ ତଥା ରସାୟନ ବିଭାଗର ମୁଖ୍ୟ ପ୍ରଫେସର ପଙ୍କଜ କୁମାର ପାରହୀ ବୈଷୟିକ ଅଧିବେଶନରେ ବିଭିନ୍ନ ଆଲୋଚନାର ଦିଗର ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମର ସଂଗଠନ ସଚିବ ଡ଼କ୍ଟର ଜୟକୃଷ୍ଣ ଦାସ ସମ୍ମିଳନୀର କେନ୍ଦ୍ରୀୟ ବିଷୟବସ୍ତୁ ଉପସ୍ଥାପନା କରି ଏହାର ଆଧୁନିକ ବୈଜ୍ଞାନିକ ଓ ଶିଳ୍ପ କ୍ଷେତ୍ରରେ ପ୍ରାସଙ୍ଗିକତା ଉଲ୍ଲେଖ କରିଥିଲେ । ଉଦ୍‌ଘାଟନୀ ସଭାକୁ ଡ଼କ୍ଟର ଅଞ୍ଜନ କୁମାର ବେଜ ସଂଯୋଜିତ କରିଥିଲେ । ଏହି ସମ୍ମିଳନୀକୁ ଆନ୍ତର୍ଜାତୀୟ ମାନ୍ୟତା ଦେଇ ଅଷ୍ଟ୍ରେଲିଆରୁ ଡ଼କ୍ଟର ରାଜେଶ କୁମାର ଜ୍ୟୋତି ଏବଂ ପ୍ରଫେସର ଏଡି ପୋନିଏର୍ନ ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମର ଆୟୋଜକଙ୍କୁ ଧନ୍ୟବାଦ ଦେଇ ଉନ୍ନତ ମେଟେରିଆଲ ବିଷୟର ବିଶ୍ୱସ୍ତରୀୟ ସମସାମୟିକ ଅନୁଭବ ଉପସ୍ଥାପନ କରିଥିଲେ । ଶେଷରେ ସହାୟକ ଅଧ୍ୟାପକ ସୁରେନ୍ଦ୍ର ହାନ୍ସଦା ଧନ୍ୟବାଦ ଜ୍ଞାପନ କରିଥିଲେ । ଦୁଇଦିନ ଧରି ଆୟୋଜିତ ଏହି ସମ୍ମିଳନୀରେ ମୋଟ ଛଅଟି ପ୍ରାୟୋଗିକ ଅଧିବେଶନର ୬୫ଟି ଗବେଷଣା ପତ୍ର ଉପସ୍ଥାପିତ ହେବ । ଯୁକ୍ତରାଷ୍ଟ୍ର ଆମେରିକା, ମରିସସ୍, ଅଷ୍ଟ୍ରେଲିଆ, ବେଲଜିୟମ୍, ଦକ୍ଷିଣ କୋରିଆ, ସ୍ୱିଡେନ୍ ଓ ଜାପାନର ପ୍ରତିଷ୍ଠିତ ସମ୍ପଦ ବ୍ୟକ୍ତିମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ସମ୍ମିଳନୀକୁ ସମୃଦ୍ଧ କରିବାନେଇ ସୂଚୀତ କରାଯାଇଛି । ସମ୍ମିଳନୀର ବିଷୟବସ୍ତୁ ଉନ୍ନତ ପଦାର୍ଥର ସମ୍ପ୍ରତିକ ଆବିଷ୍କାର ଓ ତାହାର ଶକ୍ତି, ଇଲେକ୍ଟ୍ରୋନିକ୍ସ, ସ୍ୱାସ୍ଥ୍ୟସେବା ଓ ପରିବେଶୀୟ ସସ୍ଥିରତା ଭଳି କ୍ଷେତ୍ରରେ ବ୍ୟାପକ ପ୍ରୟୋଗକୁ କେନ୍ଦ୍ର କରାଯାଇଛି । ନାନୋ ପଦାର୍ଥ, ସଂଯୁକ୍ତ ପଦାର୍ଥ, ଜୈବ ପଲିମର, ଜୈବ ପଦାର୍ଥ, ଫ୍ଲୁଓରାଇଡ୍ ଅପସାରଣ, ବର୍ଜ୍ୟ ଜଳ ପରିଚାଳନା ଏବଂ ଜୀବାଣୁ ବିରୋଧୀ ଓ କ୍ୟାନ୍ସର ବିରୋଧୀ ଗୁଣଧର୍ମ ଉପରେ ଗବେଷଣାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ସମ୍ମିଳନୀ ଯୁବ ଗବେଷକମାନଙ୍କ ପାଇଁ ରସାୟନ ବିଜ୍ଞାନର ବିଭିନ୍ନ ନୂତନତ୍ୱ ସହ ପରିଚିତ ହେବାର ଏକ ସୁଯୋଗ ସୃଷ୍ଟି କରିବା ସହ ଶିକ୍ଷାଜଗତ, ଶିଳ୍ପକ୍ଷେତ୍ର ଓ ବୈଜ୍ଞାନିକ ସମୁଦାୟ ମଧ୍ୟରେ ସଂଯୋଗ ସୃଷ୍ଟିରେ ସହାୟକ ହେବାର ଲକ୍ଷ୍ୟ ରଖାଯାଇଛି । ସେପରି ଉନ୍ନତ ପଦାର୍ଥର ବିକାଶ ଓ ପ୍ରୟୋଗ ସମ୍ବନ୍ଧୀୟ ପରିବର୍ତ୍ତନର ଅଧ୍ୟୟନ କରି ନବୀନ ଓ ସୁସ୍ଥିର ପ୍ରଯୁକ୍ତିଗତ ସମାଧାନ ପଥକୁ ପ୍ରଶସ୍ତ କରିବାକୁ ଉଦ୍ୟମ କରିବାନେଇ ଆୟୋଜକଙ୍କ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି ।

## ପଣ୍ଡିତ ସଙ୍ଗଠନ ପକ୍ଷରୁ ଗଣ ବ୍ରତୋପନୟନ କାର୍ଯ୍ୟକ୍ରମ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ସ୍ଥିତ ସ୍ଥାନୀୟ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସରରେ ଶ୍ରୀ ଲକ୍ଷ୍ମୀ ବସୁଦେବ ବୈଦିକ ପଣ୍ଡିତ ସଙ୍ଗଠନ, ବୌଦ୍ଧ ପକ୍ଷରୁ ବାର୍ଷିକ ଉତ୍ସବ ଉପଲକ୍ଷେ ଗଣ ବ୍ରତୋପନୟନ ଆୟୋଜିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୪ ଜଣ ବ୍ରାହ୍ମଣ ବାଳକକୁ ବ୍ରତୋପନୟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବାସୁଦେବ ବୈଦିକ ପଣ୍ଡିତ ସଙ୍ଗଠନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ବ୍ରତୋପୟନ କାର୍ଯ୍ୟକ୍ରମରେ ୪ ଜଣ ବାଳକଙ୍କ ସମ୍ପୂର୍ଣ୍ଣ ପରିବାର ଉପସ୍ଥିତ ରହି "ଭିକ୍ଷାମ୍ ଦେହି ଭିକ୍ଷାମ୍ ଦେହି" ଉତ୍ସବରେ ଯୋଗଦେଇ ବାଳକ ମାନଙ୍କୁ ଆଶୀର୍ବାଦ ଦେବା ସହିତ ମନ୍ଦିରରେ ପ୍ରସାଦ ସେବନ କରିଥିଲେ ।

## ସୁବର୍ଣ୍ଣପୁର ଜିଲ୍ଲାରେ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ସନ୍ଧ୍ୟା ୭ଟାରେ ସୁବର୍ଣ୍ଣପୁର ସଂସ୍କୃତି ଭବନରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ସୁବର୍ଣ୍ଣପୁର ଜିଲ୍ଲାର ୭୪ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କ ଶୁଭ ତୀର୍ଥ ଯାତ୍ରାକୁ ଓଡ଼ିଶା ରାଜ୍ୟ ପରିବହନ ନିଗମର ଦୁଇ ଗୋଟି ଶୀତତାପ ନିୟନ୍ତ୍ରିତ ଭଲ୍‌ଭୋ ବସ୍‌କୁ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ, ସୁବର୍ଣ୍ଣପୁର, ସୌମ୍ୟାରୂପା ରଥ ଜିଲ୍ଲା ପର୍ଯଟନ ଅଧିକାରୀ ରାଜେଶ କୁମାର, ଜିଲ୍ଲା ସାଧାରଣ ପରିଚାଳକ, ଓଡ଼ିଶା ରାଜ୍ୟ ପରିବହନ ନିଗମ, ସୁବର୍ଣ୍ଣପୁରଙ୍କ ଦ୍ୱାରା ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ଏହି ତୀର୍ଥ ଯାତ୍ରାରେ ୬ ଜଣ ସୁରକ୍ଷାଦାତାଙ୍କ ସହିତ, ଯେଉଁଥିରେ ୨ ଜଣ ଚିକିତ୍ସା ଅଧିକାରୀ ମଧ୍ୟ ଅନ୍ତର୍ଭୁକ୍ତ, ୨ଟି ଏସି ବସ୍‌ରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଅବସରରେ ବିଭିନ୍ନ ସମ୍ବାଦପତ୍ର ଗୁଡ଼ିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ପୁରୀ ଜିଲ୍ଲା ପ୍ରଶାସନ ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ସହଯୋଗରେ ସେମାନେ ଶ୍ରୀ ଜଗନ୍ନାଥ ଦର୍ଶନ ସାରି ସନ୍ଧ୍ୟାରେ ପୁନର୍ବାର ସୁବର୍ଣ୍ଣପୁର ଫେରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ତୀର୍ଥ ଯାତ୍ରୀଙ୍କ ସୁରକ୍ଷା ପାଇଁ ପ୍ରୟୋଜନୀୟ ବ୍ୟବସ୍ଥା କରାଯାଇଥିଲା ଏବଂ ପ୍ରତ୍ୟାବର୍ତନ ପରେ ସେମାନଙ୍କୁ ସୁରକ୍ଷିତ ଭାବେ ଗ୍ରାମକୁ ପହଞ୍ଚାଯିବାର ସୁବ୍ୟବସ୍ଥା ଜିଲ୍ଲା ପ୍ରଶାସନ ଦ୍ୱାରା କରାଯାଇଥିବାର ପର୍ଯ୍ୟଟନ ଅଧିକାରୀ ପ୍ରକାଶ କଲେ ।



## ଆଉଟ ସୋର୍ସିଂ କର୍ମଚାରୀଙ୍କ ଅଢେଇ ଘଣ୍ଟିଆ ପ୍ରତିବାଦ ପ୍ରଦର୍ଶନ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ଦିନ ବୌଦ୍ଧ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଆଉଟ୍ ସୋର୍ସିଂ କର୍ମଚାରୀମାନେ ସାଢେ ଅଢେଇ ଘଣ୍ଟା କାର୍ଯ୍ୟ ବନ୍ଦ କରି ଡାକ୍ତରଖାନା ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ । ଓଡ଼ିଶା ସରକାରୀ ଆଉଟ୍ ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବିଧାନସଭା ଆଗରେ ଆନ୍ଦୋଳନ ଚାଲିଥିବା ବେଳେ ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନଥିବା ହେତୁ ଉକ୍ତ ପ୍ରତିବାଦ ପ୍ରଦର୍ଶନ କରିଥିଲେ । ବିଭିନ୍ନ ସରକାରୀ ଡାକ୍ତର ଖାନାରେ ଜରୁରୀ ସେବାରେ ଥିବା ଆଉଟ୍ ସୋର୍ସିଂ କର୍ମଚାରୀମାନେ ସକାଳ ୯ଘଣ୍ଟା ସମୟରୁ ୧୧:୩୦ମିନିଟ୍ ସମୟ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରିଥିଲେ ।

## ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ତାଲିମ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ



ବ୍ଲକ ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ–୨୦୨୬ ଅବସରରେ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ତାଲିମ୍ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି କ୍ରୀଡା ଓ ଯୁବ ସେବା ବିଭାଗର ସହଯୋଗରେ ଆୟୋଜିତ ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯୁବ ପ୍ରତିଭା ମାନଙ୍କୁ ଚୟନ କରି ସେମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଦେବା ଏହାର ମୂଳ ଉଦ୍ଦେଶ୍ୟ । ଏଥିରେ ଦୌଡକୁଦ ଭଲିବଲ, ଖୋକ ଆଦି କ୍ରୀଡାରେ ପ୍ରତିଭା ଚୟନ କରାଯିବ । ବ୍ଲକ ସ୍ତରରେ ଚୟନ ହୋଇ କ୍ରୀଡାବିତ ମାନେ ଜିଲ୍ଲାସ୍ତରକୁ ଆସିବେ । ଏହି ତାଲିମ୍ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ରଘୁରାମ ଆର୍ ଆୟର ଉଦ୍‌ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଆକମାଲ ଅଲ୍ଲୀଙ୍କ ସମେତ ବିଭିନ୍ନ ବ୍ଲକର କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

## ଓଡ଼ିଶା ଶିକ୍ଷା କ୍ଷେତ୍ରରେ ବଢୁଛି ପ୍ରଯୁକ୍ତି ବିଦ୍ୟାର ଲୋକପ୍ରିୟତା

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଶିକ୍ଷା କ୍ଷେତ୍ରରେ ବଢୁଛି ପ୍ରଯୁକ୍ତିବିଦ୍ୟାର ଲୋକପ୍ରିୟତା । ସ୍ମାର୍ଟଫୋନ୍ ମାଧ୍ୟମରେ ପାଠପଢ଼ା ପ୍ରତି ଆକୃଷ୍ଟ ହେଉଛନ୍ତି ରାଜ୍ୟର ଶିକ୍ଷାର୍ଥୀ । ଓଡ଼ିଶାରେ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଶିକ୍ଷାର୍ଥୀଙ୍କ ମଧ୍ୟରେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍‌ର ବ୍ୟବହାର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ସେଣ୍ଟ୍ରାଲ ସ୍କୋୟାର ଫାଉଣ୍ଡେସନ୍ (CSF) ପକ୍ଷରୁ ପ୍ରକାଶିତ 'ଭାରତ ସର୍ଭେ ଫର୍ ଏଡଟେକ୍' (BaSE) ଦ୍ୱିତୀୟ ସଂସ୍କରଣର ରିପୋର୍ଟ ଅନୁସାରେ, ରାଜ୍ୟର ପ୍ରାୟ ୪୦% ଶିକ୍ଷାର୍ଥୀ ପାଠପଢା ପାଇଁ ବିଭିନ୍ନ ଡିଜିଟାଲ୍ ସାଧନ ବ୍ୟବହାର କରୁଛନ୍ତି । ଏହି ସର୍ବେକ୍ଷଣରୁ ଜଣାପଡିଛି ଯେ, ରାଜ୍ୟର ପ୍ରାୟ ୯୪% ପରିବାର ପାଖରେ ଅତିକମ୍‌ରେ ଗୋଟିଏ ସ୍ମାର୍ଟଫୋନ୍ ରହିଥିବା ବେଳେ ୬୮% ପରିବାରରେ ଏକରୁ ଅଧିକ ସ୍ମାର୍ଟଫୋନ୍ ରହିଛି । ପ୍ରାୟ ୭୧% ଶିକ୍ଷାର୍ଥୀ ସ୍ମାର୍ଟଫୋନ୍ ବ୍ୟବହାର କରିବାର ସୁଯୋଗ ପାଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୬୬% ଶିକ୍ଷାର୍ଥୀ ଏହାକୁ ପ୍ରତିଦିନ ବ୍ୟବହାର କରନ୍ତି । ଯଦିଓ ଅଧିକାଂଶ ଶିକ୍ଷାର୍ଥୀ ପରିବାରର ଅନ୍ୟ ସଦସ୍ୟଙ୍କ ଫୋନ୍ ଉପରେ ନିର୍ଭର କରନ୍ତି, ତଥାପି ସେମାନଙ୍କ ମଧ୍ୟରୁ ୯୦% ସହଜରେ ଇଣ୍ଟରନେଟ୍ ବ୍ୟବହାର କରିପାରୁଛନ୍ତି । ସର୍ବେକ୍ଷଣରୁ ଅନୁଯାୟୀ, ରାଜ୍ୟର ୫୮% ଶିକ୍ଷାର୍ଥୀ ଏଡଟେକ୍ (EdTech) ଉପକରଣ ବିଷୟରେ ଅବଗତ ଅଛନ୍ତି ଏବଂ ୪୦% ସକ୍ରିୟ ଭାବେ ପାଠପଢ଼ା ପାଇଁ ଏହାର ବ୍ୟବହାର କରୁଛନ୍ତି । ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ୟୁଟ୍ୟୁବ୍ (୯୯%) ସବୁଠାରୁ ଲୋକପ୍ରିୟ ପ୍ଲାଟ୍‌ଫର୍ମ ହୋଇଥିବା ବେଳେ ହ୍ୱାଟ୍‌ସ୍‌ଆପ୍ (୮୭%), ଗୁଗଲ୍ (୬୩%), ଚାଟ୍‌ଜିପିଟି (୪%), ଗୁଗଲ୍ ଜେମିନି (୩%) ଏବଂ ମେଟା ଇଓ (୩%)ର ବ୍ୟବହାର ମଧ୍ୟ ଦେଖିବାକୁ ମିଳିଛି । ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ କ୍ଷେତ୍ରରେ ମଧ୍ୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ ସଚେତନତା ପରିଲକ୍ଷିତ ହୋଇଛି । ପ୍ରାୟ ୯୯% ଶିକ୍ଷକ/ଶିକ୍ଷୟିତ୍ରୀ ଏଡଟେକ୍ ଉପକରଣ ବିଷୟରେ ଜାଣିଥିବା ବେଳେ ୯୮% ଏହାକୁ ଶିକ୍ଷାଦାନ ପାଇଁ ବ୍ୟବହାର କରୁଛନ୍ତି । ସେମାନେ ମୁଖ୍ୟତଃ ହ୍ୱାଟ୍‌ସ୍‌ଆପ୍ (୯୬%), ଗୁଗଲ୍ (୮୦%) ଏବଂ ୟୁଟ୍ୟୁବ୍ (୭୬%) ଉପରେ ନିର୍ଭର କରୁଥିବା ବେଳେ ୧୬% ଶିକ୍ଷକ 'ଦୀକ୍ଷା' (DIKSHA) ଏବଂ ୧୩% 'ଇ-ପାଠଶାଳା' ବ୍ୟବହାର କରୁଛନ୍ତି । ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବ୍ୟବହାରକୁ ନେଇ ସର୍ଭେରେ କୁହାଯାଇଛି ଯେ, ୪୮% ଶିକ୍ଷାର୍ଥୀ କୃତ୍ରିମ ବୁଦ୍ଧିମତା ବିଷୟରେ ଶୁଣିଛନ୍ତି ଏବଂ ୨୦% ଏହାର ଶୈକ୍ଷିକ ଉପଯୋଗିତା ବିଷୟରେ ଜାଣନ୍ତି । ପ୍ରାୟ ୧୩% ଶିକ୍ଷଣ ପାଇଁ 'ଜେନ୍ ଇଓ' (GenAI) ବ୍ୟବହାର କରନ୍ତି, ଯେଉଁଥିରୁ ୭୪% ଏହାକୁ ପ୍ରତିଦିନ ବ୍ୟବହାର କରୁଥିବା ଜଣାପଡ଼ିଛି । ସେହିପରି ୬୭% ଶିକ୍ଷକ/ଶିକ୍ଷୟିତ୍ରୀ କୃତ୍ରିମ ବୁଦ୍ଧିମତା ବିଷୟରେ ଶୁଣିଥିବା ବେଳେ ୪୦% ଏହାକୁ ଶିକ୍ଷାଦାନରେ ବ୍ୟବହାର କରନ୍ତି । ୧୨% ଏଡଟେକ ବ୍ୟବହାରକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷାଦାନ ଏବଂ ବିଦ୍ୟାଳୟ-ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ଜେନ୍‌ଏଆଇ ବ୍ୟବହାର କରନ୍ତି । ଜେନ୍‌ଏଆଇ ବ୍ୟବହାର କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ୫୩% ଏହାକୁ ସପ୍ତାହରେ ଅନେକ ଥର ବ୍ୟବହାର କରୁଥିବା ବେଳେ, ୩୩% ଏହାକୁ ପ୍ରତିଦିନ ବ୍ୟବହାର କରନ୍ତି । ଏନେଇ ସେଣ୍ଟ୍ରାଲ୍ ସ୍କୋୟାର ଫାଉଣ୍ଡେସନ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଶଭେତା ଶର୍ମା କୁକ୍ରେଜା କହିଛନ୍ତି, 'ଏହି ରିପୋର୍ଟ ଭାରତରେ ଶିକ୍ଷା ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କିଭଳି ହେଉଛି, ତାହାର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି । ଆଜି ଅଧିକାଂଶ ପରିବାରରେ ଡିଜିଟାଲ୍ ସାଧନ ବା ସ୍ମାର୍ଟଫୋନ୍ ପହଞ୍ଚି ପାରିଛି । ଶିକ୍ଷାର୍ଥୀ ଏବଂ ଶିକ୍ଷକମାନେ କିଭଳି ଏହି ପ୍ରଯୁକ୍ତିବିଦ୍ୟାକୁ ନିଜର ଦୈନନ୍ଦିନ ପାଠପଢ଼ାରେ ସାମିଲ୍ କରୁଛନ୍ତି ତାହା ଆମକୁ ବୁଝିବାକୁ ହେବ । ଏହି ତଥ୍ୟଗୁଡିକ ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍ ଏବଂ ନୂତନ ଜ୍ଞାନକୌଶଳ ସୃଷ୍ଟିକାରୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆମକୁ ଶିକ୍ଷାର ମାନ ବୃଦ୍ଧି ନିଶ୍ଚିତ କରିବାକୁ ହେବ ।' ଏହି ଅଧ୍ୟୟନଟି ପ୍ରାୟ ୧,୫୦୦ ଜଣଙ୍କୁ ନେଇ କରାଯାଇଥିଲା । ଯେଉଁଥିରେ ୧,୨୫୦ ପରିବାର ଏବଂ ୨୫୦ ଶିକ୍ଷକ/ଶିକ୍ଷୟିତ୍ରୀ ଅନ୍ତର୍ଭୁକ୍ତ ଥିଲେ । ଏହି ସର୍ବେକ୍ଷଣରେ ମୁଖ୍ୟତଃ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଏବଂ କମ୍ ବିଦ୍ୟାଳୟ ଦେୟଥିବା ବେସରକାରୀ ବିଦ୍ୟାଳୟରେ ପଢୁଥିବା ୬ ରୁ ୧୮ ବର୍ଷ ବୟସର ପିଲାମାନଙ୍କୁ ସାମିଲ୍ କରାଯାଇଥିଲା । ଏହା ସହିତ ସମାନ ଅଞ୍ଚଳର ଶିକ୍ଷକମାନଙ୍କ ସହ ଆଲୋଚନା କରି ଶ୍ରେଣୀଗୃହ ମଧ୍ୟରେ ଡିଜିଟାଲ୍ ଉପକରଣର ବ୍ୟବହାରକୁ ଗଭୀର ଭାବେ ଅନୁଧ୍ୟାନ କରାଯାଇଥିଲା । ନୀତି ନିର୍ଦ୍ଧାରକ, ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଏଡଟେକ୍ ପରିସଂସ୍ଥା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଶିକ୍ଷା ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟାର ପ୍ରବେଶ, ସଚେତନତା ଏବଂ ବ୍ୟବହାର ବିଷୟରେ ସୂଚନା ପ୍ରଦାନ କରିବା 'ଭାରତ ସର୍ଭେ ଫର୍ ଏଡ୍‌ଟେକ୍' (BaSE) ୨୦୨୫ ରିପୋର୍ଟର ଲକ୍ଷ୍ୟ । ପରିବାର ଏବଂ ଶ୍ରେଣୀଗୃହର ଅଭିଜ୍ଞତାକୁ ଆଧାର କରି କରାଯାଇଥିବା ଏହି ଅଧ୍ୟୟନ, ଡିଜିଟାଲ୍ ଉପକରଣ ମାଧ୍ୟମରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରୁଛି । ଏହି ଅଧ୍ୟୟନ ଆଗାମୀ ଦିନରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର ପାଇଁ ଏକ ମାର୍ଗଦର୍ଶିକା ସଦୃଶ ହେବ ।

## ଆଇନ୍ ସେବାରେ ନିଯୋଜିତ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ୍



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଆଇନ୍ ସେବାରେ ନିଯୋଜିତ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନଙ୍କୁ ଏକ ଦିବସୀୟ ତାଲିମ୍ କାର୍ଯ୍ୟକ୍ରମ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକରୀ ଚତୁର୍ଭୁଜ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍‌ର ରେଣୁକା ସୁନା, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଶଙ୍କର୍ଷଣ ପଣ୍ଡା, କିଶୋର ନ୍ୟାୟ ବୋର୍ଡର ରଂଜିତା ସାହୁ, ଏପିପି ଧନଞ୍ଜୟ ମିଶ୍ର, ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟ ଧରୁଆ, ପ୍ରୋଗ୍ରାମ ଅଫିସର ସୁଦେଶନା ମେହେର, ଶିଶୁ ମଙ୍ଗଳ କମିଟି ସଭ୍ୟ ଶାନ୍ତନୁ କର୍ଣ୍ଣ, ଆଇନ୍ ଅଧିକାରୀ କେଶବ ଚନ୍ଦ୍ର ମେହେର, ଅନୁଷ୍ଠାନ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ, ଯୋଗଦେଇ ଏହି କାର୍ଯ୍ୟକ୍ରମ ଉପରେ ନିଜ ନିଜ ବ୍ୟକ୍ତବ୍ୟ ରଖିଥିଲେ । ତାଲିମ୍ ଦାତା ଭାବେ କନ୍ସଲଷ୍ଟାଣ୍ଟ ଶିଶୁ ସୁରକ୍ଷା ୟୁନିସେଫ, ଘାସିରାମ ପଣ୍ଡା ତାଲିମ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ଥିବା ସମସ୍ତ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଯୋଗଦାନ କରିଥିବା ବେଳେ, ଶକ୍ତିସଦନ ସୋନପୁର କର୍ମଚାରୀ ଜ୍ୟୋତିର୍ମୟୀ ବେହେରା, ସଖୀ ସୋନପୁର ପ୍ରଶାସକ ଅନୁସ୍ମିତା ବେହେରା, କେଶ ୱରକର ସୁକେଶିନୀ ଏକା, ଚାଇଲଡ ହେଲ୍ପ ଲାଇନ୍‌ର ରୋଜି ସା ଉପସ୍ଥିତ ଥିବା ବେଳେ ସୁରକ୍ଷା ଅଧିକାରୀ ଅଣ ଅନୁଷ୍ଠାନିକ ଗୌତମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ସୁରକ୍ଷା ବିଭାଗ ସୁବର୍ଣ୍ଣପୁରର ଜିତେନ୍ଦ୍ର ମଣ୍ଡଳ, ଥବିର କଲ୍ ସେ ପ୍ରଶାନ୍ତ ମହାକୁଡ଼, ରୁଦ୍ରପ୍ରସନ୍ନ ମିଶ୍ର, ମୃତୁଞ୍ଜୟ ସାହୁ, ସ୍ୱାଗତରଜ ମିଶ୍ର, ସରିତା ସୁନା, ମାନିନୀ ମହାନ୍ତି ଓ ଅନିଲ ମହଲା ପ୍ରମୁଖ ଏହି କାର୍ଯ୍ୟକ୍ରକୁ ସହଯୋଗ କରିଥିଲେ ।

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୧ ମାର୍ଚ୍ଚ ୨୦୨୬ ଶନିବାର







## ଡି. ସୁନିଲ ଖୋର୍ଦ୍ଧା ରୋଡ୍‌ର ନୂତନ ମଣ୍ଡଳ ରେଳ ପ୍ରବନ୍ଧକ ଭାବେ ନିଯୁକ୍ତ

**ଖୋର୍ଦ୍ଧା ରୋଡ୍, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ରେଳପଥ ସିଗ୍ନାଲ୍ ସେବା (IRSSE)ର ୧୯୯୬ ବ୍ୟାଚ୍‌ର ବରିଷ୍ଠ ଅଧିକାରୀ ଡି. ସୁନିଲ୍, ପୂର୍ବତଟ ରେଳପଥ ଅଧୀନରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ନୂତନ ଡିଆର୍‌ଏମ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହି ଭୂମିକାରେ ତାଙ୍କର ପୂର୍ଣ୍ଣ ସମର୍ପଣ ଏବଂ ପ୍ରତିବଦ୍ଧତା ଆଣିଛନ୍ତି। ସମଗ୍ର ମଣ୍ଡଳ ପକ୍ଷରୁ ଶ୍ରୀ ସୁନିଲଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କ ନେତୃତ୍ୱରେ ବିଭାଗ ଅଧିକ ସଫଳତା ଲାଭ କରିବ ବୋଲି ଆଶା ବ୍ୟକ୍ତ କରାଯାଇଛି । ଶ୍ରୀ ସୁନିଲ୍ ପୂର୍ବରୁ ଦକ୍ଷିଣ ରେଳପଥରେ ମୁଖ୍ୟ ସିଗ୍ନାଲ୍ ଏବଂ ଦୂରସଂଚାର ଇଞ୍ଜିନିୟର (ନିର୍ମାଣ) ଏବଂ ମୁଖ୍ୟ ସିଗ୍ନାଲ୍ ଇଞ୍ଜିନିୟର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସେ କୋଚି ମେଟ୍ରୋ ରେଳ ଲିମିଟେଡ୍‌ରେ ଜେନେରାଲ୍ ମ୍ୟାନେଜର ଭାବେ ପ୍ରତିନିଯୁକ୍ତି (Deputation)ରେ ମଧ୍ୟ ସଫଳତାର ସହ କାର୍ଯ୍ୟ କରିଥିଲେ। ଭାରତୀୟ ରେଳପଥ ଏବଂ ମେଟ୍ରୋ ରେଳ ଉଭୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ତାଙ୍କର ବ୍ୟାପକ ପ୍ରଶାସନିକ ଏବଂ ପରିଚାଳନାଗତ ଅଭିଜ୍ଞତା ରହିଛି। ଖୋର୍ଦ୍ଧା ରୋଡ୍ ଡିଭିଜନର ନୂତନ ଡିଆର୍‌ଏମ୍ ଭାବରେ, ଶ୍ରୀ ସୁନିଲ ପୂର୍ବତଟ ରେଳପଥର ସବୁଠାରୁ ବ୍ୟସ୍ତବହୁଳ ଡିଭିଜନ୍ ମଧ୍ୟରୁ ଗୋଟିଏ ଏହି ଡିଭିଜନ୍‌ରେ କାର୍ଯ୍ୟକ୍ଷମ ଦକ୍ଷତା, ଯାତ୍ରୀ ସୁବିଧା ଏବଂ ମାଲ୍ ପରିବହନ ସେବାରେ ଆହୁରି ଉନ୍ନତି ଆଣିବେ ବୋଲି ଆଶା କରାଯାଉଛି।

## ଟାର୍ଗେଟ୍ ନଥିବାରୁ ୫୦୦ରୁ ଉର୍ଦ୍ଧ୍ୱ ଚାଷୀ ବିକି ପାରିଲେନି ଧାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପ୍ରାଥମିକ କୃଷି ସମବାୟ ସମିତିରେ ଟାର୍ଗେଟ୍ ନଥିବାରୁ ୫୦୦ରୁ ଉର୍ଦ୍ଧ୍ୱ ଚାଷୀ ସେମାନଙ୍କର ଧାନ ଏପର୍ଯ୍ୟନ୍ତ ବିକ୍ରି କରିପାରିନାହାଁନ୍ତି । ଆୟବା ସମିତିରେ ମୋଟ୍ ୧୪୨୨ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ଏମାନଙ୍କ ମଧ୍ୟରୁ ୬୦୦ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରି କରିଛନ୍ତି । ବିଭାଗୀୟ ଅଧିକାରୀ ୩୧୪୦୦ ଟାର୍ଗେଟ୍ ଦେଇଛନ୍ତି । ୧୫ ହଜାର ୪୮ କ୍ୱିଣ୍ଟାଲ ଧାନ ବିକ୍ରି କରିବାକୁ ବାକିଅଛି । ୨୭୬ ଜଣ ଚାଷୀଙ୍କୁ ଟୋକନ ଦିଆଯାଇଛି । ମଣ୍ଡିରେ ୭ ହଜାର କ୍ୱିଣ୍ଟାଲ ଧାନ ପଡି ରହିଥିବା ବେଳେ ମିଲରମାନେ ଏହାକୁ ଉଠାଉ ନହାଁନ୍ତି । ଧାନ ବିକ୍ରି କରିପାରିନଥିବା ଶତାଧିକ ଚାଷୀ ସମିତିର ସଭାପତି ଅଯୋଧ୍ୟାନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ ଓ ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କୁ ଭେଟି ତୁରନ୍ତ ଟାର୍ଗେଟ୍ ଦେବାପାଇଁ ଦାବି କରିବା ସହିତ ମିଲର ମାନଙ୍କୁ ମଣ୍ଡିରୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ବିଜୟ କୁମାର ସ୍ୱାଇଁ, ସୁକାନ୍ତ କୁମାର ପ୍ରଧାନ, ରମେଶ ଚନ୍ଦ୍ର ରାଉତ, ଅଜୟ ନାୟକ, ରମେଶ ଚନ୍ଦ୍ର ଦାସ, ଅଜୟ କୁମାର ସ୍ୱାଇଁ, ଅଭୟ କୁମାର ସ୍ୱାଇଁ, ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ବହଳଦାରେ ପୋଲିସ-ଗ୍ରାମବାସୀ ମୁହାଁମୁହିଁ ଘଟଣା

## ଗିରଫ ଆଦିବାସୀମାନଙ୍କୁ ତୁରନ୍ତ ଖଲାସ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବହଳଦାରେ ରାସ୍ତା ଅବରୋଧ ବେଳେ ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ ଘଟଣାରେ ୩୪ ଜଣ ଆଦିବାସୀ ଗିରଫ ହୋଇଛନ୍ତି। ତେବେ ଗିରଫଙ୍କୁ ଖଲାସ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ୪୮ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଗିରଫ ୩୪ ଜଣ ଆଦିବାସୀମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ଦାବି ହୋଇଛି । ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଛି। ରାସ୍ତା ଅବରୋଧ ବେଳେ ପୋଲିସ ପକ୍ଷରୁ ଲାଠି ଚାର୍ଜ କରିବା ପରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାକୁ ନେଇ ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ ହେବା ସହ ଗ୍ରାମବାସୀମାନେ ପୋଲିସଙ୍କୁ ଆକ୍ରମଣ କରିଥିଲେ। ଉକ୍ତ ଘଟଣାରେ ପୋଲିସ ୫୯ ଜଣରୁ ଉର୍ଦ୍ଧ୍ୱଙ୍କ ନାମରେ ମାମଲା ରୁଜୁ କରିଛି। ଏହାସହିତ ୩୪ ଜଣ ଆଦିବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫଙ୍କ ମଧ୍ୟରେ ୨୮ଜଣ ଆଦିବାସୀ ମହିଳା ରହିଛନ୍ତି। ତେବେ ସେମାନଙ୍କ ଘରେ ଛୋଟ ଛୋଟ ପିଲାମାନେ ତାଙ୍କ ଅପେକ୍ଷାରେ ରହିଛନ୍ତି। ତେଣୁ କରି ଗିରଫ ୩୪ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ଦାବି କରିଛନ୍ତି। ଏହାସହିତ ଉକ୍ତ ଘଟଣାରେ ନିରପେକ୍ଷ ତଦନ୍ତ ପାଇଁ ଟ୍ରଷ୍ଟ ପକ୍ଷରୁ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହିପରି ଘଟଣାକୁ ଟ୍ରଷ୍ଟ ପକ୍ଷରୁ ତୀବ୍ର ନିନ୍ଦା କରିବା ସହ ପୀଡ଼ିତାଙ୍କ ଏବଂ ଗିରଫ ହୋଇଥିବା ପରିବାରଙ୍କୁ ସହାନୁଭୂତି ପ୍ରକାଶ କରିଛନ୍ତି। ଗିରଫ ହୋଇଥିବା ପରିବାରଙ୍କ ଯନ୍ତ୍ରଣାରେ ଟ୍ରଷ୍ଟ ସାମିଲ୍ ହୋଇ ସେମାନଙ୍କୁ ସମର୍ଥନ କରିବା ସହ ଆହତ କର୍ତ୍ତବ୍ୟରତ ପୋଲିସ୍ ଅଧିକାରୀ ମାନଙ୍କୁ ସମ୍ମାନ ଜଣାଇଛନ୍ତି। ଏହିପରି ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ଘଟଣାର ପ୍ରକୃତ ଦୋଷୀଙ୍କୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣାଇଛନ୍ତି। ଟ୍ରଷ୍ଟ ପକ୍ଷରୁ ଅଧକ୍ଷ ଚୁନିୟାନ ମୁର୍ମୁ, ସାଧାରଣ ସମ୍ପାଦକ ମଦନ ମୋହନ ସୋରେନ, କୋଷାଧକ୍ଷ ଆନ୍ତ ଆଲୋକ ବାସ୍କେ ସମେତ ଅନ୍ୟାନ୍ୟ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରର ନକଲ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

## ଜଙ୍ଗଲ ଜମିର କିସମ ପରିବର୍ତ୍ତନକୁ ନେଇ ଜୁରୁଡିରେ ଗ୍ରାମସଭା

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**



ଜଙ୍ଗଲ ଜମିକୁ ଅଣଜଙ୍ଗଲରେ ପରିବର୍ତ୍ତନ କରିବା ନେଇ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ଜିଲିଙ୍ଗ ଲଙ୍ଗାଲୋଟା ଖଣିର ଗ୍ରାମସଭା ଜୁରୁଡି ଗ୍ରାମର ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଯାଇଛି। ଜୁରୁଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜୁରୁଡି ଗ୍ରାମର ୪ ନମ୍ବର ୱାର୍ଡରୁ ୧୧ ନମ୍ବର ୱାର୍ଡର ଗ୍ରାମବାସୀଙ୍କୁ ନେଇ ଏହି ଗ୍ରାମସଭା ଆୟୋଜିତ ହୋଇଥିଲା। ଯୋଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୩୩୩/ତା ୨୧.୦୬.୨୦୨୪ ରିଖ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ କେନ୍ଦୁଝରଙ୍କ ପତ୍ର ସଂଖ୍ୟା- ୮୯୫/ ୨୪,୦୬.୨୦୧୨ ତାରିଖ ଅନୁଯାୟୀ ଓଡ଼ିଶା ଖଣି ନିଗମର ଜୁରୁଡି ଗ୍ରାମର ୨.୬୩୯ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିବର୍ତ୍ତନ ଉଦ୍ଦେଶ୍ୟରେ ବ୍ୟବହାର କରିବା ଏବଂ ଖଣି ଖନନ କାର୍ଯ୍ୟ କରିବା ପାଇଁ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତ) ନିୟମ ୨୦୦୬ ଏବଂ ସଂଶୋଧନ ନିୟମ ୨୦୧୨ ପ୍ରକାରେ ପ୍ରମାଣ ପତ୍ର ପ୍ରାପ୍ତି ନିମନ୍ତେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଏହି ଗ୍ରାମସଭାରେ ବଡ଼ବିଲ୍ ଅତିରିକ୍ତ ତହସିଲଦାର ବିକେଶ ବର୍ମନ ସାହୁ, ଯୋଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱରୂପ ରାଜ ବିଶୋଇ ଯୋଗ ଦେଇଥିବା ବେଳେ ଜୁରୁଡି ସରପଞ୍ଚ ଶୁଭକାନ୍ତି ସୟ, ଜୁରୁଡି ସମିତି ସଭ୍ୟ ରଜନୀ କାନ୍ତି ପେଣ୍ଟେଇ, ଜୁରୁଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ମହାନ୍ତ, ବନରକ୍ଷୀ ଦେବାଶିଷ ମହାପାତ୍ର, ଜଙ୍ଗଲ ଅଧିକାର କମିଟି ସଭାପତି ଅରୁଣ ସର୍ଦ୍ଦାର, ଜଙ୍ଗଲ ଅଧିକାର କମିଟି ସମ୍ପାଦକ ସୌରଭ ମାଝୀ, ୱାର୍ଡ ସଭ୍ୟ /ସଭ୍ୟା ଗଣେଶ୍ୱର ମୁଣ୍ଡା, ମାଧବୀ ଦାସ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଗ୍ରାମସଭାରେ ଜୁରୁଡି ଗ୍ରାମର ବହୁ ଗ୍ରାମବାସୀ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ବିଶେଷ କରି ସ୍ଥାନୀୟ ଅଞ୍ଚଳର ଲାଗି ରହିଥିବା ବିଭିନ୍ନ ମୌଳିକ ସମସ୍ୟା ଉପରେ ସ୍ଥାନୀୟ ଗ୍ରାମବାସୀମାନେ ନିଜର ସ୍ୱକୀୟ ମତ ପ୍ରଶାସନ ନିକଟରେ ଉପସ୍ଥାପନ କରିଥିଲେ। ଗ୍ରାମବାସୀଙ୍କ ମୌଳିକ ଦାବି ଉପରେ ପ୍ରଶାସନ ଗୁରୁତ୍ୱ ପ୍ରଦାନ କରିବା ସହିତ ଦାବି ଗୁଡ଼ିକ ଉପରେ କମ୍ପାନୀ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବିନିଯୋଗକୁ ନେଇ ଗ୍ରାମବାସୀ ମାନେ ଏହି ଗ୍ରାମସଭାକୁ ପୂର୍ଣ୍ଣ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା।



## ଗୋରୁ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ:ଡ୍ରାଇଭର ଫେରାର୍

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ଥାନା ଅଧୀନ କିବେଗାଁ ଗ୍ରାମରେ ସକାଳ ସମୟରେ ଏକ ଅସାମାନ୍ୟ ଘଟଣା ଘଟିଛି । ଏକ ଗୋରୁ ବୋଝେଇ ଗାଡି ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତା କଡରେ ଥିବା ଏକ ଦୋକାନକୁ ଧକ୍କା ଦେଇ ସିଧାସଳଖ ଦୋକାନ ଭିତରକୁ ପଶିଯାଇଥିଲା। ଘଟଣା ସମୟରେ ଦୋକାନ ଭିତରେ କେହି ନଥିବାରୁ ବଡ଼ ଧରଣର ଅପମୃତ୍ୟୁ ଟଳିଯାଇଥିବା ବେଳେ ଦୋକାନର ଗଠନ ଓ ସାମଗ୍ରୀର କ୍ଷତି ଘଟିଥିବା ସୂଚନା ମିଳିଛି। ଘଟଣା ପରେ ଗାଡିର ଡ୍ରାଇଭର ତୁରନ୍ତ ଗାଡି ଛାଡ଼ି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ପାଇ କୁନ୍ଦେଇ ଥାନାର ଏସ୍‌ଆଇ ଦୁର୍ଗା ପ୍ରସାଦ ବ୍ରହ୍ମା ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପୋଲିସ ଗାଡିଟିକୁ ଜବତ କରିବା ସହିତ ଗାଡି ଭିତରେ ଥିବା ୭ଟି ଗୋରୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କ ସହଯୋଗରେ ସୁରକ୍ଷିତ ସ୍ଥାନକୁ ପଠାଇଥିଲେ। ଏହା ସହ ପୋଲିସ ଘଟଣା ସମ୍ପର୍କରେ ମାମଲା ରୁଜୁ କରି ଫେରାର୍ ଡ୍ରାଇଭରଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି । ଗାଡିର ମାଲିକ କିଏ ଓ କେଉଁଠାରୁ ଗୋରୁ ନେଇ ଯାଉଥିଲେ, ସେଥିପାଇଁ ମଧ୍ୟ ପୋଲିସ ତଦନ୍ତ କରୁଛି । ସ୍ଥାନୀୟ ବାସିନ୍ଦା ରାସ୍ତାରେ ଅବୈଧକ ଭାବେ ଚାଲୁଥିବା ଗାଡିମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନଙ୍କୁ ଦାବି କରିଛନ୍ତି ।

## ବାଲି ବୋଝେଇ ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ଥାନା ଅନ୍ତର୍ଗତ ଦୁଲାଖାପାଟଣା ରେଳ ଷ୍ଟେସନ୍ ନିକଟରେ ବାଲି ବୋଝେଇ ହାଇୱା ଧକ୍କାରେ ବୃଦ୍ଧ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି । ମୃତକ ଏହି ଥାନା ଅନ୍ତର୍ଗତ ଗହ୍ଲାରିଆ ଗାଁର ଭଗବାନ ରଥ (୭୦) । ଆହତ ତାଙ୍କ ପୁଅ ନିରଞ୍ଜନ ରଥ । ଭଗବାନ ଓ ନିରଞ୍ଜନ ବରୁଣ୍ଡେଇ ଫେରୁଥିବାବେଳେ ଦୁଲାଖାପାଟଣା ଷ୍ଟେସନ୍ ପାଖ ଗଳିପୋଲ ନିକଟ ରାସ୍ତାରେ ଦୁର୍ଘଟଣା ହୋଇଥିଲା । ବିପରୀତ ଦିଗରୁ ବୈତରଣୀ ନଦୀର ଗହ୍ଲାରିଆ ବାଲିଘାଟରୁ ବାଲି ବୋଝେଇ କରି ଆସୁଥିବା ହାଇୱା ତାଙ୍କ ବାଇକ୍‌କୁ ଧକ୍କା ଦେବା ଫଳରେ ଉଭୟ ବାପ ପୁଅ ବାଇକ୍‌ରୁ ଖସିପଡିଥିଲେ । ହାଇୱାଟି ଭଗବାନଙ୍କ ମୁଣ୍ଡ ଉପରେ ଚଢି ଯିବାରୁ ତାଙ୍କର ମୃତ୍ୟୁ ହୋଇଛି । ପୁଅ ନିରଞ୍ଜନ ମଧ୍ୟ ଆହତ ହୋଇଛନ୍ତି । ହାଇୱା ଡ୍ରାଇଭର ଫେରାର୍ ହୋଇଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା । ଲୋକମାନେ ଅନ୍ୟ ଗାଡିକୁ ଭଙ୍ଗାରୁଜା କରିଥିଲେ । କୋରେଇ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଦାନଗଦୀ ପଠାଇଥିଲେ । ଦୁର୍ଘଟଣା ଘଟାଇଥିବା ହାଇୱାକୁ ପୋଲିସ୍ ଜବତ କରିଛି ।



## ‘ପ୍ରଶାସନିକ ଅବହେଳାରୁ ଏସ୍‌ସିବିରେ ଅଗ୍ନିକାଣ୍ଡ ଘଟିଛି’

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍‌ର ଟ୍ରମା କେୟାର ସେଣ୍ଟରରେ ଗତ ୧୫ ମାର୍ଚ୍ଚରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଓ ତାହାର ପରିଣତିରେ ୧୨ ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଗଭୀର ତ୍ରୁଟିକୁ ସାମ୍ନାକୁ ଆଣିଛି। ଏହାକୁ କେବଳ ଦୁର୍ଘଟଣା ନୁହେଁ, ବରଂ ଦୀର୍ଘଦିନର ପ୍ରଶାସନିକ ଅବହେଳାର ପରିଣାମ ବୋଲି ଅଭିଯୋଗ ହେଉଛି। ଜନ ସ୍ୱାସ୍ଥ୍ୟ ଅଭିଯାନ ପକ୍ଷରୁ ଭୁବନେଶ୍ୱରର ଲୋହିଆ ଏକାଡେମୀ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାକୁ ‘ପ୍ରଣାଳୀଗତ ବିଫଳତା’ ବୋଲି ଚିହ୍ନଟ କରାଯାଇଛି। ସଂଗଠନ କହିଛି ଯେ, ଅଗ୍ନି ସୁରକ୍ଷା ନିୟମ ମାନାଯାଇନଥିଲା, ଆପତକାଳୀନ ପ୍ରସ୍ତୁତି ଅପର୍ଯ୍ୟାପ୍ତ ଥିଲା, ଭିଡ଼ ନିୟନ୍ତ୍ରଣରେ ତ୍ରୁଟି ଥିଲା, ଉଦ୍ଧାର କାର୍ଯ୍ୟରେ ସମନ୍ୱୟ ଅଭାବ ଥିଲା, ହସ୍ପିଟାଲ୍ ପରିଚାଳନାରେ ଗଭୀର ଅବ୍ୟବସ୍ଥା ଥିଲା। ଘଟଣା ପରେ ସରକାରଙ୍କ ଭୂମିକା ଉପରେ ତୀବ୍ର ପ୍ରଶ୍ନ ଉଠିଛି। ଦାୟିତ୍ୱ ନେବା ପରିବର୍ତ୍ତେ ଦୋଷାରୋପର ରାଜନୀତି କରାଯାଉଛି ବୋଲି ଅଭିଯୋଗ ହେଉଛି। ଜନସ୍ୱାସ୍ଥ୍ୟ ଅଭିଯାନ ଦାବି କରିଛି ଯେ, ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ପ୍ରତି ମୃତକ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ, ସମସ୍ତ ଆହତଙ୍କୁ ମାଗଣା ଚିକିତ୍ସା, ସ୍ୱାସ୍ଥ୍ୟ ଅଧିକାର ଆଇନ୍ ପ୍ରଚଳନ, ସମସ୍ତ ହସ୍ପିଟାଲ୍‌ରେ ସୁରକ୍ଷା ଅଡିଟ୍ କରାଯାଉ। ଏହି ସମ୍ମିଳନୀରେ ଗୌରାଙ୍ଗ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରା, ମହେନ୍ଦ୍ର ପରିଡ଼ା, ଦେବୀପ୍ରସାଦ ରାୟ, ସୁଦର୍ଶନ ଦାଶ ଓ ସତୀଶ ମିଶ୍ର ଉପସ୍ଥିତ ଥିଲେ। ସମସ୍ତ ଉପସ୍ଥିତ ବ୍ୟକ୍ତିମାନେ କହିଛନ୍ତି ଯେ, ଏହା ଏକ ଚେତାବନୀ ଯାହାକୁ ଅବହେଳା କରିଲେ ଆଗାମୀଦିନରେ ଆଉ ଗୁରୁତର ଘଟଣା ଘଟିପାରେ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ତୁରନ୍ତ ସୁଧାର ଆଣିବା ଆବଶ୍ୟକ।

## ନବରାତ୍ର ମହୋତ୍ସବ, ବରଗଡ଼ ଚଳଚଞ୍ଚଳ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଆରମ୍ଭ ହୋଇଛି ପ୍ରସିଦ୍ଧ ବାସନ୍ତୀକ ନବରାତ୍ର ମହୋତ୍ସବ। ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ନଅ ଦିନ ଧରି ମାଁଙ୍କ ନବରାତ୍ରୀ ମହୋତ୍ସବ ଧୁମଧାମ୍‌ରେ ପାଳିତ ହୋଇଥାଏ। ପ୍ରଥମ ଦିବସରେ ମାଁ ସମଲେଶ୍ୱରୀ ଶୈଳପୁତ୍ରୀ ବେଶରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ପରମ୍ପରା ଅନୁସାରେ ମନ୍ଦିରରେ ମାଁଙ୍କ ବିହିତ ପୂଜାର୍ଚ୍ଚନା କରିବା ପରେ ଭକ୍ତମାନେ ଅଖଣ୍ଡ ଦୀପ ସ୍ଥାପନ ତଥା ମାନସିକ ଅଖଣ୍ଡଦୀପ ପ୍ରଜ୍ୱଳନ କରିଥିଲେ। ମାଁଙ୍କ ଶୈଳପୁତ୍ରୀ ବେଶ ଦର୍ଶନ କଲେ କାଟି ଜନ୍ମରୁ ମୋକ୍ଷ ପ୍ରାପ୍ତି ହୋଇଥାଏ। ତେଣୁ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ହଜାର ହଜାର ଭକ୍ତଙ୍କ ଆଗମନକୁ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ୮୧ ଗ୍ରାମ୍ ହେରୋଇନ୍ ଜବତ:୨ ବେପାରୀ ଗିରଫ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଦିନକୁ ଦିନ ଜଗତସିଂହପୁର ଜିଲ୍ଲାରେ ହେରୋଇନ୍ ବ୍ୟବସାୟ ବଢି ଚାଲିଥିବା ବେଳେ ଗୁରୁବାର ଦିନ ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ସଦର ଥାନା ଅନ୍ତର୍ଗତ ଆମ୍ବଦରଡ ଗ୍ରାମରେ ଚଢଉ କରି ୨୬ ଗ୍ରାମ୍‌ର ହେରୋଇନ ଜବତ କରିବା ସହ ବ୍ୟବସାୟରେ ସଂପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଆମ୍ବଦରଡ ଗ୍ରାମର ପ୍ରଭାକର ଦାସଙ୍କ ପୁଅ ପ୍ରଦମିନ ଦାସ। ଭ୍ରାମ୍ୟମାଣ ସଂସ୍ଥାର ଇନ୍‌ସପେକ୍ଟର ପ୍ରଭାସ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ଆମ୍ବଦରଡ ଗ୍ରାମର ଅଙ୍ଗନବାଡି କେନ୍ଦ୍ର ଠାରେ ଜଗି ରହିଥିବା ବେଳେ ଅଭିଯୁକ୍ତ ଜଣକ ଗ୍ରାହକଙ୍କୁ ହେରୋଇନ୍ ବିକ୍ରି କରିବାକୁ ଆସିଥିବା ବେଳେ ପୂର୍ବରୁ ଛକି ରହିଥିବା ଟିମ୍ ତାଙ୍କୁ କାବୁ କରିନେଇଥିଲା। ଯାଞ୍ଚ ପରେ ତାଙ୍କ ଠାରୁ ୨୬ ଗ୍ରାମର ହେରୋଇନ୍ ସହ ଏକ ଆଣ୍ଡ୍ରଏଡ୍ ଫୋନ୍ ଜବତ କରାଯାଇଥିଲା। ସେହିପରି ଅନ୍ୟ ଏକ ଘଟଣାକ୍ରମେ ଇନ୍‌ସପେକ୍ଟର ଶ୍ରୀକାନ୍ତ କୁମାର ପଟନାୟକଙ୍କ ନେତୃତ୍ୱରେ ଜଗତସିଂହପୁର ଅବକାରୀ ରେଞ୍ଜର ଆଉ ଏକ ଟିମ୍ ଜଗତସିଂହପୁର ଥାନା ଅନ୍ତର୍ଗତ ଚାନ୍ଦୁରା ଗ୍ରାମରେ ଚଢଉ କରି ୫୫ ଗ୍ରାମ୍‌ର ହେରୋଇନ୍, ଗୋଟିଏ ହିରୋ ଇଗ୍ନାଇଟର ମଟରସାଇକେଲ, ଗୋଟିଏ ମୋବାଇଲ ଫୋନ୍ ଏବଂ ନଗଦ ପାଞ୍ଚ ହଜାର ଟଙ୍କା ଜବତ କରିବା ସହ ହେରୋଇନ୍ ବ୍ୟବସାୟରେ ଲିପ୍ତ ଥିବା ଖେରସପାଟଣା ଗ୍ରାମର ଦୟାନିଧି ଦାସଙ୍କ ପୁଅ ନାରାୟଣ ଦାସ (୪୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତକୁ ଧରିବା ପାଇଁ ଗତ କିଛିଦିନ ହେବ ଇନ୍‌ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକ ଏକ ଟିମ୍ ଗଠନ କରି ଅଭିଯୁକ୍ତଙ୍କ ଉପରେ ନଜର ରଖିଥିଲେ। ହଠାତ୍ ଅଭିଯୁକ୍ତ ଜଣକ ଉକ୍ତ ହେରୋଇନ୍‌କୁ ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ପ୍ରସ୍ତୁତ ହେଉଥିବାର ଖବରପାଇ ସଦଳବଳେ ଚଢଉ କରିଥିଲେ। ଅଭିଯୁକ୍ତ ମାନଙ୍କୁ ଜିଲ୍ଲା ଦୌରାଜଜ୍ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇ ଥିବାବେଳେ ଅଭିଯୁକ୍ତଙ୍କ ଜାମିନ୍ ନାମଞ୍ଜୁର କରି ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଯାଇଛି। ଏହି ଚଢଉରେ ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର ଏଏସ୍‌ଆଇ ସନ୍ତୋଷ ନାୟକ, କନେଷ୍ଟବଳ ସବିତା ନାୟକ, ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ଏବଂ ଜଗତସିଂହପୁର ଅବକାରୀ ରେଞ୍ଜର କନେଷ୍ଟବଳ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ୍ ଥିଲେ। ଅଭିଯୁକ୍ତମାନେ କେଉଁଠୁ ହରୋଇନ୍ ଆଣୁଥିଲେ ଏବଂ ଏହି ବ୍ୟବସାୟ ପଛର ମାଷ୍ଟରମାଇଣ୍ଡଙ୍କୁ ଧରିବା ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅବକାରୀ ବିଭାଗ ଜେରା କରିବ ବୋଲି ଅବକାରୀ ଅଧିକ୍ଷକ ଅନୀତା ପ୍ରଧାନ ପ୍ରକାଶ କରିଛନ୍ତି।

## ସମ୍ବଲପୁର–ସୁବର୍ଣ୍ଣପୁର ନୂତନ ରେଲ ପ୍ରକଳ୍ପ ନେଇ ସାଂସଦଙ୍କ ପ୍ରୟାସକୁ ପ୍ରଶଂସା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସମ୍ବଲପୁରରୁ ସୁବର୍ଣ୍ଣପୁରକୁ ଧମା ଓ ଉଲୁଣ୍ଡା ମାର୍ଗରେ ନୂତନ ରେଲ ପ୍ରକଳ୍ପ ପାଇଁ ପୁଣିଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାରୁ ସୁବର୍ଣ୍ଣପୁର ଜିଲ୍ଲାରେ ସକରାତ୍ମକ ପ୍ରତିକ୍ରିୟା ମିଳିଛି। ଏହି ପରିପ୍ରେକ୍ଷୀରେ ସଚେତନ ନାଗରିକ ମଞ୍ଚ, ସୁବର୍ଣ୍ଣପୁର ପକ୍ଷରୁ ବଲାଙ୍ଗିରର ସାଂସଦସଙ୍ଗୀତା କୁମାରୀ ସିଂଦେଓଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଛି। ମଞ୍ଚ ପକ୍ଷରୁ ଜାରି ହୋଇଥିବା ବିବୃତିରେ କୁହାଯାଇଛି ଯେ, ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ଥିବା ଏହି ରେଲ ପ୍ରକଳ୍ପ ଅଞ୍ଚଳର ସାମଗ୍ରିକ ଉନ୍ନତିକୁ ନୂଆ ଗତି ଦେବ। ବିଶେଷକରି ଯାତାୟାତ, ବାଣିଜ୍ୟ ଓ ସାମାଜିକ ସଂଯୋଗକୁ ଏହା ମଜବୁତ କରିବ ବୋଲି ଆଶା କରାଯାଉଛି। ସାଂସଦ ଶ୍ରୀମତୀ ସିଂଦେଓଙ୍କ ଏହି ପଦକ୍ଷେପ ପାଇଁ ମଞ୍ଚ ପକ୍ଷରୁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଯାଇଛି। ସେ ଏହି ପ୍ରକଳ୍ପକୁ ଆଗକୁ ବଢ଼ାଇ ଶୀଘ୍ର ଏକ ନିର୍ଣ୍ଣାୟକ ପର୍ଯ୍ୟାୟକୁ ନେବେ ବୋଲି ଜିଲ୍ଲାବାସୀ ଆଶା ପ୍ରକାଶ କରିଛନ୍ତି। ଏହା ସହିତ, ସାଂସଦଙ୍କ ଏହି ଉଦ୍ୟମ ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ହୃଦୟରେ ଚିରସ୍ମରଣୀୟ ଭାବେ ଅବିସ୍ମରଣୀୟ ରହିବ ବୋଲି ସଚେତନ ନାଗରିକ ମଞ୍ଚ ମତ ପ୍ରକାଶ କରାଯାଇଛି।

## କାଠଯୋଡ଼ି ବନ୍ଧ ସଂଲଗ୍ନ ରାସ୍ତାରେ ବସ୍ ଚଳାଚଳ ବନ୍ଦ:ଜନତାଙ୍କ ହଟହଟା

**କଟକ, ନ୍ୟୁଜ୍ ବ୍ୟୁରୋ**

ମଧୁ ସେତୁରୁ କାଠଯୋଡି ବନ୍ଧକୁ ସଂଲଗ୍ନ ପ୍ରଶସ୍ତ ରାସ୍ତାରେ ଅଯଥାରେ ବସ୍ ଚଳାଚଳ ବନ୍ଦ ହେବା ଫଳରେ ସ୍ଥାନୀୟ ତଥା ଦୂର ଦୁରାନ୍ତ ଯାତ୍ରୀ ଯନ୍ତ୍ରଣା ଓ ଅସୁବିଧା ଭୋଗୁଛନ୍ତି। ଶୁଣାଯାଉଛି କୌଣସି ବ୍ୟକ୍ତି ବିଶେଷଙ୍କ ନିଜସ୍ୱ ସ୍ୱାର୍ଥରେ ଏହି ମୁଖ୍ୟ ରାସ୍ତାକୁ ବନ୍ଦ କରାଯାଇଛି। ତାହା ଅତ୍ୟନ୍ତ ନିନ୍ଦନୀୟ ଓ ବେଆଇନ୍ କାର୍ଯ୍ୟ।ସମସ୍ତ ବସ୍ ଯାତାୟାତ ଉକ୍ତ ମୁଖ୍ୟ ରାସ୍ତା ଦେଇ ବିଭିନ୍ନ ସ୍ଥାନରୁ ମଧୁ ସେତୁ, ବିଜୁ ପଟ୍ଟନାୟକ ପାର୍କ ଦେଇ ସିଧା କାଠଯୋଡ଼ି ବନ୍ଧକୁ ସଂଯୋଗ କରି କଟକ ନେତାଜୀ ବସ୍ ଟର୍ମିନାଲ୍ ଓ ବିପରିତ ଦିଗରେ ନରାଜ ବସ୍ ଗୁଡିକ ଯାତାୟାତ କରୁଥିଲା। ମୁଖ୍ୟ ରାସ୍ତା ବନ୍ଦ ହେବା ଫଳରେ ବସ୍ ଗଡିକୁ ରାସ୍ତା ବଦଳାଇ ସେକ୍ଟର ଦେଇ ଅଣ ଓସାରିଆ ରାସ୍ତାରେ ଯିବାକୁ ପଡୁଛି ଫଳରେ ସାଧରଣ ଲୋକ ନାହିଁନଥିବା ଅସୁବିଧାର ସମୁଖୀନ ହେବାକୁ ପଡୁଛି। ଏହାର ପ୍ରତିବାଦରେ ଏବଂ ମହାନଗରରେ ସିଟି ବସ୍ ଚଳାଚଳର ସମୟ ରହଣି ସ୍ଥଳ ସ୍ଥିର କରିବା, ସମସ୍ତ ବସ୍ ରହଣି ସ୍ଥଳରେ କେଉଁ ନମ୍ବର ବସ୍ କେଉଁ ଆଡେ ଯାଉଛି ତାହାର ସୂଚନା ଫଳକ ଲଗାଇବା, ଧବଳେଶ୍ୱର ଦେଇ ଚଳପ୍ରଚଳ କରୁଥିବା ବସ୍ ଗଡିକ ବନ୍ଦ କରାଯାଇଛି ତାହା ପୁନଃ ଚାଲୁ କରିବା ଦାବିରେ ବିଶିଷ୍ଟ ନାଗରିକ ଓ ଗଣ ଅନୁଷ୍ଠାନ ପକ୍ଷରୁ ଏକ ସ୍ମାରକ ପତ୍ର ଜିଲ୍ଲାପାଳ ତଥା ଆଞ୍ଚଳିକ ପରିବହନ ଅଥରିଟିର ମୁଖ୍ୟଙ୍କୁ ପ୍ରଦାନ କରାଯାଇଛି। ପ୍ରତିନିଧି ଦଳରେ ସର୍ବଶ୍ରୀ ଖଗେଶ୍ୱର ସେଠୀ, ସୁକାନ୍ତ ନାୟକ କ୍ଷୀରୋଦ ମହାପାତ୍ର, ଚିତ୍ତରଞ୍ଜନ ମହାନ୍ତି, ଯୁଗଳ ନାୟକ, ଅକ୍ଷୟ ଦାସ, ପୁଷ୍ପିତା ମହାନ୍ତି, ଏନମୁଲ ହକ, ଅଶୋକ କୁମାର ପଣ୍ଡା, ଜୟନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୩ / ୪ବୃ | ୨ଚ | ରଶଶୁଲ / କୁମା୧୨ |
| ୫ | ୧ / ୧ | ୧୧ |
| ୬କେ / ୭ | ୮ | ୯ / ୧୦ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୧।୦୩।୨୦୨୬, ଚୈତ୍ର ଦି୭ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୫୩।୧୧** **ଚନ୍ଦ୍ରୋଦୟ- ପ୍ରାଘ ୭।୦୮।୫୧**

**ତୃତୀୟା-** ରାଘ ୧୧।୫୮ ପର୍ଯ୍ୟନ୍ତ । ଅଶ୍ୱିନୀ ନକ୍ଷତ୍ର ରାଘ ୧୨।୩୮ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧୧।୫୮ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୨୫ ଗତେ ଦିଘ ୧।୦୮ ମଧ୍ୟେ । **ପର୍ବୋତ୍ସବ-** ଇଦ୍-ଉଲ୍-ଫିତର୍ ।



**ମେଷ:** ଅଟକି ରହିଥିବା କାମ ଗୁଡ଼ିକ ଯୋଗୁ ମାନସିକ ଶାନ୍ତି ଅବ୍ୟାହତ ହେବ। ଆବଶ୍ୟକତା ଠାରୁ ଅତ୍ୟଧିକ ଆୟ ହେବ। ପରିବାରରେ ଅଯଥା କଳହ ସୃଷ୍ଟି ଓ ପରେ ପଶ୍ଚାତାପର ଆଶଙ୍କା ମଧ୍ୟ ରହିଛି ।



**ବୃଷ:** ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପର ହେବେ। ଆଚାର ବ୍ୟବହାରରେ କିଛିଟା ପରିବର୍ତ୍ତନ ଦେଖାଦେବ। ଅହଂକାର ଦେଖାଦେବ। କାରବାରରେ ଲାଭବାନ୍ ହେବେ। ଆଳସ୍ୟ ପରାୟଣ ହେବେ। ପାରିବାରିକ ଶାନ୍ତି ଲାଭ ହେବ ।



**ମିଥୁନ:** ପାରିବାରିକ ସମସ୍ୟାର ସମାଧାନ ଘଟିବାର ସମ୍ଭାବନା। ଦୂରଯାତ୍ରା କରି ଆନନ୍ଦ ପ୍ରାପ୍ତ ହେବ। ଆହାରେ ତୃପ୍ତି। ରୋଜଗାରରେ ଶିଥିଳତା। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ। ସୁଖ ଓ ସମ୍ମାନ ପ୍ରାପ୍ତ ହେବ ।



**କର୍କଟ:** ଆଳସ୍ୟ ଓ ଅବହେଳା ଯୋଗୁ ସମସ୍ତ କାର୍ଯ୍ୟ ହାତରୁ ଚାଲିଯିବ। ଆଗପଛ ବିଚାର କରି କାର୍ଯ୍ୟ କରନ୍ତୁ। ବନ୍ଧୁ ମିଳନ ସହିତ ସୁସମ୍ବାଦ ପ୍ରାପ୍ତିର ସୂଚନା। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ଶାନ୍ତି ପ୍ରତିଷ୍ଠା।



**ସିଂହ:** ଆତ୍ମୀୟ ସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ଟେନ୍‌ସନ୍ କିଛି ମାତ୍ରାରେ କମିଯିବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ସମ୍ପାଦନ ହେବ। ରୋଜଗାର ମଧ୍ୟମ ହେବ।



**କନ୍ୟା:** ରୋଜଗାରରେ ବାଧା। କାର୍ଯ୍ୟ କ୍ଷେତ୍ରରେ ପ୍ରତାରିତ ହେବାର ସମ୍ଭାବନା। ପାରିବାରିକ ଶାନ୍ତି ଅନୁଭବ କରିବେ। ଅପରାହ୍ଣେ ସୌଜନ୍ୟ ପ୍ରାପ୍ତି। ବନ୍ଧୁମାନେ ସୁବିଧାବାଦୀ ଭଳି କାର୍ଯ୍ୟ କରିବେ ।



**ତୁଳା:** ଶାରୀରିକ ସୁସ୍ଥତା ଅନୁଭବ କରିବେ। ଆୟ ଅପେକ୍ଷା ବ୍ୟୟ କମିବ। ଉତ୍ତମ ଭୋଜନ ପ୍ରାପ୍ତି। ଶୁଭ କାର୍ଯ୍ୟରେ ଯୋଗ ଦେବାର ସମ୍ଭାବନା ରହିଛି। ନିଜ ଲୋକଙ୍କ ଠାରୁ ଆସ୍ଥା ହରାଇବାର ସମ୍ଭାବନା ।



**ବିଛା:** ସମସ୍ୟା ଗୁଡ଼ିକର ସରଳ ସମାଧାନ କରିବେ। ଆପଣଙ୍କର ଦୁଃଖ ବନ୍ଧୁ ବୁଝିବେ। ଦୂରଯାତ୍ରା କରିବାର ସମ୍ଭାବନା ରହିଛି। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ପରିବାରରେ ସୁଖ ଶାନ୍ତି ଆନନ୍ଦ ପ୍ରତିଷ୍ଠା ହେବାର ସମ୍ଭାବନା ।



**ଧନୁ:** କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ହଠାତ୍ ଦୂରଯାତ୍ରା କରିବାର ସମ୍ଭାବନା। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି। କର୍ମକ୍ଷେତ୍ରରେ ଅଗ୍ରଗତିର ସମ୍ଭାବନା। ଗୃହେ କଳହ।



**ମକର:** କର୍ମକ୍ଷେତ୍ରରେ ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ ହେବ। ନିଜର ଅନିଚ୍ଛା ସତ୍ତ୍ୱେ ଭ୍ରମଣ କରିବାର ସମ୍ଭାବନା। ବନ୍ଧୁ ବାନ୍ଧବଙ୍କ ପରାମର୍ଶ ଗ୍ରହଣ କରିବେ। ଠକାମିର ଶିକାର ହେବେ। ରୋଜଗାରରେ ଉନ୍ନତି ।



**କୁମ୍ଭ:** ନିଜର ଆଧିପତ୍ୟ ଜାହିର କରିବେ। ପ୍ରାଧାନ୍ୟତା ବୃଦ୍ଧି ପାଇବ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। କାର୍ଯ୍ୟ ହାସଲ ପାଇଁ ଚେଷ୍ଟା କରିବେ। ପାରିବାରିକ ଶାନ୍ତି ଲାଭ ହେବ। ଦିନଟି ଭଲରେ ବିତିବ ।



**ମୀନ:** କେତେକ ଦିଗରୁ ଚାପ ପ୍ରୟୋଗ ହୋଇପାରେ। ତଥାପି ଆପଣ ଭଲରେ ନିଜର କର୍ମ ସମ୍ପାଦାନ କରି ଉଚ୍ଚ ଚିନ୍ତା ଧରି କଳ୍ପନା ରାଇଜରେ ଘୁରି ବୁଲିବେ। ଆୟ ମଧ୍ୟମ ହେବ। ଗୃହେ ଅଶାନ୍ତି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୨।୦୩।୨୦୨୬, ଚୈତ୍ର ଦି୮ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୫୧।୧୮** **ଚନ୍ଦ୍ରୋଦୟ- ପ୍ରାଘ ୭।୫୨।୧୮**

**ଚତୁର୍ଥୀ-** ରାଘ ୯।୧୮ ପର୍ଯ୍ୟନ୍ତ । ଦ୍ୱିଜା ନକ୍ଷତ୍ର ରାଘ ୧୦।୪୩ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ରାଘ ୪।୧୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୪।୧୫ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ରାଘ ୯।୧୮ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୯।୧୮ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୪ ଗତେ ଦିଘ ୯।୫୫ ମଧ୍ୟେ । ଦିଘ ୧।୨୫ ଗତେ ଦିଘ ୧।୫୬ ମଧ୍ୟେ । **ପର୍ବୋତ୍ସବ-** ବିନାୟକ ଚତୁର୍ଥୀ, ବିଶ୍ୱ ଜଳ ଦିବସ ।

# ଲୋଡ଼ା ଖାଲି ବନୀକରଣ




*ରାଜ କିଶୋର ସ୍ୱାଇଁ*

ଧରାରୁ ମେଲାଣି ନେବାପରେ ଶୀତ
ଆସେ ମଧୁମୟ ବସନ୍ତ
ଆମ୍ବ ଡାଳେ ବସି ପିକ କରିଥାଏ
କୁହୁତାନେ ତାର ସ୍ୱାଗତ
ବହେଟି ମଳୟ ପବନ
ପୀକ ମଧୁ ସ୍ୱନ ଦିଅଇ ବାରତା
ଋତୁରାଜର ଆଗମନ ।।୧।।

ଆମ୍ବ ବଉଳର ମହ ମହ ବାସ
ମହକାଏ ସାରା ଅଞ୍ଚଳ
ନବ ପଲ୍ଲବିତ ପାଦପର ଛାୟା
ଚଉପାସ କରେ ଶୀତଳ
ଫୁଟେ ନାନା ଜାତି କୁସୁମ
ଚମ୍ପା ମଲ୍ଲୀ ଜୁଇ ଗୋଲାପ ଟଗରେ
ଧରା ଦିଶେ ଅତି ସୁଷମ ।।୨।।

ଏଇ ବସନ୍ତରେ ବରଷକେ ଥରେ
ମହା ଆଡମ୍ବର କାରଣ
ଚଇତ ମାସର ଶୁକ୍ଳ ନବମୀ
ରାମଙ୍କ ଧରାବତରଣ
ସେ ପରା ମର୍ଯ୍ୟାଦା ପୁରୁଷ
ଭାବ ଭକତିରେ ତୋଷେ ଯିଏ ତାଙ୍କୁ
ହରନ୍ତି ସେ ତାର କଳୁଷ ।।୩।।

ବସନ୍ତର ଅନ୍ତେ ଆଦ୍ୟ ଗ୍ରୀଷ୍ମରେ
ଆସେ ଆମ ନୂଆ ବରଷ
ପଣା ସଙ୍କରାନ୍ତି ଦିନଠୁଁ ଆରମ୍ଭ
ମନେ ଭରିଦିଏ ହରଷ
ବାର ମାସେ ତେର ପରବ
ଶିବରାତ୍ରି ଦୋଳ ହୋଲି ଝାମୁ ଆଦି
ଆମ ଓଡ଼ିଆଙ୍କ ଗରବ ।।୪।।

ଦେଖ ଆଜି ଆଉ ଫେରୁନି ବସନ୍ତ
ପଦା କରିବାରୁ ଜଙ୍ଗଲ
ବଢ଼ିବାରୁ ତାପ ଜଳର ଅଭାବେ
ପ୍ରାଣୀଏ ଡହଳ ବିକଳ
ଦୂରେଇବାକୁ ଏ କଷଣ
ପ୍ରଦୂଷଣ ମୁକ୍ତ ପାଇଁ ପରିବେଶ
ଲୋଡ଼ା ଖାଲି ବନୀକରଣ ।।୫।।

*ଅବସର ପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ,କାର୍ଯ୍ୟନିର୍ବାହୀକା ସମିତି ସଦସ୍ୟ, ଉତ୍କଳ ସାହିତ୍ୟ ସମାଜ*
*ଶାନ୍ତିନଗର, ନୂଆପଡା, ନୂଆବଜ଼ାର, କଟକ-୭୫୩୦୦୪*
*ମୋ-୯୪୩୭୪୪୨୦୪୧*



# ଜୀବନର ନଈ

*ଡ. ଦୀପକ କୁମାର ମିଶ୍ର*

ସମ୍ବେଦନାହୀନ ସୁପ୍ତ ନଈଧାରେ ହୋଇଛି ଆଜି ମୁଁ ଠିଆ
ବିନା ଆହୁଲାରେ ବାହିଯାଏ ମୋର ଜୀବନର ଟିକି ନାଆ
ବିହିର ଠିକଣା ଖୋଜି ତ ପାଏନା ଜୀବନ ଯମୁନା କୂଳେ
କୁଲୁକୁଲୁ କାଳ ଶବଦ ଶୁଭୁଛି ବତୀଘର କାହିଁ ମିଳେ ॥

ନିଜେ ନଈ ହୋଇ ବୋହିବାକୁ ଇଚ୍ଛା ନାଉରିଆ ବେଶ ଛାଡ଼ି
ଅକାତ କାତର ଅକାଟ୍ୟ ବୁଡ଼ାଣ ବିପଦ ଆସୁଛି ମାଡ଼ି
ଅଳସୀ କନ୍ୟାର କଳସୀ ପୁରେନା ତୃଷ୍ଣା ବିତୃଷ୍ଣା ହୁଏ
ଅଲାଜୁକ ମୁହଁ ଛାତିରେ କଳିଜା କିମ୍ପିରିଣୀ ମୁହାଁ ହୁଏ ॥

ଦଇବ ଘାଣ୍ଟୁଛି ମଝି ଦରିଆରେ ଦୁଃଖ ଝଡ଼ ରୂପେ ବହେ
ସମୁଦ୍ର ମୁହାଣ ଦୁରେଇ ଯାଉଛି ସଙ୍ଗମ ସପନ ହୁଏ
ନଈ ଓ ନାଉରୀ ଏକାଠି ମିଶନ୍ତି ଅସ୍ତିତ୍ୱର ଛାଇ ତଳେ
ନଉକାବିହାର ନେତି ନେତି ଛଳେ ନିନାଦିତ କଳେବଳେ ॥

ଜୀବନର ନଈ ଅସାମାନ୍ୟ ସୁଅ ଭେଟେ ଢାଲୁ କେବେ ଢ଼େପ
ମରିଗଲେ ଆଶା ଅଶାନ୍ତ ମନରେ କେଉଁ ଲାଭ ଭାଳି ପାପ ॥

# ଭଲ ଜୀବନ ନା ଭଲ ମୃତ୍ୟୁ

*କବିତା ମହାନ୍ତି*



ମୁଁ, ତମେ ସିଏ
ସଭିଏଁ ଚାହାଁନ୍ତି
ଭଲ ଜୀବନଟିଏ

କିନ୍ତୁ ଭଲ ଜୀବନର
ସଂଜ୍ଞା କଣ !!
କେହି କେବେ ଦେଖିଛି
ଶୁଣିଛି
ଲଭିଛି ଭଲ ଜୀବନ ?

ଭଲ ଜୀବନକୁ ଖୋଜୁ ଖୋଜୁ
ଗୋଟିଏ ଜୀବନର ଆୟୁଷ ସରିଯାଏ
ପୁଣି କେତେଟା ଜୀବନ ଜିଇବାକୁ ହେବ
ଭଲ ଜୀବନଟିର ସ୍ୱାଦ ଚାଖିବାକୁ !

ନ ହେଲା ନାହିଁ ଭଲ ଜୀବନଟିଏ
ଭଲ ମୃତ୍ୟୁଟେ ହେଲେ ଦିଅ
ନଥାଉ କ୍ଲେଶ, ଦୁଃଖ, କଷ୍ଟ
ଜୀବନକୁ ବୋହି ବୋହି
ଆଉ ବଳ କାହିଁ ଯେ
ମୃତ୍ୟୁକୁ ବୋହିବାକୁ

ସେଥିପାଇଁ ତ ସାରା ଜୀବନ
ଭଲ ଜୀବନ ପାଇଁ ଲଢୁଥିବା ମଣିଷଟେ ଆଜି
ଚାହୁଁଚି, ହାତ ପତେଇ ମାଗୁଛି
ଜୀବନ ନହେଲା ନାହିଁ
ଭଲ ମୃତ୍ୟୁ ଥରଟିଏ ତାକୁ ଦେଇଦିଅ ।

*ଶୈଳ ନିବାସ, ନିଗମାନନ୍ଦ ନଗର, ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*

# ପଖାଳ

*ପ୍ରଶାନ୍ତ କୁମାର ନାଥ*

ଖାଇଅଛି ଯିଏ ଭୁଲିଛି କି ସିଏ
ଆମରି ପଖାଳ ଭାତ
ଧିରେ ଧିରେ ଏବେ ବଢ଼ି ବଢ଼ି ଯାଏ
ଦିନୁ ଦିନ ତାର ଖ୍ୟାତ ।
କେତେ ଆଦରରେ ବାସି ପଖାଳକୁ
ମାଆ ଦେଉଥିଲା ବାଢ଼ି
ବାଡି ବାଇଗଣ ଦଳି ଦେଉଥିଲା
ତା'ସାଥେ ମଞ୍ଜିର ବଡ଼ି ।
ଧିରେ ଧିରେ ଏବେ ପଖାଳ ଭାତର
ଚାହିଦା ହେଲାଣି ବେଶି
ଆନନ୍ଦ ମନରେ ଖାଇଲେଣି ଏବେ
ହୋଟେଲ ଭିତରେ ବସି ।
ଛୁଙ୍କ ପଖାଳର ସୁଆଦ ନିଆରା
ହୋଟେଲରେ ଯାହା ମିଳେ
ସୋରିଷର ଛୁଙ୍କ ମରାଯାଇ ପୁଣି
ଲେମ୍ବୁ ଭାସୁଥାଏ ଫାଳେ ।

ଦହି ପଖାଳକୁ ଆନନ୍ଦେ ଖାଆନ୍ତି
ବିଦେଶରେ ଏବେ ରହି
ସେପରା ଅଟଇ ସୁସ୍ୱାଦୁ ଭୋଜନ
ପ୍ରବାସୀ ଓଡ଼ିଆ ପାଇଁ ।
ପେଜ ନଗାଳିକି ଗରମ ଭାତରୁ
ମିଶାନ୍ତି ସେଥିରେ ପାଣି
ସଜ ପଖାଳଟି ନାମ ଅଟେ ତାର
ଖାଆନ୍ତି ପାଣିରୁ ଛାଣି ।
ଗରମ ଭାତରେ ପାଣି ମିଶେଇକି
ତୁରନ୍ତ ଖାଇଲେ ତାହା
ଚାଇଁ ପଖାଳ ଯେ ନାମଟି ତାହାର
ଅଟେ ଭାରି ସୁଆଦିଆ ।
ଟଭା ପଖାଳକୁ ଜିରା ପଖାଳ ଯେ
ଆହୁରି କେତେ ପ୍ରକାର
ଯେଉଁଠି ଯେମିତି ଯା'ସାଥେ ଖାଇଲେ
ପଖାଳ ଲାଗେ ସୁନ୍ଦର ।



*ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର-୭୫୫୦୧୩*
*ମୋ-୮୩୧୦୩୨୮୩୪୫*



# ପଖାଳ କଂସା

*ଦୁଷ୍ମନ୍ତ ବେହେରା*

ମନ ବାଉଳାକୁ ଦେହ ସରସ
ସୁନ୍ଦର ପଖାଳ କଂସାରେ
ମନ ବ୍ୟାକୁଳ.....

ଓଡ଼ିଆ ମାଟିର ମନରେ ବଳ
ଦେହକୁ ଯୋଗାଏ ହିତ
ପଖାଳ ଭାତ...

ଖରା ହେଉକି ବିଷମ ସଭିଏଁ
କୁହନ୍ତି ପଖାଳ ଅଛି ତ
ମନରେ ସୁଖ...

ଶାଗ ସାଙ୍ଗରେ ବଡ଼ିର ମଜା
ଦହି କହୁଥିଲା ଅଛି ଲେମ୍ବୁ
ସାଥିରେ ମୁଁ ଏକା......

ଆସ ଗୋ ସଙ୍ଗାତ ଆସ ମିତ
ସଭିଏ ପାଳିବା ଓଡ଼ିଶା
ପଖାଳ ଦିବସ.....

*ରାସୋଳ-ମୁଣ୍ଡିଆପଶି,ଢେଙ୍କାନାଳ*
*ମୋ-୮୮୯୫୦୯୦୧୬୩*

# ଓଠ

*ବିନୟ କୁମାର ମିଶ୍ର*

ଓଠ ତ ଏମିତି କୋମଳ ମଧୁର ପ୍ରୀତିର ଅମୃତ ଧାରା,
ଓଠକୁ ଓଠରେ ମିଶାଇ ଦେଖିଚି ଅନେକ ସ୍ୱପ୍ନ ପସରା,
ଓଠ କହୁଥାଏ ଥରି ଥରି କେବେ ଅକୁହା ବେଦନା କୋହ,
ଓଠକୁ ଦାନ୍ତରେ ଛୁଆଁଇ ଭାଙ୍ଗିଛି ଅନେକ ସମ୍ପର୍କ ମୋହ ॥

ଓଠ ବାଙ୍କି ଗଲେ ଅସୂୟା ଅଜାଡେ ଅପବାଦର ନାଗରା,
ଓଠ ଫୁଲିଗଲେ ଗଦା ଗଦା ସ୍ନେହ କହେ ଇତିହାସ ସାରା,
ଓଠ ଚାପି ଦେଲେ ନରମି ସରମି ମନ୍ତ୍ରଣାର କୁହେଳିକା,
ଓଠ ଖୋଲିଦେଲେ ସମ୍ପର୍କର ସେତୁ ହୋଇଯାଏ ପ୍ରହେଳିକା ॥

ଓଠରେ ସ୍ୱର୍ଗୀୟ ଅମୃତେ ଭରିଛି କେତେ ଆଶ୍ୱାସନା ମାନ,
ଓଠ ବେଳେ ବେଳେ ଆଘାତ ପାଇଲେ ମିଳିଯାଏ ଅପମାନ,
ଓଠକୁ ଓଠରେ ଚାପି ଚୁପି ଦେଲେ ପ୍ରଣୟ ଲାଳସୀ ଭାବ,
ଓଠକୁ କପୋଳେ ଛୁଆଁଇଁ କେ ପାଏ ଅପତ୍ୟବନ୍ଧନ ଲାଭ ॥

ଓଠ ଏ ମାଟି ମଟାଳ ଦେହଳୀ ଭବ ମୁକ୍ତି ସ୍ୱର୍ଗ ଦ୍ୱାର
ଓଠ ନୀରବିଲେ ଅବୁଝା ଜଗତ ଓଠ ପ୍ରେମର ଭଣ୍ଡାର ॥

*ନିଆଳ, ଖୋର୍ଦ୍ଧା*



# ସେକାଳ ପଖାଳ !!

*କୈଳାସ ଚନ୍ଦ୍ର ସାହାଣୀ*

ସେକାଳ ପଖାଳ ମନେପଡେ ଭାରି
ବାସି ତୋରାଣିର ମହକ ଆସେ,
ବଗଡା ମାଟିଆ ଲୁଣ ମିଶା ଭାତ
ବାଇଗଣ ପୋଡା ଚକଟା ବାସେ ।

ବସାଦହି ମିଶା ପଖାଳ କେବେ ତ
କେବେ ଠେକି ସିଝା କ୍ଷୀର ମିଶାଇ,
ଗେଫା ଗେଫା ଭାତ ମୁହାଁଏ ପାଟିକୁ
ଆଉ କିଛି ଲୋଡା ମୋ ପାଇଁ ନାଇଁ ।

ବାଡି ମଦରଙ୍ଗା ହେଉ ଲେଉଟିଆ
ସଜନା ଶାଗରେ ଭାରି ଶରଧା,
ଆଳୁ ପୋଡା ସଙ୍ଗେ ଶୁଖୁଆ ପୋଡାରେ
ପେଟ କେବେ ମୋର ହୁଏନି ଅଧା ।

ବୋଉ କେବେ ଆଣେ ଆମ୍ବୁଲ ଫଡା
ରସୁଣ ଲଙ୍କାରେ କରଇ ପାଗ,
ସାତ ତିଅଣକୁ ସପନ ସେକାଳେ
ପେଟ ପୋଡିଗଲେ ନ ଦିଶେ ଦିଗ ।

ସେକାଳ ପଖାଳ ଦେହେ ଦେଲା ବଳ
ବାଳୁତ କାଳରୁ ହୋଇଲି ଯୁବା,
ବଡ଼ି ଚୂରା ସହ ମାଛ ଭଜା କେବେ
ବୋଉ ବାଢିଦିଏ କି ମନଲୋଭା ।

ପଖାଳ ଆମର ଜୀବନ ନାଟିକା
ପରମ୍ପରା ଅଛି ଓଡ଼ିଆ ଘରେ,
ବାହାଘର ପରେ ପଖାଳ ଖାଇବା
ଜୋଇଁ ପୁଅ ପାଇଁ ଶଶୁର ପୁରେ ।

ଆମ ଜଗନ୍ନାଥ ପାଖାଳ ଖାଇବା
ନୀତି ନିୟମଟେ ହୋଇଛି ଅବା,
ସେଦିନ ପଖାଳ ଖୋଲିଥିଲା ଆଖି
ଗାନ୍ଧୀ ଯେବେ ଦେଖି ହୋଇଲେ କାବା ।

ଗରିବ ବାପୁଡା ପଖାଳ ତୋରାଣି
ଢକ ଢକ ପିଏ ଶରଧା ମଣି,
ବଡଦେଉଳରେ ସେ ଟଙ୍କ ତୋରାଣି
ପିଉଥାଏ ଭକ୍ତ ପଇସା ଗଣି ।

ସଜ ପଖାଳଠୁ ସେ ବାସି ପଖାଳ
ସବୁଠି ରହିଛି ଅଲଗା ସ୍ୱାଦ,
ଏବେ ବଡଲୋକ ବଡ ହୋଟେଲରେ
ଜାଣିଛନ୍ତି ଯିଏ ଯାହାର ଭେଦ ।

ଅଂଶୁଘାତୁ ରକ୍ଷା କରଇ ପଖାଳ
ଦେହ ପାଇଁ ହିତ ସେ ସଦା କାଳେ,
ସକାଳ ଗାଧୁଆ ପଖାଳ ଖିଆଟା
ଆଜି ବି ଝୁରୁଛି ମରମ ତଳେ ।

*ବଡବିଲ, କେନ୍ଦୁଝର*

# ଅପମାନର ପ୍ରେରଣା





**ଡ. ଚନ୍ଦ୍ରକଳା ନାୟକ**

ଘର ବାହାରେ କେହି ଜଣେ ବାରମ୍ବାର କଲିଂ ବେଲ୍ ବଜାଉଥିଲା । ଓ ହୋ .... ଆଜି ରବିବାରଟାରେ କିଏ ? ଏତେ ସକାଳୁ ରାତି ନପାହୁଣୁ ମଣିଷକୁ ଟିକେ ଶାନ୍ତିରେ ଶୋଇବାକୁ ଦେବେନି । ସକାଳଟାରୁ ଗେଟ୍ ବାହାରେ କିଏ ଗୋଟେ ପହରା ଦେଲାଣି । ମାଗଣ କରିବାକୁ କିଏ ବୋଧେ ଆସିଛନ୍ତି । ମୋର ସମ୍ପର୍କିୟ ତ କେହି ଏତେ ସକାଳୁ ଆସିବେନି । ଯଦି ବି କିଏ ନିଜ ଲୋକ ଆସିଥାନ୍ତେ, ଫୋନ୍ ତ ନିଶ୍ଚୟ କରିଥାନ୍ତେ । ମଧୁମିତା ଏ ସବୁ ଭାବୁ ଭାବୁ ପୁଣି ଜୋର୍‌ରେ କଲିଂ ବେଲ୍‌ଟା ବାଜିଲା । ଅସଜଡା ଅଳରା କେଶ ଓ ଶାଢିର କାନିକୁ ସଜାଡି ସଜାଡି ମଧୁମିତା କବାଟ ଖୋଲିଲା । କବାଟ ମୁହଁରେ ଜଣେ ଦରବୁଢା ମଣିଷଙ୍କୁ ଦେଖିଲା । ଏକଦମ୍ ନିପଟ ଗାଉଁଲିଆ । ରୋଗୀଣା, ମଳିମୁଣ୍ଡିଆ, ଜୀର୍ଣ୍ଣ ଶରୀର, ପୋଷାକପତ୍ର ଭାରି ଅପରିଷ୍କାର, ଆଣ୍ଠୁ ଉପରକୁ ମଳିଛିଆ ଗଂଜି ଖଣ୍ଡେ ଦେହରେ, ଆଉ ହାତରେ ଗାନ୍ଧୀ ଅମଳର ଝୁଲା ବ୍ୟାଗଟିଏ । ବୁଢାର ମୁହଁରୁ ଜଣା ପଡୁଥିଲା, ସେ ଯେମିତି ବହୁତ ଦୁଃଖୀ ଓ ବିଷାଦ ଗ୍ରସ୍ତ ।

ବୁଢାଟା ଭିକାରୀ ଭାବି ମଧୁମିତା ବିରକ୍ତି ପ୍ରକାଶ କଲା । କହିଲା କଣ ହେଲା ? ରାତି ନପାହୁଣୁ ମାଗିବାକୁ ଚାଲି ଆସିଲ ? କିଛି ବି ମିଳିବନି, ଏଠୁ ଆଗ ଗଲ । ବୁଢା ଏକ ନୟନରେ ତୃଷାର୍ତ୍ତ ପରି ମଧୁମିତାର ମୁହଁକୁ ଅନାଇ ରହିଛି । ପାଟିରୁ ଭାଷା ବାହାରୁନଥିଲା । ବୁଢା କହିଲା- ମାଆ ଟିକେ ଶୁଣ ମୋ କଥା । ମଧୁମିତା କହିଲା- କଣ ଶୁଣିବି, ଏମିତି ତ ଆଜିର ସକାଳଟା ତୁମେ ପୁରା ଖରାପ କରିଦେଲ । ସକାଳୁ ବାରବୁଲା ମୁହଁ ଚାହିଁଲି ଯେ, ଆଜି ଦିନଟା ଅମଙ୍ଗଳ ନିଶ୍ଚୟ ହେବ । ବୁଢା ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଆସିଲା । ବୁଢାକୁ ଲାଗିଲା ତା ଗାଲରେ ଯେମିତି କିଏ ଶକ୍ତ ଚାପୁଡାଟିଏ ଦେଲା । ଏ ଅମଙ୍ଗଳିଆ ଶବ୍ଦଟା ତା ଜୀବନର ନିଃସଙ୍ଗତାକୁ ରାମ୍ପି ପକାଉଥିଲା । ବୁଢା ନିଜକୁ ସମ୍ଭ୍ରମ କରି କହିଲା, ମାଆ ମୁଁ ଭିକାରୀ ନୁହେଁ । ମୁଁ ସାଧାରଣ ମଣିଷ । ଟିକେ 'ଜଗତ'କୁ ଡାକିଦେବ । ମୋର ତା ସହ ଗୋଟେ କଥା ବାକି ଅଛି । ମଧୁମିତା ଏଥର କ୍ରୋଧରେ ଥରିବାକୁ ଲାଗିଲା । ବୁଢା ତୋର ଏତେ ସାହସ, ତୁ ମୋର ସ୍ୱାମୀଙ୍କ ନାଁଆ ଧରୁଛୁ । ଯାଆ, ଯାଆ ଏଥର ପଳା, ନହେଲେ ଦେଖିବୁ ମୋତେ ।

ଏତେବଡ ଚିତ୍କାର ଶୁଣି ମଧୁମିତାଙ୍କ ସ୍ୱାମୀ ଜଗତବନ୍ଧୁ ମିଶ୍ରଙ୍କ ନିଦ ଭାଙ୍ଗିଗଲା । ବିଛଣାରୁ ଉଠି ମୁହଁ ନଧୋଇ ଦାଣ୍ଡଘର ଦେଇ ବାହାରକୁ ଆସିଲେ । ଆରେ ମଧୁମିତା କଣ ହେଲା ? ମୁଁ ତ ଡରିଗଲି । ଭାବିଲି ଫୁଲ ତୋଳୁ ତୋଳୁ କିଛି ଗୋଟାଏ ଅଘଟଣ ଘଟିଯାଇଛି ବୋଧେ । ଆଜିକାଲି ସୁନାଚେନ୍ ଟାଣିବାର ଟ୍ରେଣ୍ଡଟା ଚାଲିଛି ତ । ମଧୁମିତା ମୁହଁ ବୁଲାଇ ସ୍ୱାମୀଙ୍କୁ ଉତ୍ତର ଦେଲା, ଏ ବୁଢାର ଦେଖିଲ କେତେ ବହପ ? ମୋ ଘରେ ଠିଆହୋଇ ମୋ ସ୍ୱାମୀଙ୍କ ନାମକୁ କଦର୍ଯ୍ୟ ଭାବରେ କହୁଛି । ଆରେ କିଏ ? ପଚାରିଲେ ଜଗତବନ୍ଧୁ ।

ମଧୁମିତା ରାସ୍ତା କଡକୁ ଅଙ୍ଗୁଳି ନର୍ଦ୍ଦେଶ କରି ସେଇ ମଳିମୁଣ୍ଡିଆ ଗାଉଁଲି ଲୋକଟାକୁ ଆଙ୍ଗୁଳି ନିର୍ଦ୍ଦେଶ କଲା । ଜଗତବନ୍ଧୁ ଜୋର୍‌ରେ ଚାଲି ଚାଲି ଯାଇ, ପାଖରେ ଦେଖି, ଆଶ୍ଚର୍ଯ୍ୟ ପ୍ରକାଶ କଲେ । ଏ ଦିନା କକା ତମେ । ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଲେ । ବୃଦ୍ଧ ଉତ୍ତର ଦେଲେ- ବାପାରେ ତୁ ମୋତେ ଚିହ୍ନି ପାରିଲୁ । ଏଇଟା ମୋର ପରମ ସୌଭାଗ୍ୟ । ଆଜିକାଲି ନିଜ ଲୋକ ମୁହଁ ଫେରାଇ ଦେଉଥିବା ବେଳେ ତୁ ଏ ଦିନା କକାକୁ ଚିହ୍ନି ପାରିଛୁ, ସେଇଟା ମୋ ପାଇଁ ଯଥେଷ୍ଟ । ଦୀର୍ଘ ତିରିଶ ବର୍ଷ ତଳର ଏଇ ମଣିଷକୁ ତୁ ଏକାଥରେ ଜାଣିଦେଲୁ । ଅଥଚ ମୋ ପୁଅ ମୋତେ ଏ ରୂପରେ ଦେଖିଲେ ଚାକରର ପରିଚୟ ଦିଏ । ତୋର ଏଇ କାକା ଡାକଟା ଭାରି ମିଠାରେ । କିଛି ଦୂରରେ ଦଣ୍ଡାୟମାନ ମଧୁମିତା ଏ ଦୃଶ୍ୟକୁ ଖୁବ୍ ଆଶ୍ଚର୍ଯ୍ୟରେ ଅନାଇ ରହିଥାଏ । ଜଗତବନ୍ଧୁ କହିଲା- ଆରେ ମଧୁମିତା ଦେଖୁଛ କଣ, ଏ ପରା ଆମ ମଧୁପୁର ଗାଁର ମୁରବୀ । ଦିନକୃଷ୍ଣ ଶତପଥୀ ଓରଫ ସମସ୍ତଙ୍କ ପ୍ରୀୟ ଦିନା କକା । ଜାଣିଛ, ଆଖପାଖ ଅଞ୍ଚଳରେ ସମସ୍ତେ ତାଙ୍କୁ ମାନନ୍ତି । ପାଞ୍ଚଖଣ୍ଡ ମୌଜାରେ ନ୍ୟାୟ କରିବାର ଅଛି ତ, ଦିନା କକାକୁ ହିଁ ଖୋଜାପଡେ । ଧନୀ ବି ଥିଲେ, ହେଲେ କଣ ହେବ, ଗୋଟିଏ ମାତ୍ର ପୁଅ ଅଭିମନ୍ୟୁକୁ ଡାକ୍ତରୀ ପଢାଇବାରେ ସର୍ବସ୍ୱାନ୍ତ ହୋଇଗଲେ । ତାଙ୍କ ପୁଅ ଏବେ କଟକ ଏସ୍.ସି.ବି ମେଡିକାଲ୍‌ରେ ଜଣେ ଜଣାଶୁଣା ସ୍ତ୍ରୀ ରୋଗ ବିଶେଷଜ୍ଞ । ଜାଣିଛ ମଧୁ, ମୁଁ ଆଜି ଓ.ଏ.ଏସ୍ ହେବା ଫଳରେ ଦୀନାକକାଙ୍କର ହିଁ ହାତ ଅଛି । ତାଙ୍କ ପାଇଁ ତ ମୁଁ ଆଜି ପ୍ରତିଷ୍ଠିତ । ହେଲେ ଏମିତି ପରିସ୍ଥିତି, ଆଉ ଏତେ ବର୍ଷ ପରେ .... ଏତିକି କହି ମଧୁମିତା ଅଟକି ଗଲା । ଇଛା ନଥିଲେ ବି କାକାଙ୍କୁ ପ୍ରଣାମ ଜଣାଇଲା । ମଧୁମିତା ନିଜର ବ୍ୟବହାର ପାଇଁ ଦୁଃଖ ପ୍ରକାଶ ବି କଲା । ଜଗତବନ୍ଧୁ ନିଜ ସ୍ତ୍ରୀଙ୍କ ଖୁବ୍ ପ୍ରଶଂସା କାକାଙ୍କ ଆଗରେ କରୁଥିଲେ । ସେ ଜାଣନ୍ତି ମଧୁମିତାଙ୍କୁ ପ୍ରଶଂସା କରିବା ଭାରି ସୁଆଦିଆ ଲାଗେ । ଘରକୁ ଡାକିନେବା ବାଟରେ ଜଗତବାବୁ କହୁଥିଲେ, ମଧୁ ଭାରି ପରୋପକାରୀ । ସମସ୍ତଙ୍କ ଭଲ ମନ୍ଦ ବୁଝେ । ଭୁଲବଶତଃ ସେ ଆପଣଙ୍କୁ ଚିହ୍ନିପାରିନଥିବାରୁ ଭାରି ଅନୁତପ୍ତ । ଆପଣଙ୍କୁ ଜାଣିଥିଲେ କଣ ତଡି ଦେଇଥାନ୍ତା ?

ଏଥର ପ୍ରଫୁଲ୍ଲ ମନରେ ମଧୁ କାକାଙ୍କୁ ଘରକୁ ଡାକିନେଲା । କାକା, ମୋତେ ଝିଅ ଭାବି କ୍ଷମା କରିଦିଅନ୍ତୁ । ଆପଣ ବସନ୍ତୁ ଏଇ ସୋଫାରେ, କଥାବାର୍ତ୍ତା କରନ୍ତୁ ମୁଁ ଚାହା ଜଳଖିଆର ବ୍ୟବସ୍ଥା କରୁଛି । ମଧୁମିତା ଠିକ୍ ଯିବାର ସୁଯୋଗ ନେଇ ଜଗତବାବୁ କାକାଙ୍କ ଶୋଚନୀୟ ଅବସ୍ଥା କଥା ବୁଝିବାକୁ ଆରମ୍ଭ କଲେ । କାକା, ଅଭିମନ୍ୟୁ କଣ କିଛି ବୁଝୁନାହିଁ । ସେ ତ ବିରାଟ ବଡ ଲୋକ କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ । ଆଉ ଆପଣ ଏମିତି ଅବସ୍ଥାରେ ...... । ତାର ତ କିଛି ଅଭାବ ନାହିଁ । କିନ୍ତୁ ଆପଣଙ୍କ ଏ ଅବସ୍ଥା ପାଇଁ ଦାୟୀ କିଏ ? କାକା କୋହ ଭରା କଣ୍ଠରେ କାନ୍ଦିବାକୁ ଆରମ୍ଭ କଲେ । କହିଲେ ବାପା, ଏତ କଲା କର୍ମର ଫଳ । ଯେମିତି ଗଛ ଲଗାଇଛି, ଫଳ ତ ମୁଁ ହିଁ ଭୋଗିବ ନାଁ । ଜାଣିଛୁରେ ବାପ, ସେ ମୋତେ ବାପର ପରିଚୟ ଦେଲାନାହିଁ । କଟକରେ ତାର ବନ୍ଧୁ ମାନଙ୍କୁ ମୋତେ ଚାକରର ପରିଚୟ ଦେଲା । ସେ ତ ଶ୍ୱଶୁର ଘରର ଜ୍ୱାଇଁ ହୋଇ ଶ୍ୱଶୁର ଘର କଥା ବୁଝୁଛି । ଶାଳୀ, ଶଳା, ଶ୍ୱଶୁର, ସେସବୁ ତାର ଏକାନ୍ତ ଅନ୍ତରଙ୍ଗ । ମୁଁ କିଏ ? ଏବେ ତ ପୁଅ ଜନମ ପର ଘରକୁ ଲୋ ବାପା ।

ସମସ୍ତେ କଣ ତୋ ପରି ପୁଅ ହୋଇଛନ୍ତି ଯେ, ବାପା, ମାଆଙ୍କ ସୁଖ ଦୁଃଖ ବୁଝିବେ । ଆଚ୍ଛା କହିଲୁ ପ୍ରଥମଥର ଦେଖାରେ ତୁ ବୋହୂକୁ ମିଛ କାହିଁକି କହିଲୁ ? ମୁଁ ତ ତୋର କିଛି ବି କରିନି । ବରଂ ତୋତେ ଅନେକ କଷ୍ଟ ଦେଇଛି । କେବଳ ଗାଁରୁ ଏଠିକି ଆସିବାର ଏକମାତ୍ର କାରଣ, ତୋତେ ଭୁଲ୍ ମାଗି ଶେଷ ଜୀବନରେ ଶାନ୍ତିରେ ମିରିପାରିବି । ଛି, କାକା ଏ କଣ କହୁଛନ୍ତି । ସେ ଅତୀତକୁ ମୁଁ କେବେଠାରୁ ଭୁଲି ସାରିଛି । ବର୍ତ୍ତମାନ ମୁଁ ତ ଖୁବ୍ ଭଲରେ ଅଛି । ହଠାତ୍ ଦୀନକୃଷ୍ଣ ସୋଫାରୁ ଓହ୍ଲାଇ ଜଗତବାବୁଙ୍କ ଗୋଡ ଦିଇଟାକୁ ଧରି କଇଁ କଇଁ ହୋଇ କାନ୍ଦି ଉଠିଲେ । ଅନୁତାପର ଲୁହ ଗୁଡା ଆଦୌ ବୋଲ ମାନୁନଥିଲା । ଜଗତବାବୁ ଦିନା କାକାଙ୍କୁ କୁଣ୍ଢାଇ ପକାଇଲେ । ଅତି ବିନୟରେ କହିଲେ- କାକା, ଆପଣ ଏମିତି କଣ କହୁଛନ୍ତି ? ମୋତେ କ୍ଷମା ମାଗିଲେ, ମୋର ଅମଙ୍ଗଳ ହେବ । ମୋର ଆୟୁଷ ହାନି ଘଟିବ । ମନେ ଅଛି କାକା, ଆପଣଙ୍କ କେଇପଦ କଥା , ମୋ ଜୀବନ ରାସ୍ତାକୁ ବଦଳାଇ ଦେଇଥିଲା । ମୋ ଭିତରର ଆତ୍ମସତ୍ତାକୁ ଉଖାରି ଜାଗ୍ରତ କରିଥିଲା । ଆଜି ବି ମୋର ସେ ଦିନ ଜଳ ଜଳ ହୋଇ ମନେପଡୁଛି । ସେଦିନ ଥିଲା ମାର୍ଚ୍ଚ ସାତ ତାରିଖ ରବିବାର । ଆପଣ ଏବଂ ଆପଣଙ୍କ ପୁଅ ଅଭିମନ୍ୟୁ କଟକ ବାହାରି ଥିଲେ । ମୁଁ ପଚାରିଥିଲି, ଆରେ ଅଭିମନ୍ୟୁ ଭାଇ ଏତେ ସହଳ କୁଆଡେ ? ଅଭିମନ୍ୟୁ ଘୃଣା ଓ ବିରକ୍ତି ହୋଇ ଉତ୍ତର ଦେଇଥିଲା, ରାଣ୍ଡି ପୁଅ ଅନନ୍ତା, ତୋର ଭାରି ସାହସ । ଅତି କଦର୍ଯ୍ୟ ଭାବେ ମୋତେ ଅପମାନ ଦେଇଥିଲା । ତାପରେ କାକା ଆପଣ ମୋତେ ଅମଙ୍ଗଳିଆ, ଅଲକ୍ଷଣା କହି ଅନେକ ଗାଳି ଦେଇଥିଲେ । ମୁଁ କିଛି ବୁଝିବା ପୂର୍ବରୁ ଆପଣ କଟକରୁ ଫେରିଲେ, ଜୀବନରେ ମାରି ଦେବାର ଧମକ ଦେଇ ଚାଲିଯାଇଥିଲେ ।

ମୁଁ ତ ନିଆଶ୍ରି ପିଲା । ଅଭିମନ୍ୟୁ ଠାରୁ ତିନିବର୍ଷ ସାନ ହେବି । ଏ କଥା ପଦକରେ କଣ ଥିଲା, ସେଦିନ ମୁଁ ନିଜେ ବି ବୁଝିପାରିନଥିଲି । ପଛରୁ ଡାକିବାଟା କଣ ମୋର ଏତେ ବଡ ଭୁଲ୍ ? ବୋଉକୁ କାନ୍ଦି କାନ୍ଦି ସବୁ କହିଲି । ବୋଉ ମୋତେ ବୁଝାଇଦେଲା, ଆରେ ବାପା ସେମାନେ ଶୁଭ କାମରେ ଯାଉଥିବେ । ତୁ ପଛରୁ ଡାକିଦେଲୁ ତ, ସେଥିପାଇଁ ତୋତେ ସେମାନେ ଗାଳି ଦେଲେ । ମୋ ମନରେ ଆଶଙ୍କା ଜମାଟ ବାନ୍ଧିଥିଲା । ଅଭିମନ୍ୟୁର ପରୀକ୍ଷା ଯଦି ଖରାପ ହୁଏ, ସେ ତ ମୋତେ ଛାଡିବନି । ଗ୍ରାମ ଦେବତୀ ବାଉତିଙ୍କ ପାଖରେ ନିଇତି ସକାଳେ ସଂଜେ ଅଭିମନ୍ୟୁ ପାଇଁ ମିନତି କରେ । ମାଆ ଲୋ, ଅଭିମନ୍ୟୁ ପରୀକ୍ଷାରେ ସଫଳ ହେଉ । ମୋ ବୋଉ ମୁଣ୍ଡରେ ଦାଗ ନଲାଗୁ । ବୋଉ ମୋତେ କୋଳରେ ଜାବୁଡ଼ି ଧରି ଥରେ ନୁହେଁ ଶହେ ଥର କହିଛି, ତୁ ମୋର ସୁନାପୁଅ । ଏ ଦୁଃଖୀ ବିଧବା ମାଆର ଜୀବନ ଧନ । ତୁ ବି ଦିନେ ତାଙ୍କ ପରି ବଡ ଲୋକ ହେବୁ । ହେଲେ କେବେ ତୋ ଜୀବନରେ କର୍ମ ଓ ସଂସ୍କାର ଭୁଲିବୁ ନାହିଁ । ମୋ ବୋଉର ଲୁହ ମୋତେ ଭାରି କଷ୍ଟ ଦିଏ । ମୋ ଛୋଟ କଅଁଳ ହାତରେ ମୋ ବୋଉର ଲୁହ ପୋଛି ଦିଏ । ତାର ଏ ଦୁନିଆରେ କେହି ବି ନାହିଁ । ପିଲାମାନେ ତ ଦେବତା ସମାନ । ତାଙ୍କ ପାଖରେ ଛନ୍ଦ, କପଟ, ଛଳନା କିଛି ବି ନାହିଁ । ତେବେ ମୁଁ କାହିଁକି କାହାର ଅମଙ୍ଗଳ କରିବି । ଶେଷରେ ଅଭିମନ୍ୟୁର ପରୀକ୍ଷା ଫଳ ପ୍ରକାଶ ପାଇଲା । ଭଲ ନମ୍ବର ରଖି ଡାକ୍ତରୀ ପଢିବା ପାଇଁ ଯୋଗ୍ୟ ବିବେଚିତ ହେଲା । ଆମ ଗାଁ ମଧୁପୁର ଛାଡି ଅଭିମନ୍ୟୁ କଟକ ଗଲା । ସେଇଦିନ ମୋ ମୁଣ୍ଡରୁ ଅମଙ୍ଗଳିଆ ଓ ରାଣ୍ଡିପୁଅର କଳଙ୍କଟାବି ଧୋଇଗଲା । ଆଦର୍ଶ, କର୍ମନିଷ୍ଠା, ସାଧନା, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ବାଧାବିଘ୍ନ ସବୁ ଅତିକ୍ରମ କଲି । ବହୁ ଦୁଃଖରେ ମୋ ବୋଉ ମୋତେ ପାଠ ପଢାଇଲା । ବ୍ରାହ୍ମଣ ଘରର ବୋଉ ହୋଇ ପର ଘରେ ପାଇଟି କଲା । ମୁଁ ମଣିଷ ହେବି ବୋଲି ତା ଜୀବନକୁ ସେ ଏକାକାର କରିଦେଲା । କାକା ଆପଣ ତ ତାର ମୁକସାକ୍ଷୀ । କେତେ କଷ୍ଟରେ ପାହାଚ ପରେ ପାହାଚ ଚଢି ମୁଁ ଆଜି ଏଇଠି ପହଞ୍ଚିଛି । ଏ ସଫଳତା ତ ମୋର ନୁହେଁ । ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତେ ମୋତେ ଆଶୀର୍ବାଦ କରିଛନ୍ତି । ମୋ ବୋଉର ଦୁଃଖ, କଷ୍ଟ, ଲୁହ ସବୁର ପୁଞ୍ଜି ମୁଁ ଭୋଗ କରୁଛି । ମୋ ସଫଳତାର ପରଠାରୁ ଆମ ମାଆ ପୁଅଙ୍କ ଆଖିରୁ ଲୁହ ଆଉ ଝରିନି । ମୋ ସଫଳତା କେବଳ ମୋ ବୋଉର ନୁହେଁ । ମୋ ଗାଁ ଲୋକଙ୍କର ବି । ଆପଣଙ୍କର ଲାଞ୍ଛନା, ଅପମାନ ଓ ଅଭିମନ୍ୟୁର ଧିକ୍କାର ମୋତେ ପ୍ରେରଣା ଦେଇଥିଲା । ମୁଁ ଲଢିବାକୁ ଦମ୍ଭ ଧରିଥିଲି । ସେ ଅଲକ୍ଷଣା, ଅମଙ୍ଗିଳିଆ ଶବ୍ଦ ଦିଟା ବତୀଘର ହୋଇ ମୋ ଜୀବନର ଜାହାଜକୁ ପଥ ଦେଖାଇଛି । ସେଥିପାଇଁ କାକା ଆପଣ ହିଁ ମୋର ଏକମାତ୍ର ପ୍ରେରଣା । ମୋତେ କଣ ଆପଣ କ୍ଷମା ମାଗୁଛନ୍ତି । ଦିନକୃଷ୍ଣଙ୍କ ଆଖିରୁ ଅମାନିଆ ଲୁହ ନଈ ପରି ବହି ଚାଲିଥାଏ । ସତରେ ଜଗତ, ତୁ କେତେ ମହାନ୍ ! ତୋର ଏଇ ଉଦାରତା ଓ ମଣିଷ ପଣିଆ ପାଇଁ ଏ ସହରରେ ଏକ ଉଦାହରଣ ହୋଇଛୁ । ଗାଁରେ ତ ସମସ୍ତେ ତୋର ଉଦାହରଣ ଏବେ ତାଙ୍କ ପିଲାମାନଙ୍କୁ ଦେଉଛନ୍ତି । 'ରାଣ୍ଡି ପୁଅ ଅନନ୍ତା' ଶବ୍ଦଟିକୁ ସୁନ୍ଦର ଓ ସାବଲୀଳ ଭାବରେ ଏକ ପ୍ରେରଣାର ଉତ୍ସ ଭାବେ ଗ୍ରହଣ କରି, ତୁ ତୋ ଜୀବନକୁ ମଧୁମୟ କରିଛୁ । ମୋ ପରି ହୀନ, ସଂକୀର୍ଣ୍ଣ ମନା ସ୍ୱାର୍ଥପର ଲୋକକୁ ଅସଲ ମୁଖା ପିନ୍ଧାଇଛୁ । ତୁ ସତରେ ଜଗତ ଗୋଟିଏ ମଙ୍ଗଳମୟ ଧ୍ୱନୀ । ମାଆ ତୋର, ଆଦରେ ନାଁ ଦେଇଥିଲା, ଜଗତବନ୍ଧୁ । ତୁ ତ ସତରେ ଏ ଜଗତର ବନ୍ଧୁ । ସଭିଙ୍କର ପ୍ରିୟ ମଣିଷ ।

ଜଗତବନ୍ଧୁ ଓ କାକାଙ୍କ ଆଖିରେ ଅସରନ୍ତି ଲୁହ ଥିବା ସମୟରେ ମଧୁମିତା ପ୍ରବେଶ କଲା । କାକା, ଚା' ନିଅନ୍ତୁ । ଚା' ପିଇ ସାରିଲେ ଆପଣ ଟିକେ ଲୁଗା ବଦଳାଇ ଦେବେ । ମୁଁ ଜଳଖିଆ ପ୍ରସ୍ତୁତ କରିସାରିଛି । ଆମ ପାଖରେ କିଛିଦିନ ରହିବେ । ତାପରେ ଇଛା ହେଲେ ଯିବେ ନଚେତ୍..... । ଗାଁର ଦିନକୃଷ୍ଣ ମିଶ୍ର ଏଇ ଆପଣା ପଣିଆ ଭିତରେ ଭାବବିହ୍ୱଳ ହୋଇ କିଛି ବି ଶୁଣିପାରୁନଥିଲେ । ମଧୁମିତା କହିଲେ- କାକା, ଚା' ଥଣ୍ଡା ହୋଇଗଲେ, ଭଲ ଲାଗିବନି ପରା । ଏଥର ଟକ ଟକ କରୁଥିବା ଶଙ୍ଖ କପଟିକୁ ଦିନକୃଷ୍ଣ ଦେଖି ଚା' ଢୋକେ ପିଇଦେଇ ଗଭୀର ଆତ୍ମତୃପ୍ତିରେ ମଧୁମିତାର ତାରିଫ କରୁଥିଲେ । ମଧୁମିତା ମନେ ମନେ ଭାବୁଥିଲେ ମୁହୂର୍ତ୍ତକ ଅପମାନ କେମିତି ତାଙ୍କ ପାଇଁ ପ୍ରେରଣା ହୋଇଥିଲା । ସେଥିପାଇଁ ସେ କାକାଙ୍କୁ କୃତଜ୍ଞତା ଜଣାଉଥିଲେ ।

*ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର*
*ମୋ-୯୪୩୭୯୫୭୬୧୭*

# ରଙ୍ଗୀନରାତି

*ପ୍ରଣୀତା ମିଶ୍ର*

କିଏ କହେ ରାତି ରଙ୍ଗହୀନ
କେବଳ ଅନ୍ଧକାର ଭରା
ରାତିର ଆକାଶରେ ହିଁ ହସିଉଠେ
ରୁପେଲି ଚନ୍ଦ୍ରମା
ଝିକମିକ କରେ କୋଟିକୋଟି
ଉଜ୍ଜ୍ୱଳ ତାରକା
ହଟିଯାଏ ଘନ ଅନ୍ଧକାର
ଆଲୋକିତ ହୁଏ ଧରା ।
ରାତି ବି ହୁଏ ରଙ୍ଗୀନ
ମଲ୍ଲୀ ଓ ରଜନୀଗନ୍ଧାର
ଭୁରୁଭୁରୁ ବାସ୍ନାରେ
ପ୍ରଣୟ ମହକ ତୋଳେ
ନିବୁଜ ନିଭୃତ କୋଠରୀରେ ।
ରାତି ରଚେ ଅପୂର୍ବ ମିଳନ
କ୍ଲାନ୍ତଶ୍ରାନ୍ତ ଦେହ ଓ ମନର
ଭରିଦେଇ ନବଜୀବନ
ନୂତନ ସ୍ଫୁର୍ତ୍ତି ହରଷ
ବିରହୀର ଶରୀରରେ ।
ରଙ୍ଗୀନ ଆଲୋକେ ଝଲସେ
ରଙ୍ଗୀନ ଆକାଶ

ରଙ୍ଗଭରା କୋଠା
ନୃତ୍ୟଗୀତର ଆସରେ
ରଙ୍ଗୀନ ପିଆଲା ପରଶେ
ହଜାଇ ଦିଅନ୍ତି ପ୍ରେମୀ
ଭୁଲିଯାଇ ଜୀବନର ଅଳୀକତା ।
ରାତି ସାଜେ କଳଙ୍କିନୀ
ଲେଖିଦେଇ କଳଙ୍କର ଦାଗ
ନିଜର ବୁକୁରେ
ହତ୍ୟା, ରାହାଜାନି, ଧର୍ଷଣର ବିଭୀଷିକା
ଦେଖି ବି ଲୁଚାଏ ଆଖି
ଲୁହ ଝରେ ଅସହାୟତାରେ ।
ରାତି ବି ଜାଳେ ଜାଗର
ଲୁହର ସଳିତାରେ
ନିତିପ୍ରତି ଥାଏ ଅପେକ୍ଷାରେ
ମିଶିବାକୁ ବାଳ ଅରୁଣରେ
ଛୁଇଁଦେଇ ଲୀନ ହୁଏ
ପ୍ରିୟର ବୁକୁରେ
ଲୁଚିଯାଏ ଉଜ୍ଜ୍ୱଳ ସେ
ଆଲୋକମାଳାରେ ।

*ଭୁବନେଶ୍ୱର*

# ତୁମକୁ ପାରୁନି ଭୁଲି

*ନୀଳମଣି ଚାନ୍ଦ*



ତୁମରି ରୂପ ଆଭା ଇନ୍ଦ୍ରଧନୁଟି
ମନରେ ରହିଛି ଝୁଲି
ଚପଳା ଚମକ ତୁମଠାରେ ଭରା
ତୁମକୁ ପାରୁନି ଭୁଲି ।
ଆଦ୍ୟ ଆଷାଢ଼ର ବାରିଧାରା ସମ
ମୋତେ ଯେ ଭିଜେଇ ଦେଲ
ଚୁମ୍ବକ ସମ ଥିଲ ଆକର୍ଷଣ
ମୋତେ ଯେ ଆକର୍ଷି ନେଲ ।

ଅପବାଦ ପଛେ ଯିଏ ଦେଉ ଯେତେ
ଚମକ ଚାନ୍ଦିନୀ ମୋ'ର
ଦୁଃଖ ବହ୍ନିରେ ମୁଁ ତ ଜଳୁଥାଏ
ତୁମେ ଗଲେ ଟିକେ ଦୂର ।
ତୁମେ ମୋ ଗଜଲ୍ ତୁମେ ମୋର ଗୀତି
ସାତ ସୁର ପରା ତୁମେ
ପାଶେ ଥିଲେ ମୋ'ର ହୁଏ ମୁଁ ବିଭୋର
ମୋ ମନ ଆନନ୍ଦେ ଝୁମେ ।

*ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ତୃତୀୟ ଟ୍ୱେଣ୍ଟି-୨୦ : ଦକ୍ଷିଣ ଆଫ୍ରିକାକୁ ୮ ୱିକେଟ୍‌ରେ ହରାଇଲା ନ୍ୟୁଜିଲାଣ୍ଡ

**ଅକ୍‌ଲାଣ୍ଡ**

ଇଡେନ ପାର୍କଠାରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ଟ୍ୱେଣ୍ଟି-୨୦ରେ ଦକ୍ଷିଣ ଆଫ୍ରିକାକୁ ୮ ୱିକେଟ୍‌ରେ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ଏହା ସହିତ ଏହି ପାଞ୍ଚ ମ୍ୟାଚ୍ ଶୃଙ୍ଖଳାରେ ୨-୧ରେ ଆଗୁଆ ହୋଇଯାଇଛି ଘରୋଇ ଦଳ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିଜର ଆଗଧାଡ଼ି ବ୍ୟାଟରଙ୍କ ଚରମ ବିଫଳତା ଯୋଗୁଁ ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୬ ରନ୍ କରିଥିଲା। ନିଜର ବରିଷ୍ଠ ବ୍ୟାଟରମାନଙ୍କୁ ବିଶ୍ରାମ ଦେଇ କିଛି ନବାଗତ ଓ ଅନଭିଜ୍ଞ ବ୍ୟାଟରଙ୍କ ସହ ପଡ଼ିଆକୁ ଓହ୍ଲାଇଥିବା ଦକ୍ଷିଣ ଆଫ୍ରିକା ନ୍ୟୁଜିଲାଣ୍ଡର ଅଭିଜ୍ଞ ପେସ୍ ଆକ୍ରମଣ ଆଗରେ ତିଷ୍ଠି ପାରିନଥିଲା। ନିଜ କ୍ୟାରିୟରର ୩ୟ ଟ୍ୱେଣ୍ଟି-୨୦ ଖେଳୁଥିବା ଏନକୋବାନି ମୋକୋଏନା ସର୍ବାଧିକ ୨୬ ରନ୍ କରିଥିବାବେଳେ ଜର୍ଜ ଲିଣ୍ଡେ ୨୩ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ବେନ୍ ସିଅର୍ସ, କାଇଲ୍ ଜେମିସନ୍ ଓ ମିଚେଲ୍ ସାଣ୍ଟନର ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ୧୩୭ ରନ୍‌ର ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଟମ୍ ଲିଥାମ୍‌ଙ୍କ ଅର୍ଦ୍ଧଶତକ (୫୫ ବଲ୍‌ରୁ ୬୩ ରନ୍) ବଳରେ ୧୬.୨ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ଲିଥାମ୍ ନିଜର ସାଥୀ ଓପନର ଡେଭନ୍ କନୱେ (୨୬ ବଲ୍‌ରୁ ୩୯ ରନ୍)ଙ୍କ ମିଶି ପ୍ରଥମ ୱିକେଟ୍ ଯୋଡ଼ିରେ ୯୬ ରନ୍ କରିବା ସହ ଦଳୀୟ ବିଜୟ ପାଇଁ ପଥ ପ୍ରଶସ୍ତ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁଥୋ ସିମ୍ପାଲା ଓ କେଶବ ମହାରାଜ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ୩୦୦ରୁ ଅଧିକ ବେଆଇନ ବେଟିଂ ସାଇଟ୍ ଉପରେ ଲାଗିଲା କଟକଣା

**ନୂଆଦିଲ୍ଲୀ**




ଭାରତରେ ବେଆଇନ ଜୁଆ ଏବଂ ସଟ୍ଟାବାଜି (ବେଟିଂ) ଚଳାଉଥିବା ସଂସ୍ଥାଗୁଡ଼ିକ ବିରୋଧରେ କେନ୍ଦ୍ର ସରକାର ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଗକୁ ଆଇପିଏଲ୍ (ଆଇପିଏଲ ୨୦୨୬) ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ସମୟରେ ବେଆଇନ କାରବାରକୁ ରୋକିବା ପାଇଁ ସରକାର ୩୦୦ରୁ ଅଧିକ ୱେବ୍‌ସାଇଟ୍ ଏବଂ ଆପ୍ଲିକେସନକୁ ବ୍ଲକ୍ କରିଦେଇଛନ୍ତି।

ସୂଚନା ଅନୁଯାୟୀ, ବ୍ଲକ୍ କରାଯାଇଥିବା ସାଇଟଗୁଡ଼ିକ ମଧ୍ୟରେ ଅନଲାଇନ ସ୍ପୋର୍ଟସ ବେଟିଂ ପ୍ଲାଟଫର୍ମ, ଅନଲାଇନ କ୍ୟାସିନୋ, ରୁଲେଟ ଏବଂ ଲାଇଭ ଡିଲର ଟେବୁଲ ଭଳି ସୁବିଧା ଦେଉଥିବା ଆପ ସାମିଲ ଅଛି। ଏହା ବ୍ୟତୀତ ପି-୨-ପି ବେଟିଂ ମାର୍କେଟପ୍ଲେସ ଭାବେ କାମ କରୁଥିବା ସାଇଟଗୁଡ଼ିକୁ ମଧ୍ୟ ବନ୍ଦ କରାଯାଇଛି।

ସଦ୍ୟତମ କାର୍ଯ୍ୟାନୁଷ୍ଠାନରେ ୩୦୦ ସାଇଟ ବନ୍ଦ ହୋଇଛି। ସରକାର ଏପର୍ଯ୍ୟନ୍ତ ପ୍ରାୟ ୮,୪୦୦ ବେଆଇନ ୱେବସାଇଟକୁ ବ୍ଲକ କରିସାରିଲେଣି। ଏଥିମଧ୍ୟରୁ ପ୍ରାୟ ୪,୯୦୦ ସାଇଟ୍ କେବଳ 'ଅନଲାଇନ ଗେମିଂ ଆକ୍ଟ' ପାରିତ ହେବା ପରେ ବନ୍ଦ କରାଯାଇଛି। ସଟ୍ଟା/ମଟକା ନେଟୱର୍କ, ରିଅଲ ମନି କାର୍ଡ ଗେମ୍ ଏବଂ ବେଆଇନ କ୍ୟାସିନୋ ଆପ୍‌ଗୁଡ଼ିକ ଏହି ତାଲିକାରେ ରହିଛି।

ଦୁନିଆର ସବୁଠାରୁ ଲୋକପ୍ରିୟ କ୍ରିକେଟ ଲିଗ୍ ଆଇପିଏଲ ୨୦୨୬ର କାର୍ଯ୍ୟସୂଚୀ ଘୋଷଣା ହୋଇସାରିଛି। ସାଧାରଣତଃ ଆଇପିଏଲ୍ ସମୟରେ ଅନଲାଇନ ସଟ୍ଟାବାଜି କାରବାର ବହୁଗୁଣିତ ହୋଇଥାଏ। ଲୋକମାନେ ବିଭିନ୍ନ ବେଆଇନ ସାଇଟରେ ଟଙ୍କା ଜମା କରି 'ଆଇଡି' ନିଅନ୍ତି ଏବଂ ଜୁଆ ଖେଳନ୍ତି। ଉପଭୋକ୍ତାଙ୍କ ସୁରକ୍ଷା ଏବଂ ଆର୍ଥିକ ବିପଦକୁ ଦୃଷ୍ଟିରେ ରଖି ସରକାର ନିଜର ଆଭିମୁଖ୍ୟ କଠୋର କରିଛନ୍ତି। ବିଧାନସଭା ନିର୍ବାଚନ ଏବଂ ଆଇପିଏଲ ମ୍ୟାଚ୍ ସମୟରେ ଏଭଳି ବେଆଇନ କାରବାର ଯେପରି ନ ବଢ଼େ, ସେଥିପାଇଁ ଏହି ବଡ଼ ପଦକ୍ଷେପ ନିଆଯାଇଛି। ଏହି ସାଇଟ୍‌ଗୁଡ଼ିକ କେବଳ ଆର୍ଥିକ କ୍ଷତି ପହଞ୍ଚାନ୍ତି ନାହିଁ, ବରଂ ଗ୍ରାହକଙ୍କ ବ୍ୟକ୍ତିଗତ ତଥ୍ୟ ମଧ୍ୟ ଚୋରି ହେବାର ଆଶଙ୍କା ଥାଏ। ତେଣୁ ସରକାରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିବା କୌଣସି ପ୍ଲାଟଫର୍ମ ବ୍ୟବହାର ନକରିବାକୁ ପରାମର୍ଶ ଦିଆଯାଇଛି।

# ଇଂଲଣ୍ଡ ଗସ୍ତ ପୂର୍ବରୁ ଆୟର୍ଲାଣ୍ଡରେ ଟି୨୦ ସିରିଜ୍ ଖେଳିବ ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ**



ବିଶ୍ୱ ଚାମ୍ପିୟନ ଭାରତ, ଇଂଲଣ୍ଡରେ ଧଳା ବଲ ସିରିଜ୍ ଖେଳିବା ପୂର୍ବରୁ ଆସନ୍ତା ଜୁନରେ ଆୟର୍ଲାଣ୍ଡ ବିପକ୍ଷରେ ଏକ ଟି୨୦ ସିରିଜ୍ ଖେଳିବ। ଆୟର୍ଲାଣ୍ଡର ଡାଇରେକ୍ଟର ଅଫ୍ ହାଇ ପରଫର୍ମାନ୍ସ ଗ୍ରାହାମ ୱେଷ୍ଟ ଏହା ସ୍ପଷ୍ଟ କରିଛନ୍ତି। ଏଥିସହିତ ପଲ ଷ୍ଟର୍ଲିଙ୍ଗ ଆୟର୍ଲାଣ୍ଡ ଟି୨୦ ଦଳର ଅଧିନାୟକ ପଦରୁ ଓହରି ଯାଇଥିବା ସେ ଘୋଷଣା କରିଛନ୍ତି। ଆଗାମୀ ଆଇପିଏଲ୍ ଶେଷ ହେବା ପରେ ଭାରତୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ଓ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବ। ଏହି ସିରିଜ ଜୁନ ୨୦ ତାରିଖରେ ଶେଷ ହେବ। ଏହାପରେ ଭାରତ ୫ ଟି୨୦ ଓ ୩ ଦିନିକିଆ ମ୍ୟାଚ୍ ଖେଳିବା ଲାଗି ଇଂଲଣ୍ଡ ଟୁର କରିବ। ଏହି ଟୁରରେ ଆୟର୍ଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ମଧ୍ୟ ସାମିଲ ରହିଛି। ଭାରତ ଗତ ୭ ବର୍ଷ ମଧ୍ୟରେ ୩ ଥର ପାଇଁ ୨୦୧୩, ୨୦୨୨ ଓ ୨୦୧୮ରେ ଆୟର୍ଲାଣ୍ଡ ଟୁର କରିବାକୁ ଯାଉଛି। ୨୦୨୮ରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ଉପରେ ଧ୍ୟାନ ଦିଆଯାଉଥିବା ବେଳେ ଷ୍ଟର୍ଲିଂ ଟି୨୦ ଅଧିନାୟକ ପଦରୁ ଓହରି ଯାଇଛନ୍ତି। ଏଥିଯୋଗୁ ଦଳକୁ ନୂଆ ଅଧିନାୟକ ଓ ନୂଆ ଷ୍ଟ୍ରାଟେଜୀ ଦରକାର। ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଷ୍ଟର୍ଲିଂ ଦଳର ନେତୃତ୍ୱ ଛାଡ଼ିଛନ୍ତି। ହେଲେ ସେ ଦିନିକିଆ ଫର୍ମାଟରେ ଦଳର ନେତୃତ୍ୱ ନେବା ଜାରି ରଖିବେ।

# ସିଏସକେକୁ ବଡ଼ ଝଟ୍‌କା : ପୂରା ସିଜିନ୍‌ରୁ ବାଦ୍ ପଡ଼ିଲେ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ନାଥନ ଏଲିସ

**ନୂଆଦିଲ୍ଲୀ**




ଗତ ସିଜନର ଖରାପ ପ୍ରଦର୍ଶନକୁ ପଛରେ ପକାଇ ଆଇପିଏଲ୍ ୨୦୨୬ରେ ନୂଆ ଆଶା ଓ ଉତ୍ସାହ ସହ ପଡ଼ିଆକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ଚେନ୍ନାଇ ସୁପର କିଙ୍ଗସ (ସିଏସକେ)କୁ ଏକ ବଡ଼ ଝଟ୍‌କା ଲାଗିଛି। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାର କିଛି ଦିନ ପୂର୍ବରୁ ଦଳର ବୋଲିଂ ବିଭାଗ ଦୁର୍ବଳ ହେବାରେ ଲାଗିଛି। ରିପୋର୍ଟ ଅନୁଯାୟୀ, ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ନାଥନ ଏଲିସ ଆହତ କାରଣରୁ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଏଲିସଙ୍କ ଏହି ଆହତ ସମସ୍ୟା ସିଏସ୍‌କେର ରଣନୀତିକୁ ବିଗାଡ଼ି ଦେଇଛି।

'ସ୍ପୋର୍ଟଷ୍ଟାର'ର ରିପୋର୍ଟ ଅନୁଯାୟୀ, ନାଥନ ଏଲିସ ହ୍ୟାମଷ୍ଟ୍ରିଙ୍ଗ ଆଘାତ ଯୋଗୁ ଚିନ୍ତିତ ଅଛନ୍ତି। ସେ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ସୁସ୍ଥ ହେବାର କୌଣସି ସମ୍ଭାବନା ନାହିଁ। ସିଏସ୍‌କେର ସିଇଓ କାଶୀ ବିଶ୍ୱନାଥନ ଏହି ଖବରକୁ ନିଶ୍ଚିତ କରି କହିଛନ୍ତି ଯେ, ଏହା ଦଳ ପାଇଁ ଏକ ବଡ଼ କ୍ଷତି ଏବଂ ଦଳ ଏବେ ତାଙ୍କର ବିକଳ୍ପ ଖେଳାଳି ଖୋଜିବା ଆରମ୍ଭ କରିଦେଇଛି।

ଏଲିସ ଚଳିତ ବର୍ଷ ଆରମ୍ଭରୁ ହିଁ ହ୍ୟାମଷ୍ଟ୍ରିଙ୍ଗ ସମସ୍ୟା ଦେଇ ଗତି କରୁଛନ୍ତି। ସେ ବିବିଏଲ ସମୟରେ ଆହତ ହୋଇ କିଛି ମ୍ୟାଚ ଖେଳିପାରି ନ ଥିଲେ। ଟି୨୦ ବିଶ୍ୱକପ ୨୦୨୬ରେ ସେ ସୁସ୍ଥ ହୋଇ ଅଷ୍ଟ୍ରେଲିଆ ପାଇଁ ୪ଟି ମ୍ୟାଚ୍‌ରେ ୫ଟି ଉଇକେଟ ନେଇଥିଲେ। ନିକଟରେ ଅଷ୍ଟ୍ରେଲିଆର ଏକ ଘରୋଇ ୱାନଡେ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିବା ପରେ ତାଙ୍କର ଏହି ପୁରୁଣା ଆଘାତ ପୁଣି ଥରେ ସାମ୍ନାକୁ ଆସିଛି।

୩୧ ବର୍ଷୀୟ ଏଲିସଙ୍କୁ ଗତ ମେଗା ନିଲାମରେ ଚେନ୍ନାଇ ୨ କୋଟି ଟଙ୍କାର ବେସ୍ ପ୍ରାଇସରେ କିଣିଥିଲା। ଯଦିଓ ଗତ ସିଜିନରେ ସେ ମାତ୍ର ଗୋଟିଏ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ, ତଥାପି ଦଳ ତାଙ୍କ ଉପରେ ଭରସା ରଖି ରିଟେନ କରିଥିଲା। ୨୦୨୬ ସିଜନରେ ସେ ଦଳର ବୋଲିଂ ଆକ୍ରମଣର ଏକ ମୁଖ୍ୟ ଅଂଶ ହେବେ ବୋଲି ଆଶା କରାଯାଉଥିଲା।

ବର୍ତ୍ତମାନ ଚେନ୍ନାଇ ପାଖରେ ବିଦେଶୀ ଦ୍ରୁତ ବୋଲର ଭାବେ ନ୍ୟୁଜିଲାଣ୍ଡର ମ୍ୟାଟ ହେନେରୀ ଅଛନ୍ତି। କିନ୍ତୁ ଏଲିସଙ୍କ ସ୍ଥାନ ପୂରଣ କରିବା ପାଇଁ ଦଳ କୌଣସି ନୂଆ ବିଦେଶୀ ବୋଲରଙ୍କୁ ଆଣିବ ନା ନିଜ ପାଖରେ ଥିବା ଇଂଲଣ୍ଡ ଅଲରାଉଣ୍ଡର ଜେମି ଓଭରଟନଙ୍କ ସହ ଆଗକୁ ବଢ଼ିବ, ତାହା ଆଗାମୀ କିଛି ଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ।

## ମା' ବାରଖୁଲେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ ନାନାଝେର ଓ ପୁଡ଼ାପାଲି

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡ଼ିଘାଟ ପଞ୍ଚାୟତ ବାରବନ୍ଧ ଗ୍ରାମର ଖେଳପଡ଼ିଆଠାରେ ମା' ବାରଖୁଲେନ କ୍ରିକେଟ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବାଲଦାଶ ଏବଂ ନାନାଝେର ମଧ୍ୟରେ ମ୍ୟାଚ୍ ଚାଲିଥିବା ବେଳେ ନାନାଝେର ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ପୁଡ଼ାପାଲି ଏବଂ କରଲାବେହେଲି ମଧ୍ୟରୁ ପୁଡାପାଲି ବିଜୟ ଲାଭ କରିଛି। ମୁଖ୍ୟଅତିଥି ଭାବେ ସଞ୍ଜୟ କୁମାର ରାଓ ତଥା ଯୁବ ସମାଜସେବୀ କିଶୋର ସାହୁ ଉଗ୍ରେସନ ମାଝୀ ଏବଂ ରାଜେନ୍ଦ୍ର ଭୋଇ ଶଙ୍କର ମାଝୀ ଓ ଗୋପାଳ ଚିନ୍ଦା ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରିକେଟ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଦୁଇଟି ରାଉଣ୍ଡର ବିଜୟୀ ଦଳକୁ ନେଇ ତୃତୀୟ ରାଉଣ୍ଡ ଖେଳ ଅନୁଷ୍ଠିତ ହେବ। ନାନାଝେର ଓ ପୁଡାପାଲି ସେମି ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଅମ୍ପାୟାର ରୂପେ ଖେଳ ପରିଚାଳନା କରିଥିବା ଧ୍ରୁବଲେ ଭୋଇ ଓ ବିକାଶ ନାଏକ କରିଥିବା ବେଳେ ସୁବ୍ରତ ବଘାର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟିର ସଭାପତି ଭିକାରୀ ଭୋଇ, ଉପସଭାପତି ବିବେକ ସାହୁ, କୋଷାଧ୍ୟକ୍ଷ ଆକାଶ ସାହୁ, ପଦ୍ମନ ମାଝୀ, ଉମେଶ ସାହୁ, ଅମିର ବଘାର, କାଳିଆ ପ୍ରଧାନ, ବିକାଶ ନାଏକ, ରାଘବ ଭୋଇ ମଣ୍ଟୁ ନାଏକ, ରଞ୍ଜନ ବଘାର, ପ୍ରଦୀପ ଭୋଇ, ଅମିତ ନାଏକ, ଲିଙ୍କନ ସାହୁ, ନର ମାଝୀ, ଶୁକମଣି ଚିନାଗୁନ, ପ୍ରଦୀପ ନାଏକ, ହ୍ରିତିକ ଭୋଇ, ଲକ୍ଷପତି ଭୋଇ, ଛୋଟୁ ସାହୁ, ପ୍ରସନ୍ନ ନାଏକ, ମନୁ ନାଏକଙ୍କ ସହ କମିଟିର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

# ଖିମ୍‌ଜୀ କପ୍ : ଫାଇନାଲ୍‌ରେ ପ୍ରଗତି ସ୍ପୋର୍ଟିଂ




**ଭୁବନେଶ୍ୱର**

ସ୍ଥାନୀୟ ବିଜେବି କଲେଜ ପଡ଼ିଆରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ 'ଖିମ୍‌ଜୀ କପ୍' କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରଗତି ସ୍ପୋର୍ଟିଂ ପ୍ରବେଶ କରିଛି। ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ୍‌ରେ ଏହି ଭୁବନେଶ୍ୱର ଦଳ ୫ ୱିକେଟ୍‌ରେ ରାଉରକେଲା ୟୁଥ୍ କ୍ଲବ୍‌କୁ ହରାଇଛି। ରବିବାର ଫାଇନାଲ୍‌ରେ ପ୍ରଗତି ସ୍ପୋର୍ଟିଂ ଓ ଆୟୋଜକ ମୁକ୍ତେଶ୍ୱର କ୍ଲବ୍ ଟ୍ରଫି ପାଇଁ ଲଢ଼ିବେ।

ଶୁକ୍ରବାର ରାଉରକେଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୯.୧ ଓଭରରେ ମାତ୍ର ୧୨୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇ ଥିଲା। ସୌମ୍ୟ ଲେଙ୍କା ୪୯, ଅଙ୍କିତ ପ୍ରସାଦ ଗୁପ୍ତା ୩୮ ରନ୍ କରିଥିଲା ବେଳେ ପ୍ରଗତି ସ୍ପୋର୍ଟିଂର ମିଲନ ସାମଲ (୬.୧-୨-୧୦-୩) ଓ ରାକେଶ ବିଶ୍ୱାଳ (୬-୦-୩୪-୩) ବୋଲିଂ ସଫଳତା ପାଇଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୦ ରନ୍‌ରେ ୩ ୱିକେଟ୍ ହରାଇଥିଲେ ମଧ୍ୟ ଶାନ୍ତନୁ ମିଶ୍ର (୭୭ ବଲ୍‌ରୁ ୬୭)ଙ୍କ ଅପରାଜିତ ପାଳି ବଳରେ ୨୨.୨ ଓଭରରେ ୫ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଅଧିନାୟକ ରଘୁନାଥ ମଲ୍ଲ (୨୬ ବଲ୍‌ରୁ ୩୭ ରନ୍) ଚତୁର୍ଥ ୱିକେଟ୍‌ରେ ଶାନ୍ତନୁଙ୍କ ସହ ୭୪ ରନ୍‌ର ଭାଗୀଦାର ଗଢ଼ିବାରୁ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ଫାଇନାଲ୍‌ରେ ପହଞ୍ଚିଥିଲା। ରାଉରକେଲା ପକ୍ଷରୁ ଆକାଶ ଠାକୁର ୩ ୱିକେଟ୍ ନେଇଥିଲେ। ପ୍ରଗତିର ମିଲନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ନୀଳାଚଳ ଲିଜିଂ ଓ ଫାଇନାନ୍ସର ପରିଚାଳନା ନିର୍ଦ୍ଦେଶକ ଜେକେ ମହାନ୍ତି ଏବଂ ପରାମର୍ଶଦାତା ସତ୍ୟ ନାରାୟଣ ଦାସ ପ୍ରଦାନ କରିଥିଲେ।

# ଭବିଷ୍ୟତର ତୀରନ୍ଦାଜ ସୃଷ୍ଟି କରୁଛି ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଣ୍ଟର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶାର ଜନଜାତି ବହୁଳ ଅଞ୍ଚଳରେ ଧନୁ ଓ ତୀର କେବଳ ଏକ ଅସ୍ତ୍ର ନୁହେଁ, ବରଂ ଏହା ସେମାନଙ୍କ ସଂସ୍କୃତି, ଜୀବିକା ଏବଂ ପରିଚୟ ସହ ଜଡ଼ିତ। ଆଜି ସେହି ପାରମ୍ପରିକ ଦକ୍ଷତାକୁ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଭାରେ ରୂପାନ୍ତରିତ କରିବା ପାଇଁ ରାଜ୍ୟରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କେନ୍ଦୁଝରଠାରେ ପ୍ରତିଷ୍ଠିତ 'ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଣ୍ଟର' (ଓଟିଏଏଚ୍‌ପିସି) ଏବେ ଦେଶର ଭବିଷ୍ୟତର ତୀରନ୍ଦାଜମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁଛି।

କେନ୍ଦୁଝରର ଶଙ୍କରପୁରଠାରେ ଅବସ୍ଥିତ ଏହି କେନ୍ଦ୍ର ୨୦୨୪ ଏପ୍ରିଲରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ପ୍ରାୟ ତିନି ଦଶନ୍ଧି ପୂର୍ବରୁ ଜାମସେଦପୁରଠାରେ ଟାଟା ଆର୍ଚେରୀ ଏକାଡେମୀ ପ୍ରତିଷ୍ଠା ହୋଇଥିଲା, ଯାହା ଭାରତର ପ୍ରଥମ ସଂଗଠିତ ଧନୁର୍ବିଦ୍ୟା ପ୍ରଶିକ୍ଷଣ କେନ୍ଦ୍ର ଭାବେ ଜଣାଶୁଣା।

ଓଡ଼ିଶାରେ ଧନୁର୍ବିଦ୍ୟାର ବିକାଶକୁ ଆହୁରି ସୁଦୃଢ଼ କରିବା ପାଇଁ ୨୦୨୩ ଡିସେମ୍ବର ମାସରେ ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ସହଭାଗିତାର ମୁଖ୍ୟ ଲକ୍ଷ୍ୟ ହେଉଛି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏକ ସୁସଂଗଠିତ ପ୍ରତିଭା ଅନ୍ୱେଷଣ ପ୍ରକ୍ରିୟା ମାଧ୍ୟମରେ ତୃଣମୂଳସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଉଚ୍ଚକୋଟିର ପ୍ରଶିକ୍ଷଣ ପ୍ରଦାନ କରାଯିବ।

ଟାଟା ଷ୍ଟିଲ୍‌ର କ୍ରୀଡ଼ା ବିଭାଗ ଚିଫ୍ ମୁକୁଲ ବିନାୟକ ଚୌଧୁରୀଙ୍କ କହିବା ଅନୁଯାୟୀ, ଏହି କେନ୍ଦ୍ରଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି ଆଥଲେଟ୍‌ମାନଙ୍କର ସର୍ବାଙ୍ଗୀନ ବିକାଶ କରିବା ଏବଂ ଦେଶ ପାଇଁ ଗୌରବ ଆଣିବା ଭଳି ଏକ ଶକ୍ତିଶାଳୀ ପାଇପ୍‌ଲାଇନ୍ ପ୍ରସ୍ତୁତ କରିବା। ଏହିଭଳି ଭାବେ କେନ୍ଦୁଝରର ହାଇ ପରଫର୍ମାନ୍ସ ସେଣ୍ଟର ଏବଂ ମୟୂରଭଞ୍ଜର ତୃଣମୂଳ କେନ୍ଦ୍ର ମିଳିତ ଭାବେ ଓଡ଼ିଶାକୁ ବିଶ୍ୱ ଧନୁର୍ବିଦ୍ୟା ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏବେ କେନ୍ଦୁଝର ଜିଲ୍ଲାର ଶଙ୍କରପୁର ସ୍ଥିତ ଏହି ହାଇ-ପରଫର୍ମାନ୍ସ ସେଣ୍ଟରରେ ଦୁର୍ଗମ ଅଞ୍ଚଳରୁ ଚୟନ ହୋଇଥିବା ୨୪ ଜଣ କ୍ୟାଡେଟ୍ (୧୨ ବାଳକ ଓ ୧୨ ବାଳିକା) ଅଭ୍ୟାସ କରୁଛନ୍ତି। ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି କେନ୍ଦ୍ରର ତୀରନ୍ଦାଜମାନେ ରାଜ୍ୟ ଓ ଜାତୀୟସ୍ତରରେ ୨୦ଟି ପଦକ ଜିତିବାରେ ସଫଳ ହୋଇଛନ୍ତି, ଯେଉଁଥିରେ ୮ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ସାମିଲ ରହିଛି। ଏହି କେନ୍ଦ୍ରର ୧୪ ଜଣ କ୍ରୀଡ଼ାବିତ୍ ଜାତୀୟସ୍ତରୀୟ କ୍ରୀଡ଼ାରେ ଭାଗ ନେବାର ସୁଯୋଗ ପାଇଛନ୍ତି।

ଆଗାମୀ ଦିନରେ ଏହି କ୍ୟାଡେଟ୍‌ମାନେ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ନିଜର କଳା ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଆସନ୍ତା ମାର୍ଚ୍ଚ ୨୫ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ 'ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୨୦୨୬' ଏବଂ ମାର୍ଚ୍ଚ ୨୬ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ହେବାକୁ ଥିବା 'ଅଣ୍ଡର-୧୦, ୧୩ ଓ ୧୫ ବର୍ଗର ଜାତୀୟ ଆର୍ଚେରୀ ଚାମ୍ପିଅନସିପ୍'ରେ ଓଡ଼ିଶାର ଏହି ପ୍ରତିଭାମାନେ ଅଂଶଗ୍ରହଣ କରିବେ।

ଏହି ସଫଳତା ପଛରେ ମାଲକାନଗିରିର ଅର୍ଜୁନ ଖରା ଏବଂ ଯାଜପୁରର ସୀତା ହେମ୍ବ୍ରମଙ୍କ ଭଳି ଅନେକ ସଂଘର୍ଷର କାହାଣୀ ରହିଛି, ଯେଉଁମାନେ ଆର୍ଥିକ ଅନଟନ ଓ ପାରିବାରିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆଜି ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି।

ମାଲକାନଗିରିର ଏକ ନକ୍ସଲ ପ୍ରଭାବିତ ଗାଁର ଚାଷୀ ପରିବାରରୁ ଆସିଥିବା ୨୨ ବର୍ଷୀୟ ଯୁବକ ଅର୍ଜୁନ ଖରା ଦିନେ କ୍ରୀଡ଼ା କ୍ଷେତ୍ରରେ ନିଜର ଭବିଷ୍ୟତ ବିଷୟରେ କଳ୍ପନା ମଧ୍ୟ କରିନଥିଲେ। କିନ୍ତୁ ଆଜି ପ୍ରଫେସନାଲ କୋଚିଂ ଏବଂ ଅତ୍ୟାଧୁନିକ ସୁବିଧା ସୁଯୋଗ ପାଇ ସେ ଜାତୀୟସ୍ତରରେ ନିଜର ପରାକାଷ୍ଠା ଦେଖାଇବା ସହ ଭାରତର ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ସେହିପରି ଯାଜପୁରର ୧୬ ବର୍ଷୀୟା ସୀତା ହେମ୍ବ୍ରମ, ଅଳ୍ପ ବୟସରୁ ପିତାମାତାଙ୍କୁ ହରାଇବା ପରେ ସାନ ଭଉଣୀର ଦେଖାଶୁଣା ଦାୟିତ୍ୱ ବି ତୁଲାଉଛନ୍ତି। ସେ ଧନୁର୍ବିଦ୍ୟା ମାଧ୍ୟମରେ ନିଜ ଜୀବନର ଏକ ନୂଆ ଉଦ୍ଦେଶ୍ୟ ଖୋଜି ପାଇଛନ୍ତି। ସେ ନିଜର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଏକ ବଡ଼ ସଫଳତାର ସ୍ୱପ୍ନରେ ପରିଣତ କରିଛନ୍ତି। କେନ୍ଦୁଝର କେନ୍ଦ୍ରରେ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଟାଟା ଷ୍ଟିଲ୍ ଏହି ସମୟରେ ତୃଣମୂଳ ସ୍ତରରୁ ପ୍ରତିଭାମାନଙ୍କୁ ଆଗକୁ ଆଣିବା ପାଇଁ ମଧ୍ୟ କାର୍ଯ୍ୟ କରୁଛି। ମୟୂରଭଞ୍ଜ ଜିଲ୍ଲାର ପାହାଡ଼ପୁରଠାରେ ଏସଏଲଏସ ସ୍କୁଲ ସହଯୋଗରେ ୨୦୨୫ ମେ ମାସରୁ ଏକ 'ଆର୍ଚେରୀ ଫିଡର୍ ସେଣ୍ଟର' ସ୍ଥାପନ କରାଯାଇଛି। ଏଠାରେ ୧୨ ବର୍ଷରୁ କମ୍ ବୟସର ୨୦ ଜଣ ଛାତ୍ରଛାତ୍ରୀଙ୍କୁ ଆଧୁନିକ କୌଶଳ ସହ ଶୃଙ୍ଖଳା, ଟିମ୍‌ୱାର୍କ ଓ ଆତ୍ମବିଶ୍ୱାସ ବୃଦ୍ଧି ସମ୍ପର୍କରେ ଶିକ୍ଷା ଦିଆଯାଉଛି।

# ବାଙ୍ଗାଲୋରରେ ପୁସ୍ତକ 'ନୀଳାଚଳ ଚନ୍ଦ୍ର'ର ଓଡ଼ିଆ ଅନୁବାଦ ସଂସ୍କରଣ ଉନ୍ମୋଚିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ତରଫରୁ ଆୟୋଜିତ ଏକ ଭବ୍ୟ ସମାରୋହରେ ଅନୁରୂପା ସିଂଙ୍କ ଦ୍ୱାରା ଅନୁବାଦିତ ଉପନ୍ୟାସ 'ନୀଳାଚଳ ଚନ୍ଦ୍ର' ଉନ୍ମୋଚନ କରାଯାଇଛି। ପ୍ରେମ, କରୁଣା ଓ ଭକ୍ତିର ଆଧ୍ୟାତ୍ମିକ ଯାତ୍ରାକୁ ଆଧାର କରି ଲିଖିତ ଏହି କୃତି ପ୍ରସିଦ୍ଧ ହିନ୍ଦୀ ଔପନ୍ୟାସିକ ଡ. ସୁଜାତା ଚୌଧୁରୀଙ୍କ ମୂଳ ଉପନ୍ୟାସର ଓଡ଼ିଆ ଅନୁବାଦ ଅଟେ। ପ୍ରଭୁ ଶ୍ରୀଚୈତନ୍ୟଦେବଙ୍କ ବାଲ୍ୟଲୀଳା ଓ ଜୀବନଯାତ୍ରାକୁ କେନ୍ଦ୍ର କରି ରଚିତ ଏହି ଉପନ୍ୟାସ ସାହିତ୍ୟ ପ୍ରେମ ଓ ଆଧ୍ୟାତ୍ମିକ ଚେତନାର ଏକ ଅଦ୍ଭୁତ ସମନ୍ୱୟ ପ୍ରଦର୍ଶନ କରେ। ଉନ୍ମୋଚନ ପୂର୍ବରୁ ଶ୍ରୀମତୀ ସିଂ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ବିସ୍ତୃତ ଅଲୋଚନା କରିଥିଲେ ଏବଂ ପରେ ଉପସ୍ଥିତ ଅତିଥିମାନଙ୍କ କରକମଳରେ ପୁସ୍ତକଟିକୁ ଲୋକାର୍ପିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ତାପସରାଜ୍ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ପ୍ରଶାନ୍ତ କୁମାର ନାଥ ଏହାକୁ ସଫଳ ଭାବେ ସଂଚାଳନ କରିଥିଲେ। ଉପସ୍ଥିତ ଅତିଥିମାନେ ପୁସ୍ତକର ସାହିତ୍ୟିକ ମୂଲ୍ୟ ଓ ଆଧ୍ୟାତ୍ମିକ ପ୍ରସଙ୍ଗକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରତିମା ଦାସ, ସାବିତ୍ରୀ ସେଠି, ସ୍ନେହଲତା ଗୋସ୍ୱାମୀ, ସଞ୍ଜୟ ଦାସ, ଦୁର୍ଗେଶ ନନ୍ଦିନୀ, ବିଶ୍ୱଭାରତୀ ଗୋସ୍ୱାମୀ, ଯାଜ୍ଞସେନୀ ପଣ୍ଡା, ତାପସରାଜ୍ ମହାରଣା, ପ୍ରଶାନ୍ତ କୁମାର ନାଥ, ବିଶ୍ୱରଞ୍ଜନ ଗୋସ୍ୱାମୀ, ବିଶ୍ୱଜିତ ଦାସ, ଜୟଚନ୍ଦ୍ର ମୁନୀ, ସ୍ୱପ୍ନା କୁମାର, ଦେବୀଦତ୍ତଙ୍କ ସମେତ ବାଙ୍ଗାଲୋରରେ ବସବାସ କରୁଥିବା ଅନେକ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ସମସ୍ତ ସାହିତ୍ୟପ୍ରେମୀମାନେ ପୁସ୍ତକଟିର ବ୍ୟାପକ ପାଠକୀୟ ସ୍ୱୀକୃତି କାମନା କରିଥିବା ସହ ଅନୁରୂପା ସିଂଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ସମଗ୍ର କାର୍ଯ୍ୟକ୍ରମଟି ସାହିତ୍ୟ ପ୍ରେମର ଏକ ଅନନ୍ୟ ପରିବେଶ ସୃଷ୍ଟି କରିଥିଲା।

# ଆଇପିଏଲ୍ ୨୦୨୬ : ଚାମିରା, ନିସାଙ୍କା, କାମିନ୍ଦୁ ମେଣ୍ଡିସଙ୍କୁ ମିଳିଲା ଏନ୍‌ଓସି

**କଲମ୍ବୋ**

ଆଇପିଏଲ୍-୨୦୨୬ରେ ଅଂଶଗ୍ରହଣ କରିବା ପାଇଁ ଶ୍ରୀଲଙ୍କା କ୍ରିକେଟ(ଏସ୍‌ଏଲ୍‌ସି) ଶୁକ୍ରବାର ଦୁଷ୍ମନ୍ତ ଚାମିରା, ପାଥୁମ ନିସାଙ୍କା ଓ କାମିନ୍ଦୁ ମେଣ୍ଡିସଙ୍କୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପ୍ରଦାନ କରିଛି। ଏହି ୩ଜଣ ସଫଳତାର ସହିତ ଏସ୍‌ଏଲ୍‌ସିର ଫିଜିକାଲ ପରଫର୍ମାନ୍ସ ଟେଷ୍ଟରେ ଉନ୍ନୀତ ହୋଇପାରିଛନ୍ତି। ଆସନ୍ତା ଆଇପିଏଲ୍ ପାଇଁ ପେସର ଚାମିରା ଏବଂ ଓପନର ନିସାଙ୍କା ଦିଲ୍ଲୀ କ୍ୟାପିଟାଲ୍ସର ସଦସ୍ୟ ରହିଥିବା ବେଳେ ସନ୍‌ରାଇଜର୍ସ ହାଇଦ୍ରାବାଦ ଅଲରାଉଣ୍ଡର କାମିନ୍ଦୁ ମେଣ୍ଡିସଙ୍କୁ ରିଟେନ କରିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରେ ଅଂଶଗ୍ରହଣ ଲାଗି ଅନୁମତି ପାଇଁ ଆବେଦନ କରିଥିବା ଖେଳାଳିମାନଙ୍କୁ ଏସ୍‌ଏଲ୍‌ସିର ଫିଜିକାଲ ପରଫର୍ମାନ୍ସ ଟେଷ୍ଟରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ।




## ଚିକିତ୍ସା ଅବହେଳାରୁ ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟଣା

# ବିଜେଡି ପକ୍ଷରୁ ପିଆରଏମ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ପିଆରଏମ ହସ୍ପିଟାଲରେ ଚିକିତ୍ସା ଅବହେଳା ଯୋଗୁଁ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ବିଜେଡି ପକ୍ଷରୁ ପିଆରଏମ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗା ଚରଣ ମାର୍ଣ୍ଡି, ସଦସ୍ୟ ଆନନ୍ଦ ଚରଣ ଟୁଡୁଙ୍କ ଉପସ୍ଥିତିରେ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। କୁଲିଅଣା ଥାନା ଅନ୍ତର୍ଗତ ପୋଖରିଆ ଗ୍ରାମର ଦୁବାଇ ହାଁସଦାଙ୍କ ପତ୍ନୀ ବାଲ୍ମୀ ହାଁସଦାଙ୍କ ପ୍ରସବ ବେଦନା ହେବାରୁ ବୁଧବାର ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଛୁଆ ଜନ୍ମ ନିମନ୍ତେ ଗୁରୁବାର ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ଅସ୍ତ୍ରୋପଚାର କରି ଗର୍ଭସ୍ଥ ଶିଶୁକୁ ଜନ୍ମ ସମୟରେ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି। ଏହାସହିତ ଜନ୍ମସ୍ଥ ଶିଶୁ ପିଠିରେ କ୍ଷତ ଥିବା ବେଳେ ଗୁରୁତ୍ୱର ରହିଛି। ଅପରେସନ ହୋଇ ପ୍ରସବ ସରିବା ପରେ ଘଟଣା ବାବଦରେ ମହିଳାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଅନଭିଜ୍ଞ କନିଷ୍ଠ ଡାକ୍ତର ଜଣକ ନିଶାଗ୍ରସ୍ତ ଅବସ୍ଥାରେ ପ୍ରସବ ଅସ୍ତ୍ରୋପଚାର କରିବାରୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାସହିତ ଭୁଲ ଅସ୍ତ୍ରୋପଚାର ଯୋଗୁଁ ଜନ୍ମିତ ଶିଶୁର ଶରୀର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ଷ୍ଟିଚ୍ ପଡ଼ିଛି। ଶିଶୁର ଶରୀରରୁ ରକ୍ତପାତ ହୋଇ ଗୁରୁତର ଅବସ୍ଥାରେ ଏସଏନସିୟୁରେ ଚିକିତ୍ସିତ ହେଉଛି। ଯାହାକୁ ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସମ୍ପୂର୍ଣ୍ଣ ଭାବେ ଅବହେଳାକୁ ଦାୟୀ କରି ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ, ଚିକିତ୍ସିତ ଶିଶୁର ଆସନ୍ତା ୬ମାସ ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ବ୍ୟବସ୍ଥା ହସ୍ପିଟାଲ କର୍ତ୍ତୃପକ୍ଷ ବହନ କରିବା ଓ ଡାକ୍ତରଙ୍କ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ବିଜେଡିର ପ୍ରତିନିଧି ଦଳ ଦାବିପତ୍ର ସିଡିଏମଓଙ୍କୁ ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ବାରିପଦା ଉପ ଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ଏସଡିପିଓ ପ୍ରଭାତ ମଲ୍ଲିକ, ବାରିପଦା ତହସିଲଦାର ସପନ କୁମାର ସାହୁ, ପିଆରଏମ ମେଡ଼ିକାଲ କଲେଜ ଅଧ୍ୟକ୍ଷକ ଡା. ପ୍ରତିଭା ପଣ୍ଡା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ଦାସ, ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ରାଉତ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ନମିଳିବା ପର୍ଯ୍ୟନ୍ତ ପ୍ରତିବାଦରୁ ହଟିବେ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। ଦାବି ବାବଦରେ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ପୂରଣ କରିବା ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ଜିଲ୍ଲା ପ୍ରଶାସନ ପକ୍ଷରୁ ୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ୬ମାସ ପର୍ଯ୍ୟନ୍ତ ଶିଶୁର ଚିକିତ୍ସା ଖର୍ଚ୍ଚ ବହନ ନେଇ ପ୍ରତିଶ୍ରୁତି ଦେଇଥିଲେ। ୨୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି ବୋଲି ଜିଲ୍ଲାପାଳ ଜଣାଇଛନ୍ତି। ଚିକିତ୍ସା ଅବହେଳା ଯୋଗୁଁ ଏହିପରି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଆଗାମୀ ସପ୍ତାହକ ମଧ୍ୟରେ ଦାବି ପୂରଣ କରି କ୍ଷତିପୂରଣ ରାଶି ପ୍ରଦାନ ନହେଲେ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ରବୀନ୍ଦ୍ର କର, କରୁଣାକର କର, ପଞ୍ଚାୟତ ସମିତି ସଭ୍ୟ ରାଇସେନ ହେମ୍ବ୍ରମ, ସରପଞ୍ଚ ବାଇଧର କିସ୍କୁ, ସୁନାରାମ ମାର୍ଣ୍ଡି, ପରାଗ ରଞ୍ଜନ ମହାନ୍ତି, ମଣ୍ଟୁ ମହାନ୍ତ, ସୁଜିତ ନାୟକ, ମାଣିକ ହାଁସଦା, ରଜନୀ ମହାନ୍ତ, ଜହରଲାଲ ସିଂ ସମେତ ଅନ୍ୟାନ୍ୟ ପ୍ରମୁଖ ଗ୍ରାମବାସୀ ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଚୈତ୍ର ନବରାତ୍ରର ପ୍ରଥମ ଦିନରେ ମା' ସୁରେଶ୍ୱରୀଙ୍କ କାଳୀ ବେଶର ଆଧ୍ୟାତ୍ମିକ ମହତ୍ତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଚୈତ୍ରମାସ ନବରାତ୍ରର ପ୍ରଥମ ଦିବସରେ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ କାଳୀ ବେଶ ଧାରଣ ଏକ ଅତ୍ୟନ୍ତ ପବିତ୍ର ଓ ଗଭୀର ଆଧ୍ୟାତ୍ମିକ ମହତ୍ତ୍ୱର ପରମ୍ପରା ଭାବେ ପରିଚିତ। ଏହି ପରମ୍ପରା ସୁବର୍ଣ୍ଣପୁରର ଐତିହ୍ୟ ଓ ଧାର୍ମିକ ଚେତନାକୁ ପ୍ରକାଶ କରେ। ସୁବର୍ଣ୍ଣପୁରକୁ 'ଦ୍ୱିତୀୟ ବାରାଣସୀ' ବୋଲି କୁହାଯାଏ। ଏହାର ପ୍ରମୁଖ କାରଣ ହେଉଛି ଏଠାରେ ଶୈବ ଓ ଶାକ୍ତ ପରମ୍ପରାର ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳିଥାଏ, ଯାହା ଏହି ଅଞ୍ଚଳକୁ ବିଶିଷ୍ଟ ଧାର୍ମିକ ପରିଚୟ ଦେଇଛି। ପୌରାଣିକ କଥାନୁସାରେ, ଦେବୀ ଦୁର୍ଗା ଅସୁରମାନଙ୍କ ସଂହାର ପାଇଁ ନିଜର ଉଗ୍ର ଓ ଭୟାନକ କାଳୀ ରୂପକୁ ଧାରଣ କରିଥିଲେ। ଶୁମ୍ଭ-ନିଶୁମ୍ଭ ଓ ରକ୍ତବୀଜ ଭଳି ଦାନବମାନଙ୍କ ବଧ ପାଇଁ ଏହି ରୂପର ପ୍ରକାଶ ହୋଇଥିଲା। ମା' କାଳୀଙ୍କ ଏହି ରୂପ ଶକ୍ତି, ସଂହାର ଓ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ବୋଲି ମନାଯାଏ।

ଏହି ପୌରାଣିକ ପରମ୍ପରାକୁ ସ୍ମରଣ କରି ସୁବର୍ଣ୍ଣପୁରରେ ନବରାତ୍ରର ପ୍ରଥମ ଦିନରେ ମା' ସୁରେଶ୍ୱରୀଙ୍କୁ କାଳୀ ବେଶରେ ଅଳଙ୍କୃତ କରାଯାଏ। ଏହି ବେଶର ଦର୍ଶନ ଭକ୍ତମାନଙ୍କ ମନରେ ଭୟମୁକ୍ତି, ଆତ୍ମଶକ୍ତି ଓ ସାହସର ସଂଚାର କରେ।





## ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

# ବିଭାଗୀୟ ଅଧିକାରୀ ନିଜର ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ମହାପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ଆସନ୍ତା ୨୬ ତାରିଖରେ ରଥଯାତ୍ରା ଓ ୩୦ ତାରିଖରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ । ରଥଯାତ୍ରା ଦିନ ଭୋର ୪ ଘଟିକାରୁ ସାଢେ ଚାରି ଘଟିକା ପର୍ଯ୍ୟନ୍ତ ମଙ୍ଗଳ ଆଳତୀ ଓ ଅବକାଶ, ପରେ ପରେ ୫ ଘଟିକା ପର୍ଯ୍ୟନ୍ତ ସାହଣମେଲା ଦର୍ଶନ ହେବ ବୋଲି ନୀତି ନିର୍ଘଣ୍ଟ ହୋଇଛି। ସେହିଭଳି ମଧ୍ୟାହ୍ନ ୧୦.୧୫ ଘଟିକାରୁ ୧୦.୪୫ ଘଟିକା ପର୍ଯ୍ୟନ୍ତ ଯାତ୍ରା ପୂଜା ଶେଷ ପରେ ଶ୍ରୀ ଜିଉଙ୍କ ପହଣ୍ଡି, ରଥରେ ପୂଜା, ଘୋଡା ଯୋଚା ଓ ଚାରମାଳ ଖୋଲା ପରେ ଅପରାହ୍ନ ସାଢେ ୨ ଘଟିକା ସମୟରେ ରଥଟଣା ହେବ ବୋଲି ସମୟ ନିର୍ଘଂଟ କରାଯାଇଛି । ଅନୁରୂପ ଭାବେ ବାହୁଡ଼ା ଯାତ୍ରା ଦିନ ଅପରାହ୍ନ ସାଢେ ୨ ଘଟିକା ସମୟରେ ମଧ୍ୟ ରଥଟଣା ଆରମ୍ଭ ହେବ।



ଉକ୍ତ ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ବିଭାଗୀୟ ଅଧିକାରୀ ମାନେ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବା ପାଇଁ ଜିଲ୍ଲାପାଳ ଅମୃତ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି । ଅସ୍ଥାୟୀ ଭୋଗପିଣ୍ଡି, ସଫେଇ, ଆଲୋକୀକରଣ, ମନ୍ଦିରକୁ ଫୁଲରେ ସଜେଇବା, ପାନୀୟ ଜଳ ବୋତଲ ବ୍ୟବସ୍ଥା କରିବାକୁ ଭୁବନେଶ୍ୱର ମହାନଗର ନିଗମକୁ ଦାୟିତ୍ୱ ଦିଆଯାଇଛି । ସେହିଭଳି ପାନୀୟ ଜଳ ଯୋଗାଣ, ରାସ୍ତା ଧୌତ, ରଥ ଆଗରେ ଓ ପଛରେ ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବା ପାଇଁ ୱାଟକୋକୁ ନିର୍ଦ୍ଦେଶ ଦିଆଯାଇଛି । ଅଗ୍ନି ନିର୍ବାପନ, ନିରବଛିନ୍ନ ବିଦ୍ୟୁତ ଯୋଗାଣ, ରାସ୍ତା ମରାମତି, ଶାନ୍ତି ଶୃଙ୍ଖଳା ରକ୍ଷା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି । ଚଳିତ ବର୍ଷ ଶୃଙ୍ଖଳିତ ଭାବେ ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଉପ ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ଲିଙ୍ଗରାଜ ମନ୍ଦିର ଅତିରିକ୍ତ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ଭରିମାଲ୍ଲ, ବିଭାଗୀୟ ଅଧିକାରୀ ଓ ବିଭିନ୍ନ ନିଯୋଗର କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜଧାନୀ ସହରର...

ପ୍ରବେଶ ରାସ୍ତା ନେଟୱାର୍କ (୧୯.୩୫) କିଲୋମିଟର, ଦୟା ପଶ୍ଚିମ କେନାଲ (ବାରଙ୍ଗ-ଜଟଣୀ) ୩୮.୪ କିଲୋମିଟର, ଦୟା ପଶ୍ଚିମ କେନାଲ ରାସ୍ତା (ବାରଙ୍ଗ-ତ୍ରିଶୁଳିଆ) ଧାକୁଲେଇ ପୀଠ ଦେଇ ଏନ୍‌ଏଚ୍-୧୬ରେ ସଂଯୋଗ ୬.୪୯ କିଲୋମିଟର, ଆଚାର୍ଯ୍ୟ ବିହାରରୁ କଳିଙ୍ଗ ହସ୍‌ପିଟାଲ ଛକ ଏବଂ ଡମଣା ଛକ ୬.୧୮ କିଲୋମିଟର, କାଇମାଟିଆ ଛକରୁ ବରଙ୍ଗା-ପିତାପଲି ରାସ୍ତାରେ ଛତାବର ୭.୬୧ କିଲୋମିଟର, ଉଚ୍ଚର ପଶ୍ଚିମରେ ଗୋହିରା-୧୬ରୁ ଗୋଠପାଟଣା ଭାୟା ମଦନପୁର ୪.୫୯ କିଲୋମିଟର, ଏନ୍‌ଏଚ୍-୧୬ରୁ ପ୍ରସ୍ତାବିତ ଭୁବନେଶ୍ୱର ଭିତର ରିଂ ରୋଡ ପର୍ଯ୍ୟନ୍ତ ଏମ୍ସ ଏବଂ ଦାମୋଦରପୁର ଦେଇ ଦୟା ପଶ୍ଚିମ କେନାଲ ପର୍ଯ୍ୟନ୍ତ ୨.୮୨ କିଲୋମିଟର, ଏନ୍‌ଏଚ୍-୧୬ (ଡିଏନ୍ ରେଙ୍ଗାଲିଆ)ରୁ କେ-୭ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ (କଳିଙ୍ଗନଗର ବସ୍‌ଷ୍ଟପ୍) ଡିଲ୍‌ରୁ ଚାରି ଲେନ୍ ପର୍ଯ୍ୟନ୍ତ ୧.୩୯ କିଲୋମିଟର, କଳିଙ୍ଗ ଷ୍ଟୁଡିଓ ଛକରୁ ସମ୍ ହସ୍‌ପିଟାଲ ପର୍ଯ୍ୟନ୍ତ ଉଚ୍ଚ କରିଡର ୨.୨୦ କିଲୋମିଟର, ଖଣ୍ଡଗିରିରୁ ଗଣ୍ଡମୁଣ୍ଡା ପର୍ଯ୍ୟନ୍ତ ଉଚ୍ଚ କରିଡର, ଜାଗମରା ପର୍ଯ୍ୟନ୍ତ ବିସ୍ତାରିତ ୨.୨୩ କିଲୋମିଟର, ଲକ୍ଷ୍ମୀସାଗରରୁ ସାମନ୍ତରାପୁର ଦେଇ କଳ୍ପନା ଫ୍ଲାଏ ଓଭର ଏବଂ ମ୍ୟୁଜିୟମ୍ ଛକ ୪.୯୧ କିଲୋମିଟର, ଏଜି ଛକରେ ଅଣ୍ଡର ପାସ୍ ୨.୧୨ କିଲୋମିଟର, ରାଜଧାନୀ ବାହ୍ୟ ରିଂ ରୋଡ୍, କେନ୍ଦୁପାଟଣାରୁ ଇଞ୍ଜଣା ପର୍ଯ୍ୟନ୍ତ ରାସ୍ତାର ଉନ୍ନତି ୬ କିଲୋମିଟର, ଦୟା ସେତୁରୁ ଧଉଳି ଛକ ପର୍ଯ୍ୟନ୍ତ ରାସ୍ତା ଉନ୍ନତି ୧.୭୧ କିଲୋମିଟର, ଏନ୍‌ଏଚ୍ ୧୬ରୁ ଏମ୍ସ ଛକ ଠାରୁ ଘାଟିକିଆ ପର୍ଯ୍ୟନ୍ତ ରାସ୍ତା (ଖଣ୍ଡଗିରିବାରୀ-ଭରତପୁର ଅଞ୍ଚଳକୁ ଏମ୍ସ ଛକ ସହିତ ସଂଯୋଗ କରିବା) ୩.୩୮ କିଲୋମିଟର, ମହିଳା ପଲ୍ଲିଟେକ୍‌ନିକ୍ ଠାରେ ଜାଭିୟର ଛକ ବାମ ସମାନ୍ତରାଳ ରାସ୍ତା ସହିତ ସଂଯୋଗ କରୁଥିବା ରାସ୍ତା ୧.୨୦ କିଲୋମିଟର, ପଟିଆ ଛକରୁ ଇନ୍‌ଫୋସିଟି ଛକ ସହିତ ସଂଯୋଗ କରୁଥିବା ରାସ୍ତା ୧.୭୦ କିଲୋମିଟର ଏବଂ କିଟ୍ ଛକରୁ ଶିଖର ଚଣ୍ଡିକୁ ସଂଯୋଗ କରୁଥିବା ରାସ୍ତା ୨.୧୦ କିଲୋମିଟରର ରାସ୍ତା ପ୍ରକଳ୍ପଗୁଡିକୁ ଭିଡ଼ି ହ୍ରାସ ଯୋଜନାରେ ନିଆଯାଇଛି । ମନ୍ତ୍ରୀ କହିଥିଲେ ଉତ୍ତମ ସଡ଼କ ସଂଯୋଗୀକରଣ ପାଇଁ ରାଜ୍ୟ ରାଜପଥ ଗୁଡିକୁ ଚାରିଲେନ୍ କରିବା ପାଇଁ ବଜେଟ୍‌ରେ ପ୍ରସ୍ତାବ ରହିଛି । ସେହିପରି ସଡ଼କ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଏମ୍‌ଡିଆର/ଓଡ଼ିଆର ଗୁଡିକୁ ଦୁଇ ଲେନ୍ ଭାବେ ବିକଶିତ କରାଯିବ ।

୨୦୨୫-୨୬ ବର୍ଷରେ ମଞ୍ଜୁର କରାଯାଇଥିବା ପ୍ରମୁଖ ପ୍ରକଳ୍ପଗୁଡିକ ମଧ୍ୟରେ ରହିଥିବା କଳିଙ୍ଗ ଷ୍ଟାଡିୟମ୍ ଗେଟ୍ ନଂ ୪ରୁ ରଘୁନାଥପୁର ସେତୁ ପର୍ଯ୍ୟନ୍ତ ଜଙ୍କସନ୍‌ରେ ଫ୍ଲାଏଓଭର ସହିତ ଜୟଦେବ ବିହାର ନନ୍ଦନକାନନ ରାସ୍ତାର ଉନ୍ନତି ପାଇଁ ୯୪୯.୩୫ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଭବାନୀପାଟଣା-ଖରିଆର ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ିକରଣ ପାଇଁ ୬୩୯.୯୦ କୋଟି । କେନ୍ଦୁଝରର ବାଇପାସ୍ ରାସ୍ତା ନିର୍ମାଣ ପାଇଁ ୪୩୭.୯୩ କୋଟି । କାଠଯୋଡି ନଦୀ ଉପରେ ଏସ୍‌ଏଲ୍ ସେତୁ ନିର୍ମାଣ ପାଇଁ ୨୯୭.୬୦ କୋଟି, ଫୁଲନଖରା-ନିଆଳି ରାସ୍ତାର ଉନ୍ନତି ପାଇଁ ୨୫୮.୦୪ କୋଟି, ଏନ୍‌ଏଚ୍-୫୩ ଏମ୍‌ସିଏଲ୍ ଠାରୁ ବୁର୍ଲା ରିଂ ରୋଡ ନିର୍ମାଣ ଚକୌରୁ ବୈଜମୁଣ୍ଡା ଗ୍ରାମଛକ ପର୍ଯ୍ୟନ୍ତ ୨୨୪.୧୮ କୋଟି, କୋମଟାଲପେଟା ମୁନିଗୁଡା ତୁମୁଡିବନ୍ଧ ରାସ୍ତାକୁ ପ୍ରଶସ୍ତିକରଣ କରିବା ପାଇଁ ୨୧୪.୭୧ କୋଟି, ମହାନଦୀ (ନରସିଂହପୁର ବାଲିପୁଟ) ଉପରେ ଏଚ୍‌ଏଲ୍ ସେତୁ ନିର୍ମାଣ ପାଇଁ ୨୦୬.୮୨ କୋଟି ଟଙ୍କାର ବଜେଟ୍ ମଞ୍ଜୁର ହୋଇଛି ।

ମନ୍ତ୍ରୀ କହିଥିଲେ ସରକାରଙ୍କ ବିକଶିତ ଓଡ଼ିଶା ବିକଶିତ ଦୃଷ୍ଟି ଭଙ୍ଗୀ ଅନୁଯାୟୀ ବର୍ଷକୁ ୩ ହଜାର କିଲୋମିଟର ଉନ୍ନତମାନର ସଡ଼କ ବିକାଶ କାର୍ଯ୍ୟକ୍ରମ ପ୍ରସ୍ତାବ ରହିଛି । ବଜେଟ୍ ପ୍ରସ୍ତାବିତ ଗୁରୁତ୍ୱପୂର୍ଣ୍ଣ ଯୋଜନା ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ ୨୬-୨୭ ଆର୍ଥିକ ବର୍ଷ ପାଇଁ ରାସ୍ତା ଉନ୍ନତିକରଣ କାର୍ଯ୍ୟକ୍ରମ ଯୋଜନାରେ ୭୦୮୫.୧୦ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି । ଏଥିରେ ୨୪ଶହ କିଲୋମିଟର ରାସ୍ତାର ଉନ୍ନତିକରଣ, ୩୦ ଗୋଟି ସେତୁ ଓ ୪ ଗୋଟି ରୋଡ୍ ଓଭରବ୍ରିଜ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଯୋଜନାରେ ୮୦୦ କୋଟି ବ୍ୟୟ ବରାଦ ପ୍ରସ୍ତାବ ରହିଛି । ଏହା ଦ୍ୱାରା ୨୫୦ କିଲୋମିଟର ରାସ୍ତା ଓ ୧୦ଟି ଉଚ୍ଚ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଛି । ରାଜଧାନୀ ରାସ୍ତାର ଉନ୍ନତିକରଣ କାର୍ଯ୍ୟକ୍ରମ ଯୋଜନାରେ ୩୫୦ କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ କହିବା ସହ ଐତିହାସିକ କୀର୍ତ୍ତିରାଜି, ସ୍ମାରକୀ ଓ ପର୍ଯ୍ୟଟନସ୍ଥଳୀର ସମ୍ମନିତ ଉନ୍ନୟନ ଯୋଜନା ହାତକୁ ନିଆଯାଇଛି । ମନ୍ତ୍ରୀଙ୍କ ଉତ୍ତର ପରେ ଖର୍ଚ୍ଚ ଦାବି ବାଚନିକ ଭୋଟ୍‌ରେ ଗୃହର ଅନୁମୋଦନ ଲାଭ କରିଥିଲା ।

ପୂର୍ବରୁ ଏହି ଖର୍ଚ୍ଚ ଦାବି ଆଲୋଚନାରେ ପ୍ରଥମେ ବିଧାୟକ ବାବୁ ସିଂ ଭୁବନେଶ୍ୱର ସହରର ଆବଶ୍ୟକତା ଅନୁସାରେ ରାସ୍ତାର ପ୍ରଶସ୍ତିକରଣ, ରିଂ ରୋଡ଼ ନିର୍ମାଣ ଏବଂ ଦୟା ୱେଷ୍ଟ କେନାଲ ପାର୍ଶ୍ୱ ରାସ୍ତା ନିର୍ମାଣ ସହ ଭୁବନେଶ୍ୱରକୁ ଦେଶର ସର୍ବଶ୍ରେଷ୍ଠ ସହର ରୂପେ ଗଢି ତୋଳିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପ୍ରସ୍ତାବ ଓ ପରାମର୍ଶ ଦେଇଥିଲା ବେଳେ ବିଧାୟକ ଅମର ନାୟକ ଖର୍ଚ୍ଚ ଦାବିକୁ ସମର୍ଥନ କରି ୨୦ ମାସ ଭିତରେ ରାସ୍ତା ବିକାଶ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଥିବାରୁ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ଐତିହାସିକ ପଦକ୍ଷେପ ନିଆଯାଇଥିବାରୁ ସରକାରଙ୍କୁ ସାଧୁବାଦ ଜଣାଇଥିଲେ । କଂଗ୍ରେସ ବିଧାୟକ ଦାଶରଥୀ ଗମାଙ୍ଗ ତାଙ୍କ ନିର୍ବାଚନର ମଣ୍ଡଳୀରେ ଛାତ୍ରୀମାନଙ୍କ ପାଇଁ ଉପଯୁକ୍ତ ସୁରକ୍ଷା ସହ ଛାତ୍ରୀ ନିବାସ ଓ ଶୌଚାଳୟ ନିର୍ମାଣକୁ ଗୁରୁତ୍ୱ ଦେବା ସହ ରାସ୍ତାଘାଟର ବିକାଶ ଏବଂ ରାୟଗଡ଼ା ବ୍ଲକରେ +୩ କଲେଜ ଖୋଲିବାକୁ ପ୍ରସ୍ତାବ ଦେଇଥିଲେ । କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଷ କଟକ ସହର ପାଇଁ ଆବଶ୍ୟକ ରାସ୍ତାଘାଟ ଓ ସେତୁ ନିର୍ମାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏବଂ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବାକୁ ସରକାରଙ୍କୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୁଷ୍ମନ୍ତ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସେଠୀ, ଅରବିନ୍ଦ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଏହା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ସଂପୃକ୍ତ ବିଭାଗ ମନ୍ତ୍ରୀ ଦେବା ପରେ ସେଗୁଡିକ ମଧ୍ୟ ବାଚନିକ ଭୋଟରେ ପାରିତ ହୋଇଥିଲା ।

## ୨୫ରୁ ଶ୍ରୀମନ୍ଦିର...

ଅଳଙ୍କାର ଧଳା ବା ସିଲଭର ରଙ୍ଗ ଓ ଅନ୍ୟାନ୍ୟ ଅଳଙ୍କାର ଲାଲ ରଙ୍ଗ ଭେଲଭେଟ କନାରେ ଗୁଡ଼ାଯାଇ ରଖାଯିବ ।କେବଳ ମେଳକ,ଗଣତି କରାଯିବ । କୌଣସି ମୂଲ୍ୟାୟନ ହେବ ନାହିଁ । କେବେ ସଂପୂର୍ଣ୍ଣ ଗଣତିମଣତି ସରିବ କହି ହେବ ନାହିଁ । ମନ୍ଦିର ପ୍ରଥାନୁସାରେ ପାରମ୍ପରିକ ବସ୍ତ୍ର ପିନ୍ଧି ହେବ ଗଣତିମଣତି । ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପାଇଁ ନିରୀକ୍ଷକ ଦଳ ଓ ପରିଚାଳନା ଦଳ ଏଭଳି ଦୁଇଟି ଟିମ୍ ଗଠିତ ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିରୀକ୍ଷଣ ଦଳର ଅଧ୍ୟକ୍ଷ ଅଛନ୍ତି । ରତ୍ନଭଣ୍ଡାର ତଦାରଖ କମିଟିର ଦୁଇ ଜଣ ସଦସ୍ୟ, ଜଣେ ସେବାୟତ ସଦସ୍ୟ ରହିଛନ୍ତି । ସେହିପରି ପରିଚାଳନା ଟିମରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ, ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଢ଼ଉକରଣ, ଦେଉଳକରଣ, ଶ୍ରୀମନ୍ଦିର ବଣିଆ ସେବକ, ଦୁଇ ଜଣ ସ୍ୱର୍ଣ୍ଣକାର, ଦୁଇ ଜଣ ରତ୍ନପଥର ବିଶେଷଜ୍ଞ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ଅଧିକାରୀ ପ୍ରମୁଖ ସାମିଲ ରହିବେ । ବିଶେଷ ଦିନ, ପର୍ବ ପର୍ବାଣୀ ,ଶନିବାର ଓ ରବିବାର ଦିନ ଗଣତିମଣତି ହେବ ନାହିଁ । ହାଇକୋର୍ଟ ଗଣତିମଣତି ଶେଷ ପାଇଁ ୩ ମାସ ସମୟ ଦେବାପରେ ରାଜ୍ୟ ସରକାରଙ୍କ ତରଫରୁ ତତ୍ପରତା ପ୍ରକାଶ ପାଇଛି । ସେପଟେ ଭିତର ରତ୍ନଭଣ୍ଡାରର ଗଣତିମଣତି ଦିନ ଟ୍ରେଜେରୀରୁ ଚାବି ଆସିବ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଲିବ ଏବଂ ବନ୍ଦ କରାଯିବ । ତେବେ ସମସ୍ତ ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ କରାଯିବ ବୋଲି କହିଛନ୍ତି ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ । ଅନ୍ୟପଟେ ଭଣ୍ଡାର ମେକାପ ମଧ୍ୟ ସମସ୍ତ ସହଯୋଗ କରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି ।

## ନିୟମିତ ହେଲେ ...

କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ । ସୂଚନାଯୋଗ୍ୟ ଯେ, ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ । ଶୁକ୍ରବାର ଏହି ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଶିକ୍ଷକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି ।

## ଗଞ୍ଜାମର ୫...

ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତି ମୃତକମାନଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ।

## ଆମେରିକାର...

ସମୟରେ ଏକ ଏଫ-୩୫ ଜେଟ୍ ଜରୁରୀକାଳୀନ ଅବତରଣ କରିବାକୁ ବାଧ୍ୟ କରାଯାଇଥିଲା । ମଧ୍ୟପ୍ରାଚ୍ୟ ମଧ୍ୟରେ ଥିବା ଏକ ଦେଶରେ ବିମାନଟିକୁ ଖସାଇ ଦିଆଯାଇଥିଲା ।କମାଣ୍ଡ ମୁଖପାତ୍ର କ୍ୟାପଟେନ୍ ଟିମ୍ ହକିନ୍ସଙ୍କ ଅନୁଯାୟୀ, ବିମାନଟି ସଫଳତାର ସହ ଜରୁରୀକାଳୀନ ଅବତରଣ କରିଥିଲା ଏବଂ ପାଇଲଟ୍ ସୁରକ୍ଷିତ ଅଛନ୍ତି । ଘଟଣାର ତଦନ୍ତ ବର୍ତ୍ତମାନ ଚାଲିଛି । ତଥାପି, ଆମେରିକା ସିଧାସଳଖ ନିଶ୍ଚିତ କରିନାହିଁ ଯେ ଏହି ଘଟଣା ଇରାନ ଆକ୍ରମଣର ଫଳାଫଳ । ରିପୋର୍ଟଗୁଡ଼ିକ ସୂଚିତ କରେ ଯେ ଏଫ୍-୩୫ ବିଶ୍ୱର ସବୁଠାରୁ ଉନ୍ନତ ଲଢୁଆ ବିମାନ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, ଯାହାର ମୂଲ୍ୟ ୧୦୦ ନିୟୁତ ଡଲାରରୁ ଅଧିକ ।

## ମଧ୍ୟପ୍ରାଚ୍ୟ ଯୁଦ୍ଧର ...

ଏକ୍ସପି୯୫ ପ୍ରିମିୟମ୍ ପେଟ୍ରୋଲ୍ର ଲିଟର ପିଛା ଦାମ୍ ୧୦୧.୮୦ ଟଙ୍କା ହୋଇଛି । ଏଚପିସିଏଲର ପାୱାର ପେଟ୍ରୋଲ୍ ଦାମ୍ ୨-୨.୩ ଟଙ୍କା ବଢ଼ିଛି । ପ୍ରିମିୟମ୍ ପେଟ୍ରୋଲକୁ ତୈଳ କମ୍ପାନିଗୁଡ଼ିକ ଉଚ୍ଚ ପ୍ରଦର୍ଶନକାରୀ ଇନ୍ଧନ ଭାବେ ଉପସ୍ଥାପନ କରି ବିକ୍ରି କରୁଛନ୍ତି । ତେବେ ମୋଟ୍ ତୈଳ ବିକ୍ରିରେ ପ୍ରିମିୟମ୍ ପେଟ୍ରୋଲର ଭାଗ ଯଥେଷ୍ଟ କମ୍ ରହିଛି । ଅନେକ ସମୟରେ ସାଧାରଣ ପେଟ୍ରୋଲ୍ ଶେଷ ହୋଇଯାଇଥିବା ଟାଙ୍କିଗୁଡ଼ିକରେ ପ୍ରିମିୟମ୍ ପେଟ୍ରୋଲ୍ ବିକ୍ରି ହୋଇଥାଏ ଓ ଗ୍ରାହକମାନେ ତାହା ପକାଇବାକୁ ବାଧ୍ୟ ହୋଇଥାନ୍ତି ।

## ସର୍ବଦଳୀୟ...

ଗୃହକୁ ୧୦.୫୨ ମିନିଟ୍‌ରେ ପ୍ରଥମେ ୧୧.୩୦ ପର୍ଯ୍ୟନ୍ତ ମୁଲତବୀ କରିଥିଲେ । ଏହାପରେ ମଧ୍ୟ ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ବାଚସ୍ପତି ଶ୍ରୀମତୀ ପାଢୀ ଗୃହର ସୁପରିଚାଳନା ପାଇଁ ସର୍ବଦଳୀୟ ବୈଠକ ତାଙ୍କ କକ୍ଷରେ ଡକାଇ ଏଥିରେ ଯୋଗ ଦେବାକୁ ବିରୋଧୀ ଦଳ ଉପନେତା, ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ, ଆଇନ୍ ମନ୍ତ୍ରୀ, ସରକାରୀ ଦଳ ମୁଖ୍ୟ ସଚେତକ, କଂଗ୍ରେସ ବିଧାୟକ ଦଳର ନେତା, ବିଜେଡ଼ି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସିପିଆଇଏମ୍ ଦଳ ନେତା ଲକ୍ଷ୍ମଣ ମୁଣ୍ଡା, ବିଧାୟକ ଜୟ ନାରାୟଣ ମିଶ୍ର ଓ ବିଧାୟକ ପ୍ରତାପ ଦେବଙ୍କୁ ଅନୁରୋଧ ଜଣାଇ ଗୃହକୁ ୧୧ଟା ୪୬ରେ ଦିନ ୧ ଘଟିକା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଏହାପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହ ପରିଚାଳନା ପାଇଁ ଆସିଥିଲେ ମଧ୍ୟ ପୁନର୍ବାର ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ କରିଥିଲେ । ଦ୍ୱିତୀୟାର୍ଦ୍ଧ ବୈଠକ ଅପରାହ୍ନ ୪ଟାରେ ଆରମ୍ଭ ହେବା ବେଳେ ବିରୋଧୀ ଦଳର ବିଧାୟକମାନେ ପୂର୍ବ ଭଳି ଗୃହ ମଝିରେ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ସେମାନଙ୍କ ନାରାବାଜି ଓ ହଟ୍ଟଗୋଳ ପୁନର୍ବାର ଆରମ୍ଭ କରିଥିଲେ । ସେମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଉଚ୍ଚସ୍ୱରରେ ଧ୍ୱନୀ ଦେବା ସହିତ ପୋଡିୟମ ଟେବୁଲ୍‌କୁ ବାଡେଇଥିଲେ । ଯାହାଫଳରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଶ୍ରୀମତୀ ପାଢୀ ଶୁକ୍ରବାର ଦିବସ ପାଇଁ ନିର୍ଦ୍ଧାରିତ ହୋଇଥିବା ନିର୍ମାଣ, ବିଦ୍ୟାଳୟ ଓ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗ ଖର୍ଚ୍ଚଦାବି ଆଲୋଚନା ଥିବାରୁ ବିରୋଧୀ ଦଳର ବିଧାୟକମାନଙ୍କୁ ଏଥିରେ ସହଯୋଗ କରିବା ଏବଂ ଆଲୋଚନାରେ ଭାଗ ନେବାକୁ ମଧ୍ୟ ନିବେଦନ କରିଥିଲେ । ତେବେ ବିରୋଧୀ ବିଧାୟକମାନେ ସେଥିପ୍ରତି କର୍ଣ୍ଣପାତ ନକରି ସେମାନଙ୍କ ଦାବି ପ୍ରତି ବାଚସ୍ପତି ଧ୍ୟାନ ଦେଉନଥିବା ଓ ବିଚାର କରୁନଥିବା ଦର୍ଶାଇ ତାହାର ପ୍ରତିବାଦ ଜଣାଇ କକ୍ଷ ତ୍ୟାଗ କରିଥିଲେ । ବିନା ବିରୋଧୀ ଦଳରେ ଗୃହରେ ନିର୍ମାଣ, ବିଦ୍ୟାଳୟ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା ଏବଂ ସଂପୃକ୍ତ ବିଭାଗର ମନ୍ତ୍ରୀମାନେ ଉତ୍ତର ଦେବା ପରେ ସେଗୁଡିକ ବାଚନିକ ଭୋଟ୍‌ରେ ଗୃହର ଅନୁମୋଦନ ଲାଭ କରିଥିଲା ।

# ମୁଦ୍ରିତ ଗଣମାଧ୍ୟମ ସଂସ୍ଥାର ପ୍ରକାଶକ ଓ ପରିଚାଳକଙ୍କୁ ନେଇ ପିଆରଜିଆଇ ପକ୍ଷରୁ ମତବିନିମୟ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ବିଭିନ୍ନ ମୁଦ୍ରିତ ଗଣମାଧ୍ୟମ ସଂସ୍ଥାର ମୁଦ୍ରାକର, ପ୍ରକାଶକ, ସମ୍ପାଦକ ଓ ପରିଚାଳକମାନଙ୍କୁ ନେଇ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭାରତୀୟ ପ୍ରେସ୍ ରେଜିଷ୍ଟ୍ରାର୍ ଜେନେରାଲ୍ (ପିଆରଜିଆଇ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ମତ ବିନିମୟ କାର୍ଯ୍ୟକ୍ରମ ଶୁକ୍ରବାର ଭୁବନେଶ୍ୱର ପିଆଇବି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପିଆରଜିଆଇ ପ୍ରେସ୍ ସେବା ପୋର୍ଟାଲର ଉପଯୋଗ ଏବଂ ପ୍ରେସ୍ ଓ ପତ୍ରିକା ପଞ୍ଜିକରଣ (ପିଆରପି) ଆଇନ, ୨୦୨୩ର ବିଭିନ୍ନ ନୂତନ ନିୟମାବଳୀକୁ ନେଇ ଆଲୋଚନା ହୋଇଛି ।

ପିଆରଜିଆଇ, ନୂଆଦିଲ୍ଲୀର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ସନ୍ତୋଷ କୁମାର ଏବଂ ଏନଆଇସି, ନୂଆଦିଲ୍ଲୀର ସହାୟକ ନିର୍ଦ୍ଦେଶକ ଗୌରବ ଶର୍ମା ଏହି ମତବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସମ୍ବାଦପତ୍ର ଓ ପତ୍ରପତ୍ରିକାର ନିୟମିତ ପ୍ରକାଶନ, ପିଆରଜିଆଇ (ପୂର୍ବରୁ ଆରଏନଆଇ)ର ବିଭିନ୍ନ ସଂଶୋଧିତ ନିୟମାବଳୀ, ପତ୍ରପତ୍ରିକାର ପଞ୍ଜୀକରଣ, ପ୍ରକାଶନ, ନ୍ୟୁଜ୍ ପ୍ରିଣ୍ଟ, ପ୍ରକାଶନ ସଂଖ୍ୟା ଯାଞ୍ଚ ସମେତ ବିଭିନ୍ନ ପ୍ରକାରର ବ୍ୟବସ୍ଥା, ପ୍ରକ୍ରିୟା ଓ ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରକାଶନ ଯାଞ୍ଚ ଅଡିଟକୁ ପାରଦର୍ଶୀ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବିଶେଷ କରି ପ୍ରେସ୍ ସେବା ପୋର୍ଟାଲର ବ୍ୟବହାରକୁ ନେଇ ରହିଥିବା ସମସ୍ୟା ଏବଂ ମୁଦ୍ରିତ ଗଣମାଧ୍ୟମ ସଂସ୍ଥାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ବୈଷୟିକ ତ୍ରୁଟି ସମ୍ପର୍କରେ ସେମାନେ ପ୍ରକାଶକ ଓ ମୁଦ୍ରାକରମାନଙ୍କ ଠାରୁ ମତାମତ ନେଇଥିଲେ । ଆଜିର ଆଲୋଚନାରୁ ବାହାରିଥିବା ନିଷ୍କର୍ଷ ପିଆରପି ଆଇନ, ୨୦୨୩କୁ କାର୍ଯ୍ୟକାରୀ କରିବାରେ ସହାୟକ ହେବ ବୋଲି ଶ୍ରୀ ସନ୍ତୋଷ କୁମାର ମତ ରଖିଥିଲେ ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓଡ଼ିଶାର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଏଭଳି ମତବିନିମୟ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ । ସେ କହିଥିଲେ, ରାଜ୍ୟସ୍ତରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ମୁଦ୍ରିତ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପାଇଁ ପିଆରପି ଆଇନର କାର୍ଯ୍ୟକାରିତା ସୁଗମ ହେବ ଏବଂ ଏହା ସମ୍ବାଦପତ୍ର ଓ ପତ୍ରିକାର ପ୍ରକାଶନରେ ଅଧିକ ଦକ୍ଷତା ଆଣିବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଖବରକାଗଜର ପ୍ରକାଶକ, ମୁଦ୍ରାକର ଓ ସମ୍ପାଦକ ଯୋଗଦେଇଥିଲେ ।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ପାଳିତ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**




ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷା ଏମିରେଟସ୍ ଶ୍ରୀମତି ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ବେଶ୍ ଉତ୍ସାହର ସହ ପାଳନ କରାଯାଇଛି । ଜନ୍ମଦିନ ଉତ୍ସବ ପାଳନ ଅବସରରେ ବିଭିନ୍ନ ମାନବକଲ୍ୟାଣଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର କର୍ମଚାରୀମାନେ ଉପସ୍ଥିତ ରହି ଅନୁଗୁଳ ଜିଲ୍ଲାର ବିଭିନ୍ନ ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ଅନ୍ତେବାସୀଙ୍କ ସହିତ ସମୟ ବିତାଇବା ସହ ଏକାଠି ଭୋଜନ କରିଥିଲେ । ଏହା ସହିତ ବୃଦ୍ଧବୃଦ୍ଧା ଏବଂ ପିଲାମାନଙ୍କୁ ସ୍ନେହ ବାଣ୍ଟିବା ସହ ଯଥାସମ୍ଭବ ସହାୟତା ମଧ୍ୟ ପ୍ରଦାନ କରିଥିଲେ । ଜନ୍ମଦିନ ପାଳନ ଅବସରରେ ଅନୁଗୁଳ ପ୍ରକଳ୍ପ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇସ୍ପାତ ଜୋନ୍) ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସଏମଏସ୍ ଏବଂ ମିଲ୍ସ) ହୃଦୟେଶ୍ୱର ଝା ଏବଂ ସଭାପତି (ମାନବ ସମ୍ବଳ) ଦିଲୀପ ସିହ୍ନାଙ୍କ ସମେତ ବିଭାଗୀୟ ମୁଖ୍ୟ, କର୍ମଚାରୀ, ସମସ୍ତ କର୍ମବୀର ଏବଂ ସଂପ୍ରଦାୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସମସ୍ତେ ସାବିତ୍ରୀ ଜିନ୍ଦଲଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ ମଙ୍ଗଳକାମନା କରିଥିଲେ । ଜିନ୍ଦଲ ନଗରରେ ଅବସ୍ଥିତ ଦେବଭୂମି ମନ୍ଦିର ଓ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ପୂଜାପାଠ ଓ ପ୍ରାର୍ଥନାର ଆୟୋଜନ କରାଯାଇଥିଲା । ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସାବିତ୍ରୀ ଜିନ୍ଦଲ ଜୀଙ୍କ ନିରନ୍ତର ସ୍ୱାସ୍ଥ୍ୟ, ଖୁସି ଏବଂ ସମୃଦ୍ଧି ପାଇଁ ଆଶୀର୍ବାଦ ଭିକ୍ଷା କରାଯାଇଥିଲା । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୀରଭୂମି (ଶ୍ରମିକ ବିହାର) ଆଦି ଜିନ୍ଦଲ ଷ୍ଟିଲର ବିଭିନ୍ନ କାର୍ଯ୍ୟସ୍ଥଳୀରେ ଜନ୍ମଦିନ ଉତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ମିଳିତ ପ୍ରୀତିଭୋଜନର ଆୟୋଜନ କରାଯାଇଥିଲା । ଯାହା ଏକାତା ଓ କୃତଜ୍ଞତାର ଭାବନାକୁ ପ୍ରତିଫଳିତ କରିଥିଲା । ଅନେକ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଥିବା ଶ୍ରୀମତି ସାବିତ୍ରୀ ଜିନ୍ଦଲଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ଦିନଟିକୁ ସେବା ପାଇଁ ଉତ୍ସର୍ଗ କରାଯାଇଥିଲା । କରୁଣା ଓ ସମସ୍ତଙ୍କୁ ନେଇ ଆଗକୁ ବଢ଼ିବାର ଯେଉଁ ମୂଲ୍ୟବୋଧରେ ଜିନ୍ଦଲ ଷ୍ଟିଲ ବିଶ୍ୱାସ ରଖେ, ତାହା ପୁଣି ଥରେ ପ୍ରତିଫଳିତ ହୋଇଥିଲା । ସାବିତ୍ରୀ ଜିନ୍ଦଲ ସାଧାରଣ ଲୋକଙ୍କ ସେବା ପାଇଁ ସାର୍ବଜନୀନ ଜୀବନରେ ଉଲ୍ଲେଖନୀୟ ଅବଦାନ ଦେଇ ଆସୁଛନ୍ତି । ସେ ହରିୟାଣା ସରକାରରେ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ଏବଂ ବର୍ତ୍ତମାନ ହିସାରରୁ ସ୍ୱାଧୀନ ବିଧାୟକ ଭାବରେ ପ୍ରତିନିଧିତ୍ୱ କରୁଛନ୍ତି । ସାର୍ବଜନୀନ ସେବା ଏବଂ ପରୋପକାର କାର୍ଯ୍ୟରେ ତାଙ୍କର ନିରନ୍ତର ଯୋଗଦାନ ମାଧ୍ୟମରେ, ସେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅବହେଳିତ ସମ୍ପ୍ରଦାୟର ଉନ୍ନତି ଉପରେ କେନ୍ଦ୍ରିତ ପଦକ୍ଷେପଗୁଡ଼ିକୁ ସମର୍ଥନ କରିଆସୁଛନ୍ତି ।

# ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲୋକସେବା ଭବନ ଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସୂଚନାଯୋଗ୍ୟ ଯେ, ୨୧୦ କୋଟି ଟଙ୍କା ବ୍ୟୟରେ କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ଏହି ପ୍ରକଳ୍ପ ଜରିଆରେ ବିକଶିତ କରାଯିବ । ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ୧୪୨ ଏକର ଅଂଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା ପାଇଁ ମଧ୍ୟ ଉପଯୋଗୀ କରାଯିବ । ଏଥିରେ ଓଡ଼ିଶା ହାଟ, ହେରିଟେଜ ଭିଲେଜ, ପିକନିକ୍ ଏରିଆ, ଇଣ୍ଟରପ୍ରିଟେସନ ସେଣ୍ଟର, ଫୁଡ କୋର୍ଟ, ଲନ, ବଗିଚା, ମହାନଦୀ କୂଳ ସ୍ଥିତ ବିଭିନ୍ନ ୱାଟରବଡିର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ରହିଛି । ଏସବୁ ନିର୍ମାଣ କାର୍ଯ୍ୟରେ ଗ୍ରୀନ ଟ୍ରିବ୍ୟୁନାଲ ଗାଇଡଲାଇନ ପାଳନ କରାଯିବ । ଏହି ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଜାତୀୟ ସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱ ଦେଇଥିଲେ । ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ସମସ୍ତ ପ୍ରାରମ୍ଭିକ ପ୍ରକ୍ରିୟା ଯଥାଶୀଘ୍ର ଶେଷ କରି ପ୍ରଥମ ପର୍ଯ୍ୟାୟ କାମ ତୁରନ୍ତ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମହାନଦୀ କୂଳ ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି, ସେହି ପ୍ରକଳ୍ପ ଗୁଡ଼ିକର ମଧ୍ୟ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ଏହି ପ୍ରକଳ୍ପ ଗୁଡିକ ନଦୀତଟକୁ ସୁରକ୍ଷା ଦେବା ସହିତ ପର୍ଯ୍ୟଟକ ମାନଙ୍କ ପାଇଁ ମଧ୍ୟ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟ କାମ ବେଳେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ନ୍ୟାସନାଲ ଲ' ୟୁନିଭର୍ସିଟି ନିକଟସ୍ଥ ପଠାକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ । ଅଧିକ ଆକର୍ଷଣୀୟ କରିବା ପାଇଁ ମହାନଦୀ ମଧ୍ୟରେ କ୍ରୁଜ ଚଳାଚଳ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ମତ ଦେଇଥଲେ । ଏ ସବୁ ସୌନ୍ଦର୍ଯ୍ୟକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜିବ ମିଶ୍ର, ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆ, କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ୍ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ମନ୍ଦାସା ରୋଡ ରେଳ ଷ୍ଟେସନରେ ବ୍ରହ୍ମପୁର-ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସର ପରୀକ୍ଷାମୂଳକ ରହଣି

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ଜନସାଧାରଣଙ୍କ ଦୀର୍ଘଦିନର ଦାବି ଓ ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ପାଇଁ, ତାରିଖ ୨୦.୦୩.୨୦୨୬ ଠାରୁ ମନ୍ଦାସା ରୋଡ ରେଳ ଷ୍ଟେସନରେ ବ୍ରହ୍ମପୁର-ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସକୁ ପରୀକ୍ଷାମୂଳକ ରହଣି ପ୍ରଦାନ କରାଯାଇଛି । ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ କିଞ୍ଜରାପୁ ରାମ ମୋହନ ନାଇଡୁ ଏହି ଅବସରରେ ଯୋଗଦେଇ ମନ୍ଦାସା ରୋଡ ରେଳ ଷ୍ଟେସନରେ ଟ୍ରେନକୁ ପତାକା ଦେଖାଇ ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଖୋର୍ଧା ରୋଡ ମଣ୍ଡଳ ର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଡି. ସୁନିଲ୍ ସହ ଅନ୍ୟାନ୍ୟ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ । ଟ୍ରେନ୍ ରହଣି ସମୟସୂଚୀ:



ଟ୍ରେନ୍ ନଂ. ୧୮୫୨୬ ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସ ମାଣ୍ଡାସା ରୋଡ୍‌ରେ ସନ୍ଧ୍ୟା ୧୯:୦୩ରେ ପହଞ୍ଚି ୧୯:୦୪ରେ ପ୍ରସ୍ଥାନ କରିବ । ଫେରତି ଦିଗରେ, ଟ୍ରେନ୍ ନଂ. ୧୮୫୨୫ ବ୍ରହ୍ମପୁର-ବିଶାଖାପାଟଣା ଏକ୍ସପ୍ରେସ ମାଣ୍ଡାସା ରୋଡ୍‌ରେ ପ୍ରଭାତ ୧୦:୩୮ରେ ପହଞ୍ଚି ୧୦:୩୯ରେ ପ୍ରସ୍ଥାନ କରିବ । ଏହି ପଦକ୍ଷେପ ମନ୍ଦାସା ଓ ପାଖାପାଖି ଅଞ୍ଚଳର ଯାତ୍ରୀମାନଙ୍କ ପାଇଁ ଯାତାୟାତ ସୁବିଧାକୁ ବୃଦ୍ଧି କରିବା ସହ ଅଞ୍ଚଳର ସ୍ଥାନୀୟ ଯାତ୍ରା ଏବଂ ଆର୍ଥିକ କାର୍ଯ୍ୟକଳାପକୁ ଉନ୍ନତ କରିବ ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-ROB-SOUTH-KUR-550, ତା.13.03.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପଲାସା ମେନ୍ ଲାଇନରେ EI (ANSALDO ନିର୍ମିତ) ର ରୂପାନ୍ତରଣ ସହିତ ଲେଭେଲ କ୍ରସିଙ୍ଗ (ଲେଭେଲ କ୍ରସିଙ୍ଗ ନଂ. 319, 322, 326, 330, 334, 348, 351, 353, 354 ଓ 358) ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ।

**ଟେଣ୍ଡର ମୂଲ୍ୟ :** ₹7,12,07,728.78, **EMD :** ₹5,06,000/-

ବିଡ୍ ଆରମ୍ଭ ହେବା ତାରିଖ : ତା.23.03.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.04.2026ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-1245/Q/25-26

# 'ବାପା' ଶୀର୍ଷକ ଆଲୋଚନାଚକ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

'ସାଂପ୍ରତିକ ସମାଜ ବ୍ୟବସ୍ଥାରେ ବାପାମାଆ ମାନେ ଅବହେଳାର ଶିକାର ହେଉଛନ୍ତି, ଯାହା ଏକ ବ୍ୟାଧିଗ୍ରସ୍ତ ସମାଜ ଆଡକୁ ଦେଶ ଟାଣି ହୋଇ ଯାଉଛି' ବୋଲି ଭୁବନେଶ୍ୱରସ୍ଥିତ ଲକ୍ଷ୍ମୀସାଗରର ଏମରାଲ୍ଡ ଭବନ କମ୍ୟୁନିଟ ହଲରେ ଗତକାଲି ସଂଧ୍ୟାରେ 'ବାପା' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

ସର୍ବୋଦୟ ନେତା ତଥା ସମାଜସେବୀ ବାଉରୀବନ୍ଧୁ ମହାନ୍ତି ସ୍ମୃତି ନ୍ୟାସ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ 'ବର୍ତ୍ତମାନର ଯୁବପିଢି ନିଜ ସନ୍ତାନମାନଙ୍କୁ କେବଳ କ୍ୟାରିୟର ଗଢିବାର ମାନସିକ ପ୍ରସ୍ତୁତି ନୁହେଁ ବରଂ ସାମାଜିକତା ଓ ମାନବତା ଉପରେ ଶିକ୍ଷିତ କରାଇବାର ଆବଶ୍ୟକତା ରହିଛି ।' ବିଶିଷ୍ଟ କଥାକାର ଓ ଔପନ୍ୟାସିକ ଡକ୍ଟର ବାସନ୍ତୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସାହିତ୍ୟିକ ଓ ପ୍ରାବନ୍ଧିକ ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ,ବିଶିଷ୍ଟ କଥାକାର ଓ ଔପନ୍ୟାସିକ କବିତା ବାରିକ,ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ, ଓଡ଼ିଆ ବିଶ୍ୱ ବିଦ୍ୟାଳୟର ଅଧ୍ୟାପିକା ଡକ୍ଟର ଶର୍ମିଷ୍ଠା ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଜୟଶ୍ରୀ ପଟ୍ଟନାୟକ, କବୀ ସବିତା ମହାନ୍ତି, କଥାକାର ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ, ବିଶିଷ୍ଟ କଥାକାର ରଞ୍ଜନ ସାହୁ, ଅବସରପ୍ରାପ୍ତ ପ୍ରଫେସର ଗଙ୍ଗାଧର ଦାଶ, ଲେଖକ ତଥା 'ସଂପର୍କସେତୁ'ର ସଂପାଦକ ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଅତୀତର ମହାନ ପିତାମାନଙ୍କ ସମାଜ ଓ ଦେଶ ପ୍ରତି ଅବଦାନ ଉପରେ ଆଲୋକପାତ କରିଥିଲେ । ଶେଷରେ ଅଧ୍ୟାପିକା ସଂଘମିତ୍ରା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଭୁବନେଶ୍ୱର,
୨୧ମାର୍ଚ୍ଚ, ଶନିବାର,
୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ମହାପ୍ରଭୁଙ୍କୁ ଲାଗି ହେଲା ମିଠା ଓ ଘିଅ ପଖାଳ

**ପୁରୀ, ୨୦/୦୩**
**ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ପଖାଳ ପ୍ରିୟ । ବର୍ଷକ ବାରମାସ ପ୍ରଭୁଙ୍କୁ ଲାଗିହୁଏ ନାନା ପ୍ରକାର ପଖାଳ । ନିଇତି ବଡ଼ସିଂହାର ଭୋଗରେ ପ୍ରଭୁଙ୍କୁ ଲାଗି ହୁଏ ପଖାଳ । ମହାପ୍ରଭୁଙ୍କୁ ଲାଗି ହେଉଥିବା ପଖାଳ ଅନ୍ୟ ସାଧାରଣ ପଖାଳଠାରୁ ଖୁବ୍ ନିଆରା । ମହାପ୍ରଭୁଙ୍କୁ ଭୋଗରେ ଲାଗେ ମିଠା ପଖାଳ, ଘିଅ ପଖାଳ ଓ ନାନାଦି ବ୍ୟଞ୍ଜନ। ବିଭିନ୍ନ ସମୟରେ ନୀତି ଓ ତିଥି ମୁତାବକ ଭିନ୍ନଭିନ୍ନ ପ୍ରକାର ପଖାଳ ଭୋଗ ଲାଗି ହୋଇଥାଏ । ଲାଗି ହେଉଥିବା ବିଭିନ୍ନ ପଖାଳ ମଧ୍ୟରେ ସୁବାସିତ ପଖାଳ, ମିଠା ପଖାଳ, ଟଭା ପଖାଳ, ପାଣି ପଖାଳ, ଚୁପୁଡ଼ା ପଖାଳ, ଦହି ପଖାଳ ଓ ଘିଅ ପଖାଳ ଆଦି ରହିଛି। ଭୋଗ ସୁଆର ବିଶ୍ୱନାଥ ସାମନ୍ତରାଙ୍କ ସୂଚନା ମୁତାବକ, ଶୁକ୍ରବାର ମଧ୍ୟାହ୍ନ ଧୂପରେ ମହାପ୍ରଭୁଙ୍କୁ ୧୧ ଓଳି ସୁବାସ ପଖାଳ ଲାଗି



ହୋଇଥିଲା। ସନ୍ଧ୍ୟା ଧୂପରେ ୨୩ ଓଳି ପାଣି ପଖାଳ ଓ ସାନ ଓଳି ପଖାଳ ୨ ଓଳି ପରସା ଯାଇଛି । ସେହିଭଳି ବଡ଼ସିଂହାର ଭୋଗରେ ୧୧ ଓଳି ମିଠା ପଖାଳ ମହାପ୍ରଭୁଙ୍କୁ ଭୋଗଲାଗେ । ବିଭିନ୍ନ ନିଯୋଗ ପକ୍ଷରୁ ଦହି ପଖାଳ ବରାଦ ହେଲେ ମଧ ଭୋଗ ଲାଗି ହୁଏ। ଏହି ସମସ୍ତ ପଖାଳ ଭୋଗ ମହାପ୍ରଭୁଙ୍କୁ ମାଟି ଓଳିରେ ପରସା ଯାଏ। ପଖାଳ ସହ ମହାପ୍ରଭୁଙ୍କୁ କାଞ୍ଜି ଓ କଦଳି ବଡା ମଧ ପରସା ଯାଏ । ପଖାଳ ପ୍ରସ୍ତୁତି ପାଇଁ ରୋଷଘରେ ରହିଛି ୩ଟି ପଖାଳ କୁଣ୍ଡ। ଅନ୍ନ ରନ୍ଧା ପରେ ପଖାଳ କୁଣ୍ଡରେ ପଡ଼ିଥାଏ। ପଖାଳ ଦିବସ କିଛିବର୍ଷ ହେଲା ପାଳନ ହେଉଛି ହେଲେ ଭୋଜନ ପ୍ରିୟ ମହାପ୍ରଭୁଙ୍କ ପାଇଁ ବର୍ଷକ ବାରମାସ ପଖାଳ ଦିବସ ବୋଲି ଶ୍ରୀ ସାମନ୍ତରା କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍'ରୁ ୧୨ ବର୍ଷରେ ଆୟ ହୋଇଛି ୩୮ କୋଟି

**ନୂଆଦିଲ୍ଲୀ, ୨୦/୦୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍' ବିଗତ ୧୨ ବର୍ଷ ମଧ୍ୟରେ ୩୮ କୋଟି ଟଙ୍କା ଆୟ କରିଛି । ସାମାଜିକ ଏବଂ ରାଜନୈତିକ କାର୍ଯ୍ୟକର୍ତ୍ତା ବିବେକ ପାଣ୍ଡେଙ୍କ ପକ୍ଷରୁ ମଗାଯାଇଥିବା ଏକ ଆରଟିଆଇ ଆବେଦନର ଉତ୍ତରରୁ ଏହା ଜଣାପଡ଼ିଛି । ସେ ଅନୁସାରେ, ୨୦୧୪ ମସିହାରୁ ୨୦୨୨ ନଭେମ୍ବର ମାସଯାଏ 'ମନ୍ କି ବାତ୍'ର ପ୍ରମୋସନ ଲାଗି ସରକାରଙ୍କ ପକ୍ଷରୁ ୫ କୋଟି ୮୮ଲକ୍ଷ ୮୯ ହଜାର ୬୫୬ ଟଙ୍କା ଖର୍ଚ୍ଚ ହୋଇଥିଲା।

ତେବେ ୨୦୧୪ରୁ ୨୦୨୬ ଜାନୁଆରୀ ମାସ ଯାଏ ୧୨ ବର୍ଷରେ ଏହା ମୋଟ ୩୮ କୋଟି ୪୯ ଲକ୍ଷ ଟଙ୍କା ରୋଜଗାର କରିଛି । ସେଥିମଧ୍ୟରେ ବିଗତ ୩ ବର୍ଷରେ ହୋଇଥିବା ୫.୩୩ କୋଟିର ଆୟ ସାମିଲ ନାଗରିକଙ୍କ ସହ ସିଧାସଳଖ ସଂଯୋଗ ସ୍ଥାପନ, ତୃଣମୂଳସ୍ତରର ପ୍ରେରଣାଦାୟକ ଉଦ୍ୟମ ଉପରେ ଆଲୋକପାତ କରିବା ଲାଗି ୨୦୧୪ ମସିହା ଅକ୍ଟୋବର ମାସରେ



ଏହି ରେଡିଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହା ଏକ ଯୋଗାଯୋଗ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବା ସହ ଆର୍ଥିକ ଭାବେ ଲାଭଦାୟକ ମଧ ସାବ୍ୟସ୍ତ ହୋଇଛି । ୨୦୧୪ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ କେବଳ ଏକ ଯୋଗାଯୋଗ ପ୍ଲାଟଫର୍ମ ଭାବରେ ନୁହେଁ ବରଂ ଆର୍ଥିକ ଭାବରେ ମଧ ସଫଳ ହୋଇଛି ।

୨୦୧୪ ମସିହା ଅକ୍ଟୋବର ୩ ତାରିଖରେ 'ମନ୍ କି ବାତ୍'ର ପ୍ରଥମ ଏପିସୋଡ଼ ପ୍ରସାରଣ ହୋଇଥିଲା । ଏହା ପରଠାରୁ, ଏହି କାର୍ଯ୍ୟକ୍ରମ ସାରା ଦେଶରୁ ସକାରାତ୍ମକ ସାମାଜିକ ପଦକ୍ଷେପ ଏବଂ ବ୍ୟକ୍ତିଗତ ସଫଳତାକୁ ଉଜ୍ଜ୍ୱଳ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ପ୍ରତିମାସରେ ଶେଷ ରବିବାର ଦେଶବାସୀଙ୍କୁ 'ମନ୍ କି ବାତ୍' ଶୁଣିବାକୁ ମିଳେ। ବର୍ତ୍ତମାନ ଏହା ୨୩ଟି ଭାରତୀୟ ଭାଷା ଏବଂ ୨୯ଟି ଉପଭାଷାରେ ପ୍ରସାରିତ ହେଉଛି। ଏହାର ସଦ୍ୟତମ ଏପିସୋଡ୍ (୧୩୧ତମ) ଚଳିତ ବର୍ଷ ଫେବୃୟାରୀ ୨୨ ତାରିଖରେ ପ୍ରସାରିତ ହୋଇଥିଲା। ପରବର୍ତ୍ତୀ ପ୍ରସାରଣ ମାର୍ଚ୍ଚ ୨୯ ତାରିଖରେ ହେବ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ଥାନୀୟ ସଫଳତା କାହାଣୀ ଏବଂ ସାମାଜିକ ପରିବର୍ତ୍ତନରେ ଯୋଗଦାନ ଦେଉଥିବା ସମ୍ପ୍ରଦାୟ-ଚାଳିତ ପ୍ରୟାସ ଉପରେ ଆଲୋକପାତ କରିଥାନ୍ତି।

# ମାଓ ପ୍ରଭାବିତ ଅଞ୍ଚଳର ବିକାଶ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



**ଭୁବନେଶ୍ୱର, ୨୦/୩**
**ନ୍ୟୁଜ ବ୍ୟୁରୋ**

ରାଜ୍ୟର ମାଓ ପ୍ରଭାବିତ ଅଞ୍ଚଳରେ ସାମଗ୍ରିକ ଉନ୍ନତି ପାଇଁ ଗତ ୨୦୨୪ ମସିହା ଅକ୍ଟୋବର ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ "ଗ୍ରାମୋଦୟ" ଭଳି ଅଭିନବ ପଦକ୍ଷେପ ନିଆଯାଇଥିଲା। ଏହି ପଦକ୍ଷେପରେ ସଂପୃକ୍ତ ଅଞ୍ଚଳରେ ବିଭିନ୍ନ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ କିପରି କାର୍ଯ୍ୟକାରୀ କରାଯାଉଛି, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏ ସଂପର୍କିତ ରାଜ୍ୟସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ସମସ୍ତ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ସଂପୃକ୍ତ ଅଞ୍ଚଳର ଜନସାଧାରଣ ଓ ହିତାଧିକାରୀଙ୍କୁ ଶତ ପ୍ରତିଶତ ଲକ୍ଷ୍ୟଭିତ୍ତିକ (ସାଚ୍ୟୁରେସନ ମୋଡ)ରେ ସୁବିଧା କାର୍ଯ୍ୟକାରୀ କରିବାକୁ ସେ ବିଭିନ୍ନ ବିଭାଗଙ୍କୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ବୈଠକରେ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ବିଭାଗମାନଙ୍କ ତରଫରୁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ତଥ୍ୟ ପ୍ରଦାନ କରି ଆଲୋଚନା କରିଥିଲେ। ସୂଚନାଥାଉକି, ମାଓ ପ୍ରଭାବିତ ଅଞ୍ଚଳରେ ସାମୁହିକ ଓ ପରିବାର ଭିତ୍ତିରେ ଜନକଲ୍ୟାଣକାରୀ ଯୋଜନା ଓ ମୌଳିକ ସୁବିଧାକୁ ଲକ୍ଷ୍ୟଭିତ୍ତିକରେ ଶତ ପ୍ରତିଶତ କାର୍ଯ୍ୟକାରୀ କରାଇ ସରକାର-ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ବିକାଶ ପ୍ରତି ପାରସ୍ପରିକ ଆସ୍ଥା ସ୍ଥାପନ କରିବା ଉଦ୍ଦେଶ୍ୟ ରଖି ଏହା ଆରମ୍ଭ କରାଯାଇଥିଲା। ଏହି ପଦକ୍ଷେପରେ ରାଜ୍ୟର ମାଓ ପ୍ରଭାବିତ ୧୦ଟି ଜିଲ୍ଲାର ୩୯ଟି ବ୍ଲକର ୧୯୨ ଗ୍ରାମପଞ୍ଚାୟତର ୪୮୪ ଗ୍ରାମରେ ୫୭ ହଜାର ୨୯୬ ପରିବାରଙ୍କୁ ଚିହ୍ନଟ କରାଯାଇ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପଦକ୍ଷେପ ନିଆଯାଇଛି। ଏହି ଜିଲ୍ଲାମାନଙ୍କ ମଧ୍ୟରେ ରହିଛି ବରଗଡ଼, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡା ଜିଲ୍ଲା। ଏସବୁ ଜିଲ୍ଲାର ଚିହ୍ନଟ କରାଯାଇଥିବା ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକୁ ଅନୁଧ୍ୟାନ ଓ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପରିଚାଳନା କମିଟି, ଜିଲ୍ଲାସ୍ତରରେ ଜିଲ୍ଲାପାଳ, ବ୍ଲକ ସ୍ତରରେ ବିଡିଓଙ୍କ ଅଧ୍ୟକ୍ଷତାରେ ଏବଂ ଗ୍ରାମପଞ୍ଚାୟତ ସ୍ତରରେ କମିଟି ଗଠନ କରାଯାଇ କାର୍ଯ୍ୟ ତଦାରଖ କରାଯାଉଛି। ଏଥିପାଇଁ ସଂପୃକ୍ତ ୨୦ଟି ବିଭାଗର ଅଧିକାରୀମାନଙ୍କ ଦ୍ୱାରା ପ୍ରାଥମିକ ସର୍ବେକ୍ଷଣ କରାଯାଇ ବିଭିନ୍ନ କ୍ଷେତ୍ରରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରାଯିବା ପାଇଁ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।

### ରାଜ୍ୟସ୍ତରୀୟ 'ପଖାଳ ପରବ' ପାଳିତ

# ଓଡ଼ିଶାର ଐତିହ୍ୟକୁ ସମ୍ମାନ ଜଣାଇବାକୁ ଆମ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୦/୩ ନ୍ୟୁଜ ବ୍ୟୁରୋ**

ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ରାଜ୍ୟସ୍ତରୀୟ 'ପଖାଳ ପରବ' କାର୍ଯ୍ୟକ୍ରମ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପଖାଳକୁ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ପଖାଳ ଦିବସର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା। ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜି ନଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ନିଜ ପିଲାଦିନ ସହିତ ପଖାଳର ସମ୍ପର୍କ କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ କେବଳ ଗରିବର ଖାଦ୍ୟ ନୁହେଁ, ବରଂ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମଧ୍ୟ ପ୍ରିୟ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଏବଂ ପଖାଳ ଭୋଗ ଲାଗି ହୋଇଥାଏ। ଭଗବାନଙ୍କ ପାଖରେ ଏହି ସରଳ ଖାଦ୍ୟର ଅର୍ପଣ ଦର୍ଶାଏ ଯେ ସାଧାରଣ ଜୀବନଶୈଳୀ କେତେ ଶୁଦ୍ଧ। ପଖାଳର ସବୁଠାରୁ ବଡ଼ ଗୁଣ ହେଉଛି ଏହା 'ଜିରୋ ୱେଷ୍ଟ' ଖାଦ୍ୟ। ପଖାଳର ପ୍ରୋ- ବାୟୋଟିକ ଗୁଣ ବିଷୟରେ କହି ମୁଖ୍ୟମନ୍ତ୍ରୀ ପଖାଳରେ ଥିବା ହିତକର ଜୀବାଣୁ, ଯାହା ଦେହରେ ଥିବା ଅନିଷ୍ଟକାରୀ ଜୀବାଣୁଙ୍କୁ ମାରି ଦେଇ ଥାଆନ୍ତି ବୋଲି ନିଜ ଅଭିଭାଷଣରେ



କହିଥିଲେ। ସେ କହିଥିଲେ ଯେ, ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉ ନାହିଁ, ଏହା ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି। ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆମାନେ ଏହି ଦିନକୁ ଗର୍ବର ସହିତ ପାଳନ କରୁଛନ୍ତି। ପଖାଳ ଦେଶ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି ସହିତ ଯୋଡ଼ି ରଖିବାର ଏକ ମାଧ୍ୟମ ହୋଇଛି। ଏହା ଆମକୁ ଗର୍ବିତ କରୁଛି ଯେ ଆମର ସଂସ୍କୃତି ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚି ପାରୁଛି।

ପଖାଳ ପରବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱର ସମଗ୍ର ଚାଷୀ ସମାଜକୁ କୃତଜ୍ଞତା ଜଣାଇଥିଲେ ଏବଂ ଯୁବ ପିଢ଼ିଙ୍କୁ ଓଡ଼ିଆ ପରମ୍ପରାର ମୂଲ୍ୟ ବୁଝିବାକୁ ଅନୁରୋଧ କରିଥିଲେ । ଦ୍ରୁତଗତିରେ ପରିବର୍ତ୍ତିତ ହେଉଥିବା ବିଶ୍ୱରେ, ଆଗକୁ ବଢ଼ିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଆମର ମୂଳ ସହିତ ମଧ୍ୟ ଯୋଡି ହୋଇରହିବା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ପଖାଳ ଦିବସ ଆଜି ଆମ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ । ନିଜର ପୁରାତନ ସଂସ୍କୃତିକୁ ସୁରକ୍ଷିତ ରଖି ଆଧୁନିକତା ଆଡ଼କୁ ଦୃଢ଼ ଭାବେ ଅଗ୍ରସର ହେବା ହିଁ ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ପଖାଳ ଦିବସ ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ସମ୍ମାନ ଜଣାଇବା ଏବଂ ଏହାକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିବା ପାଇଁ ଆମ ସରକାର ଯେଉଁ ନିରନ୍ତର ଉଦ୍ୟମ କରୁଛନ୍ତି, ତାହା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଏକ ନୂତନ ଆଶା ଏବଂ ଗର୍ବ ସୃଷ୍ଟି କରିଛି ବୋଲି ସେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଇଣ୍ଡୋନେସିଆ, ମାଲେସିଆ, ବାହାରିନ, ସିଙ୍ଗାପୁର ସମେତ ୧୫ଟି ରାଜ୍ୟରୁ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ପ୍ରବାସୀ ଓଡ଼ିଆମାନଙ୍କ ସହ କଥା ହୋଇଥିଲେ। ଏହି ଅବସରରେ ବିଶ୍ୱସ୍ତର ଏବଂ ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର କରୁଥିବା ସେଫ୍‌ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ବିଶେଷ କରି ଗିନିଜ ବୁକ ଅଫ ୱାର୍ଲଡ ରେକର୍ଡ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶୁକ୍ରବାର ୮୫୦ କିଲୋଗ୍ରାମ ଚାଉଳରେ ପ୍ରସ୍ତୁତ ୧୧୭୭ କିଲୋଗ୍ରାମର ପଖାଳ ସମସ୍ତଙ୍କୁ ଆକର୍ଷିତ କରିଥିଲା। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଖାଳ ଅବହେଳିତ ସମ୍ପ୍ରଦାୟର ୨୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ବଣ୍ଟା ଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାନ୍ଥନିବାସ ଠାରେ ସମସ୍ତ ଅତିଥିମାନଙ୍କ ସହ ଓଡ଼ିଆ ଖାଦ୍ୟ ମେଳା ବୁଲି ଦେଖିଥିଲେ ଏବଂ ପ୍ରାୟ ୩୨୬ ପ୍ରକାର ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତିକୁ ଅନେକ ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ସମସ୍ତ ମାନ୍ୟଗଣ୍ୟ ଅତିଥିଙ୍କ ସହ ପଖାଳ ଖାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିବାବେଳେ ବିଧାୟକଗଣ ଏବଂ ବିଶେଷ ଅତିଥିଗଣ ଉପସ୍ଥିତ ଥିଲେ।

# ୪୪, ୩୯, ୬୦୨ଜଣ ଛାତ୍ରଛାତ୍ରୀଙ୍କୁ ଦିଆଯାଉଛି ମାଗଣା ଡ୍ରେସ

**ଭୁବନେଶ୍ୱର, ୨୦/୦୩**
**ନ୍ୟୁଜ ବ୍ୟୁରୋ**

ସରକାରୀ ସ୍କୁଲ୍ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ୍ ମାନଙ୍କରେ ପଢୁଥିବା ୪୪ଲକ୍ଷ ୩୯ ହଜାର ୬୦୨ଜଣ ଛାତ୍ରଛାତ୍ରୀଙ୍କୁ ମାଗଣା ଡ୍ରେସ୍ ମୁଣ୍ଡପିଛା ୧ ହଜାର ଟଙ୍କା ହାରରେ ଚଳିତବର୍ଷ ମୋଟ ୪୪୩ କୋଟି ୯୬ ଲକ୍ଷ ୨ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ ପ୍ରକାଶ କରିଛନ୍ତି । ଶାସକ ଦଳ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୁଣ୍ଡପିଛା ୧ ହଜାର ଟଙ୍କାରେ ପୋଷାକ ଦୁଇହଳ, ଏକ ଟି ସାର୍ଟ ୧୨୫ ଟଙ୍କା ଓ ଟ୍ରାକ ପ୍ୟାଣ୍ଟ ୧୨୫ ଟଙ୍କା, ଏକହଳ ଜୋତା ଓ ଦୁଇହଳ ମୋଜା ୨୦୦ ଟଙ୍କା, ଏକ ଟୋପି ୩୦ ଟଙ୍କା, ଏକଗୋଟି ପରିଚୟ ପତ୍ର ୨୦ ଟଙ୍କା। ଯୋଗାଇ ଦିଆଯାଇଅଛି। ସେହିପରି ମାଧ୍ୟମିକ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମୁଣ୍ଡପିଛା ୧୦୦୦ ଟଙ୍କାରେ ଦୁଇହଳ ପୋଷାକ, ଏକ ଟିସାର୍ଟ, ଟ୍ରାକ ପ୍ୟାଣ୍ଟ, ଏକହଳ ଜୋତା, ଦୁଇହଳ ମୋଜା ଦିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୦/୦୩/୨୦୨୬
୬,୯୭,୪୪୯/- ଟଙ୍କା
ସୁନା:-୦୦ଗ୍ରାମ୍୦୮୦ ମିଲିଗ୍ରାମ
ରୂପା:-୩୯ଗ୍ରାମ୍୦୦୦ ମିଲିଗ୍ରାମ

# ପ୍ରିୟଦର୍ଶନୀ ମାର୍କେଟ୍ କମ୍ପ୍ଲେକ୍ସରେ ଭୟାବହ ଅଗ୍ନିକାଣ୍ଡ

**ଭୁବନେଶ୍ୱର**
**୨୦/୩ ନ୍ୟୁଜ ବ୍ୟୁରୋ**



ପ୍ରିୟଦର୍ଶନୀ ମାର୍କେଟ୍ କମ୍ପ୍ଲେକ୍ସରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ଧୂଆଁମୟ ହେଲା ସିଆରପି ଛକ ଅଞ୍ଚଳ। ଦେଖୁ ଦେଖୁ ମାର୍କେଟ କମ୍ପ୍ଲେକ୍ସର ପ୍ରଥମ ମହଲାରେ ଥିବା ଏକାଧିକ ଦୋକାନରେ ନିଆଁ ବ୍ୟାପି ଯାଇଥିଲା। ଭିତରେ ଥିବା ସମସ୍ତ ଦୋକାନୀ ବାହାରକୁ ଦୌଡ଼ିଥିଲେ। ଏନେଇ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ୫ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫାୟାର ଫାଇଟ୍ ଟିମ୍ ନିଆଁକୁ ଆୟତ୍ତ କରିବକୁ ଉଦ୍ୟମ ଜାରି ରଖିଥିଲା। ମାର୍କେଟ୍ କମ୍ପ୍ଲେକ୍ସ କିଛି ଗୋଦାମ ଘରରେ ଜୋରଦାର ନିଆଁ ଲାଗିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟ, ଶୁକ୍ରବାର ପ୍ରାୟ ସାଢ଼େ ୧୦ଟାରୁ ୧୧ଟା ମଧ୍ୟରେ ସିଆରପି ଅଞ୍ଚଳରେ ଥିବା ପ୍ରିୟଦର୍ଶନୀ ମାର୍କେଟ କମ୍ପ୍ଲେକ୍ସରେ ହଠାତ୍ ନିଆଁ ଲାଗିଯାଇଥିଲା। ମାର୍କେଟ କମ୍ପ୍ଲେକ୍ସରେ ଥିବା ଗିଫ୍ଟ ଦୋକାନରୁ ନିଆଁ ଲାଗିବା ସ୍ଥାନୀୟଲୋକ ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡିନଥିବା ବେଳେ ସଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ନିଆଁ ଯୋଗୁଁ ପୂରା ମାର୍କେଟ କମ୍ପ୍ଲେକ୍ସ ଧୂଆଁମୟ ହୋଇଯାଇଥିଲା। ଘଟଣାସ୍ଥଳରେ ଫାୟାର ଷ୍ଟେସନ୍, କଳ୍ପନା ଛକ, ସଚିବାଳୟ ଦମକଳରୁ ପ୍ରଥମେ ଦମକଳ ଗାଡ଼ି ପହଞ୍ଚିଲା। ଘଟଣାସ୍ଥଳରେ ଫାୟାର ଫାଇଟର ଟିମ୍ ପାଇଁ ନିଆଁକୁ ଆୟତ୍ତ କରିଥିଲେ। ତେବେ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଥିଲା କି ନାହିଁ ଜଣାପଡିନାହିଁ। ତଦନ୍ତ ପରେ ନିଆଁ ଲାଗିବାର କାରଣ ଜଣାପଡ଼ିବ।

## ଅଗ୍ନି ସୁରକ୍ଷା ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୨୦/୦୩ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ପ୍ରିୟଦର୍ଶନୀ ମାର୍କେଟ୍ କମ୍ପ୍ଲେକ୍ସରେ ଘଟିଥିବା ଅଗ୍ନିକାଣ୍ଡ ପରେଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହକାରେ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକରେ ଅଗ୍ନି ସୁରକ୍ଷାପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଏ ସଂପର୍କରେ ବିଭିନ୍ନ ପଦକ୍ଷେପ ନେଇ ସଂପୃକ୍ତ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦେବା ସହିତ ଜନସାଧାରଣଙ୍କୁ ଅଗ୍ନି ନିରାପତ୍ତା ପ୍ରସଙ୍ଗରେ ଯଥେଷ୍ଟ ସଚେତନ ଓ ସତର୍କତା ଅବଲମ୍ବନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି ।

ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଗୃହ, ଶିକ୍ଷ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅଗ୍ନିଶମ ସେବା ପୁଲିସ୍ ମହାନିର୍ଦ୍ଦେଶକ ଡଃ. ସୁଧାଂଶୁ ଷଡ଼ଙ୍ଗୀ, ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ, ଶକ୍ତି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଭୁବନେଶ୍ୱର ମହାନଗର ନିଗମ କମିଶନର ଚଞ୍ଚଳ ରାଣାଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶୁକ୍ରୁ ଠାରେ ହିଁ ଶେଷ ହେବ ମାଓ ଅପରେସନ : ଡିଜିପି

**ଭୁବନେଶ୍ୱର, ୨୦/୦୩ ନ୍ୟୁଜ ବ୍ୟୁରୋ**

ରାୟଗଡ଼ା-କଳାହାଣ୍ଡି-କନ୍ଧମାଳ ଜଙ୍ଗଲ ସୀମାନ୍ତରେ ମାଓ ନେତା ଶୁକ୍ରୁକୁ ଘେରି ରହିଛି ସୁରକ୍ଷା ବାହିନୀ । ଜୋରଦାର୍ ଅପରେସନ ଚାଲିଛି। ଆସନ୍ତା ୩୧ ତାରିଖ ସୁଦ୍ଧା ଓଡିଶାରୁ ମାଓବାଦୀ ନିପାତ ହେବେ । ହାର୍ଡକୋର୍ ଶୁକ୍ରୁ ଠାରେ ହିଁ ଶେଷ ହେବ ମାଓ ଅପରେସନ । ପୋଲିସ୍ ଡିଜି ୱାଇବି ଖୁରାନିଆ ଶୁକ୍ରବାର ଏହି ସୂଚନା ଦେଇଛନ୍ତି।
ମାଓ ଅପରେସନ ଏବେ ଶେଷ ପର୍ଯ୍ୟାୟରେ ବୋଲି ଡିଜିପି ସୂଚନା ଦେଇଛନ୍ତି। ସେପଟେ ମାଓବାଦୀଙ୍କୁ ଡିଜିପି ଶେଷ ଚେତାବନୀ ଦେଇ କହିଛନ୍ତି ବନ୍ଧୁକ ଛାଡି ମୁଖ୍ୟ ସ୍ରୋତରେ ସାମିଲ ହୁଅ । ହିଂସା ଛାଡି ଅହିଂସାର ରାସ୍ତା ଆପଣାଅ । ନହେଲେ ଓଡିଶା ପୋଲିସ ଜେସାକୁ ତେସା ନୀତି ଆପଣାଇବ । କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମାଓ ଦମନ ଅଭିଯାନର ସମୟସୀମା ମାର୍ଚ୍ଚ ମାସ ୨୦୨୬ରେ ସରିବାକୁ ଯାଉଥିବାବେଳେ ମାଓ ଅପରେସନକୁ ଆହୁରି ଜୋରଦାର କରାଯାଇଛି। ସରକାରଙ୍କ ପକ୍ଷରୁ ଯେଉଁ ପୁନର୍ବାସ ଯୋଜନା କରାଯାଇଛି ତାର ଫାଇଦା ନେବାକୁ ଅପିଲ କରିଛନ୍ତି ପୋଲିସ ଡିଜି । ଏହାସହ ହତିୟାର ନେଇ ଆତ୍ମସମର୍ପଣ କଲେ ମିଳିବ ସରକାରୀ ସହାୟତା । କିନ୍ତୁ ହିଂସା ପଥ ଆପଣାଇଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦେଇଛନ୍ତି ଡିଜିପି ୱାଇ.ବି. ଖୁରାନିଆ ।






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ମାଫିଆଙ୍କ କବ୍‌ଜାରେ ବାଲୁଖଣ୍ଡ ଅଭୟାରଣ୍ୟ: ଦିନ ଦ୍ୱିପ୍ରହରେ କାଟି ନେଉଛନ୍ତି ଗଛ

**ପୁରୀ, ୨୦/୦୩**
**ନ୍ୟୁଜ ବ୍ୟୁରୋ**

କେବଳ ଫଳକରେ ସୀମିତ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଭୟାରଣ୍ୟ । ବିପଦରେ ପୁରୀ ଜିଲ୍ଲାରେ ଅଛି ବିଶାଳ ଜଙ୍ଗଲ ଓ ପାହାଡ଼। ବେଆଇନ ଭାବେ ଜଙ୍ଗଲ କାଟିବା ଓ ପାହାଡ଼ ଖୋଳି ଲଘୁ ଖଣିଜ ଦ୍ରବ୍ୟ ଚାଲାଣ କରାଯିବା ଜିଲ୍ଲାର ପରିବେଶକୁ ପ୍ରଭାବିତ କରୁଛି। ଭୟରେ ଥରହର ହରିଣ, ମାଙ୍ଗଡ଼ ଓ ଅନ୍ୟ ବନ୍ୟପ୍ରାଣୀ। ପୁରୀ-କୋଣାର୍କ ମେରାଇନ ଡ୍ରାଇଭ, ବ୍ରହ୍ମଗିରି-ସାତପଡ଼ା, ପଟ୍ଟନାୟିକିଆ ଡେଲାଙ୍ଗ-ଖୋର୍ଦ୍ଧା ରାସ୍ତାରେ ଯିବା ବେଳେ ଜଙ୍ଗଲ ଓ ପାହାଡ଼ ଚୋରିର ଦୃଶ୍ୟ ପରିବେଶ ସୁରକ୍ଷା ପ୍ରତି ସମ୍ବେଦନଶୀଳ ବ୍ୟକ୍ତିଙ୍କୁ ତାଜୁବ୍ କରୁଛି। ପୁରୀ-କୋଣାର୍କ ରାସ୍ତାରେ ଯିବା ପରେ ଅଭୟାରଣ୍ୟ ବୋଲି ଲେଖାଯାଇଥିବା ବାଲୁଖଣ୍ଡ ବନ୍ୟପ୍ରାଣୀ ବନାଞ୍ଚଳକୁ ମାଫିଆମାନେ କିପରି ଦିନ ଦ୍ୱିପହରେ କାଟି ନେଉଛନ୍ତି ତାହା ଦେଖାଯାଉଛି। ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟ ନିକଟରେ ଏପରି ଜଙ୍ଗଲ କାଟ ଓ ଚାଲାଣ ହେଉଥିଲେ ହେଁ ପ୍ରଶାସନିକ ଅଧିକାରୀ ନିରବ। ଏହି ବନାଞ୍ଚଳର ନିଷିଦ୍ଧାଞ୍ଚଳ ଥିବା ଇକୋସେନ୍ସିଟିଭି ଅଞ୍ଚଳକୁ ମଧ ପ୍ରଶାସନ ସୁରକ୍ଷା ଦେଉନି । ଏଠାରେ ଗଢ଼ି ଉଠିଛି ହୋଟେଲ, ଫାର୍ମ ହାଉସ୍, ରେଷ୍ଟୋରାଁ ସାଙ୍ଗକୁ ଅନେକ ବ୍ୟାବସାୟିକ ସଂସ୍ଥା। ଯାହାକୁ ନେଇ ଏନ୍‌ଜିଟିକୁ ମାମଲା ଯାଇଛି।

ସେପଟେ ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ନାମରେ ଫଲ୍ସ ବିଲ୍ କରି ପ୍ରତିବର୍ଷ ଚଳୁ ହେଉଛି କୋଟି କୋଟି ଟଙ୍କା। ପୁରୀ ଜିଲ୍ଲାର ପୁରୀ ସଦର, କାକଟପୁର, ସତ୍ୟବାଦୀ, ବ୍ରହ୍ମଗିରି, ନିମାପଡ଼ା, ପିପିଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୀ ବନ୍ୟପ୍ରାଣୀ ଓ ଖୋର୍ଦ୍ଧା ବନଖଣ୍ଡ ତରଫରୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନା ଯଥା-ବର୍ଦ୍ଧିତ ସବୁଜ ବଳୟ (ଆଇଜିସି), ସବୁଜ ମହାନଦୀ ମିଶନ (ଜିଏମ୍ଏମ୍), କାମ୍ପା, ମନରେଗା ଭାରତୀୟ ଉପକୂଳ ଅଧିକାରୀ ଗୋଷ୍ଠୀଙ୍କ ନିମନ୍ତେ ଜଳବାୟୁ ସହନଶୀଳତା ଅଭିବୃଦ୍ଧି (ଆଇସିଆରଆଇସିସି), ସାମାଜିକ ଦାୟିତ୍ୱବୋଧ ଯୋଜନା (ଏସ୍ଆରସି) ଓ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍ଡିଏମ୍ଏଫ୍)ରେ ବୃକ୍ଷରୋପଣ ନିମନ୍ତେ ସମୁଦାୟ ୪ କୋଟି ୨୦ ଲକ୍ଷ ୬୯ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଦୁଇ ଆର୍ଥିକ ବର୍ଷରେ ଏହି ନିର୍ବାଚନ ମଣ୍ଡଳୀମାନଙ୍କରେ ମୋଟ ୨୦୧.୫୦ ହେକ୍ଟର ସଘନ





ବନୀକରଣ, ୧୩୦ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ୭୭ କିମି ପଥପାର୍ଶ୍ୱ ବନୀକରଣ ସହିତ ୧୪ ହଜାର ଚାରା ସହରାଞ୍ଚଳ ବନୀକରଣରେ ବ୍ୟବହାର ହୋଇଛି । ଏହି ନବୀକରଣରେ ମୋଟ୍ ୫.୫୫ ଲକ୍ଷ ଚାରାରୋପଣ କରାଯାଇଛି। ଏହାବାଦ୍ ୪.୮୨ ଲକ୍ଷ ଚାରା ବିଭିନ୍ନ ଅନୁଷ୍ଠାନ ଓ ହିତାଧିକାରୀଙ୍କୁ ନିଜସ୍ୱ ଜମିରେ ରୋପଣ ନିମନ୍ତେ ବଣ୍ଟନ କରାଯାଇଛି ।

ରିପୋର୍ଟରୁ ଜଣାପଡ଼ିଛି, ୨୦୨୪-୨୫ରେ ପିପିଲି ନିର୍ବାଚନମଣ୍ଡଳୀରେ ଲାଗିଥିବା ଗଛ ମଧ୍ୟରୁ ୫୫ରୁ ୭୦% ଗଛ ବଞ୍ଚିଛନ୍ତି। ଯେତେବେଳେ କି ୨୦୨୫-୨୬ରେ ଏଠାରେ ୫୫ରୁ ୮୦% ଗଛ ବଞ୍ଚିଥିବା ଜଣାପଡ଼ିଛି । ମାତ୍ର ଅନ୍ୟ ଅଞ୍ଚଳରେ ୯୮ରୁ ୧୦୦% ବନୀକରଣ ସଫଳ ହୋଇଥିବା ରିପୋର୍ଟ କହୁଛି । ୨୦୨୩-୨୪ରୁ ୨୦୨୫-୨୬ ମଧ୍ୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଖୋର୍ଦ୍ଧା ବନ୍ୟପ୍ରାଣୀ ଅଞ୍ଚଳରେ ଉଜୁଡ଼ା ଜଙ୍ଗଲ ପୁନଃରୁଦ୍ଧାର ନିମନ୍ତେ ୧ କୋଟି ୩ ଲକ୍ଷ ୫୦ ହଜାର, ଚିଲିକା ବନ୍ୟପ୍ରାଣୀ ଅଞ୍ଚଳରେ ୭୦ ଲକ୍ଷ ୬୭ ହଜାର ଟଙ୍କା ଓ ପୁରୀ ବନ୍ୟପ୍ରାଣୀ ଅଞ୍ଚଳରେ ୫୯.୯୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।

ସେହିପରି ବନ୍ୟପ୍ରାଣୀ ଅଞ୍ଚଳକୁ ନଷ୍ଟ କରି ନିଜର ପ୍ରତିଷ୍ଠାନ କରିବା ନିମନ୍ତେ ଦୁର୍ବୃତ୍ତମାନେ ନିଆଁ ଲଗାଇବା ଚକ୍ରବ୍ୟୂହ ରଚନା କରିଛନ୍ତି । ପ୍ରତିବର୍ଷ ଲାଗୁଥିବା ନିଆଁ ବହୁ ହେକ୍ଟର ଜଙ୍ଗଲ ନଷ୍ଟ କରିଛି । ୨୦୧୯ରେ ୧୩ ଥର ନିଆଁ ଲାଗି ୩୨.୪୧ ହେକ୍ଟର, ୨୦୨୦ରେ ୪ ଥର ନିଆଁ ଲାଗି ୮.୨ ହେକ୍ଟର, ୨୦୨୧ରେ ୧୫ ଥରରେ ୯୦.୧ ହେକ୍ଟର, ୨୦୨୨ରେ ୭ ଥରରେ ୧୬.୫ ହେକ୍ଟର, ୨୦୨୩ରେ ୨୧ ଥରରେ ୬୬.୬ ହେକ୍ଟର, ୨୦୨୪ରେ ୨୯ ଥରରେ ୪.୭୨ ହେକ୍ଟର, ୨୦୨୫ରେ ୧୦ ଥର ନିଆଁ ଲାଗି ୧୬.୧ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଥିବା ରିପୋର୍ଟ ହୋଇଛି । ୨୦୨୩ ଆଇଏସ୍ଏଫ୍ଆର ତଥ୍ୟ ମୁତାବକ ପୁରୀ ଜିଲ୍ଲାରେ ୨୮୫.୦୩ ବର୍ଗ କିଲୋମିଟର ଜଙ୍ଗଲ ରହିଥିଲା । ୨୦୨୧ରେ ପ୍ରାୟ ୧.୩୭ ବର୍ଗ କିଲୋମିଟର ଜଙ୍ଗଲକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର ହୋଇଥିଲା। ପୁରୀ ଜିଲ୍ଲାରେ ପ୍ରାୟ ୧୫୬୬.୧୯ ହେକ୍ଟର ଅଣସଂରକ୍ଷିତ ଜଙ୍ଗଲ ଜମି ରହିଛି । ସେହିପରି ୬୨୦୫ ପ୍ରସ୍ତାବିତ ଅଣସଂରକ୍ଷିତ ଜଙ୍ଗଲ ଜମି ଓ ୩୨୫.୫୮୨ ଗ୍ରାମ୍ୟ ଜଙ୍ଗଲ ରହିଛି । ମାତ୍ର ଜିଲ୍ଲାରେ ସଂରକ୍ଷିତ ଜଙ୍ଗଲ ପରିମାଣ ଶୂନ । ଯେତେବେଳେ କି ଏହା ଭିତରୁ ୨୪.୫ ହେକ୍ଟର ଅଣସଂରକ୍ଷିତ ଜଙ୍ଗଲ ଓ ୪୦୬ ହେକ୍ଟର ପ୍ରସ୍ତାବିତ ଅଣସଂରକ୍ଷିତ ଜଙ୍ଗଲକୁ ମିଶାଇ ମୋଟ୍ ପ୍ରାୟ ୪୩୦ ହେକ୍ଟର ଜଙ୍ଗଲ ଜମି ଜବରଦଖଲରେ ରହିଛି । ଏନେଇ ୩୭ଟି ମାମଲା ହୋଇଥିଲେ ହେଁ ଜବରଦଖଲ ହଟାଇବା ନିମନ୍ତେ ପଦକ୍ଷେପ ସଂଖ୍ୟା ଶୂନ । ପୁରୀ ଜିଲ୍ଲାର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଅଞ୍ଚଳରେ ବିରଳ ଖଣିଜ ଠାବ ପରେ ଏହା ଉପରେ ଥିବା ବିଶାଳ ଅଣସଂରକ୍ଷିତ ଜଙ୍ଗଲ ଜମି ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଖଣି ଉତ୍ତୋଳନ ନିମନ୍ତେ ୬୧୦.୮ ହେକ୍ଟର ଜଙ୍ଗଲ ଜମି କିସମ ବଦଳାଇବାକୁ ସରକାରୀ ପଦକ୍ଷେପ ଆରମ୍ଭ ହୋଇଛି । ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିମନ୍ତେ ପ୍ରସ୍ତାବିତ ୨୭.୮୮୭ ହେକ୍ଟର ଜଙ୍ଗଲ ଜମି କିସମ ପରିବର୍ତ୍ତନ ନିମନ୍ତେ ପ୍ରଶାସନିକ ପଦକ୍ଷେପ ଉପରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା । ୧୯୮୭ ମସିହାରେ ପୁରୀ ବାଲୁଖଣ୍ଡ କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମାତ୍ର ୩୯ ବର୍ଷ ପରେ ବି ଏନେଇ ଜମି ଅଧିଗ୍ରହଣ କରିବାକୁ ପଦକ୍ଷେପ ନେଉନି ସ୍ଥାନୀୟ ପ୍ରଶାସନ । ୧୯୯୯ ଓ ୨୦୧୯ ବାତ୍ୟାରୁ ସୁରକ୍ଷା ଦେଇ ନିଜକୁ ମାଟିରେ ମିଶାଇ ଦେଇଥିବା ଜଙ୍ଗଲ ଏବେ ତାହାର ପରିଚୟ ଖୋଜି ବୁଲୁଛି । ଡିଏଫ୍ଓ ମଗର ଧନଜୀ ରାଓସୋ କହିଛନ୍ତି, ବେଆଇନ ଜଙ୍ଗଲ କାଟୁଥିବା ବ୍ୟକ୍ତିଙ୍କ ବିରୋଧରେ ନିଶ୍ଚିତ ପଦକ୍ଷେପ ନିଆଯିବ । ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ । ଜଙ୍ଗଲ ଜବରଦଖଲ ନେଇ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।